

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୯ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 NOVEMBER 2020

Vol.No. 30 ■ No. 302 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତିନୋଟି ସ୍ଥାନରେ ଟୀକା ବିକାଶ ଓ ଉତ୍ପାଦନ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୮।୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ତିନୋଟି ସହର ଗସ୍ତ କରି କରୋନା ଟୀକା ବିକାଶ ଏବଂ ଉତ୍ପାଦନ ପ୍ରକ୍ରିୟାର ବିସ୍ତୃତ ସମୀକ୍ଷା କରିଛନ୍ତି। ସେ ଅହମ୍ମଦାବାଦର ଜାଇଡସ ବାୟୋଟେକ ପାର୍କ, ହାଇଦ୍ରାବାଦର ଭାରତ ବାୟୋଟେକ ଏବଂ ପୁଣେସ୍ଥିତ ସେରମ ଇନଷ୍ଟିଚ୍ୟୁଟ ପରିଦର୍ଶନ କରିଥିଲେ। ଟୀକା ବିକାଶ ପ୍ରକ୍ରିୟାର ଏପରି ଗୁରୁତ୍ୱପୂର୍ଣ୍ଣ ସମୟରେ ସେମାନଙ୍କର ମନୋବଳ ବୃଦ୍ଧି କରିବା ଓ ସେମାନଙ୍କର ପ୍ରୟାସକୁ ତ୍ୱରାନ୍ୱିତ କରିବା ଲାଗି ପ୍ରଧାନମନ୍ତ୍ରୀ ସିଧାସଳଖ ସେମାନଙ୍କୁ ସାକ୍ଷାତ କରିବାକୁ ଆସିଥିବାରୁ ବୈଜ୍ଞାନିକମାନେ ଗଭୀର ଆନନ୍ଦ ପ୍ରକଟ କରିଥିଲେ। ଭାରତର ସ୍ୱଦେଶୀ ଟୀକା ବିକାଶ ବର୍ତ୍ତମାନସୁଦ୍ଧା ଏତେ ଦ୍ରୁତ ଗତିରେ ଅଗ୍ରଗତି ଲାଭ କରିବା ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଟୀକା ବିକାଶର ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଭାରତ କିଭଳି ଭାବେ ବିଜ୍ଞାନର ସଠିକ ନୀତିକୁ ପାଳନ କରୁଛି ସେ ସମ୍ପର୍କରେ ସେ କହିବା ସହିତ ଟୀକା ବିକାଶ ପ୍ରକ୍ରିୟାକୁ ଉନ୍ନତ କରିବା ଲାଗି କେତେକ ପରାମର୍ଶ ଲୋଡ଼ିଥିଲେ। ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ ଯେ ଟୀକାଗୁଡ଼ିକୁ ଭାରତ କେବଳ ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରେ ନାହିଁ ବରଂ ବିଶ୍ୱର କଲ୍ୟାଣ ଦୃଷ୍ଟିରୁ ବିଚାର କରିଥାଏ। କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ନିଜ ପଡ଼ୋଶୀ ଦେଶ ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ସହାୟତା କରିବା ଭାରତର କର୍ତ୍ତବ୍ୟ। ଭାରତ କିଭଳି ଭାବେ ଏହାର ନିୟନ୍ତ୍ରକ ପ୍ରକ୍ରିୟାରେ ଉନ୍ନତି ଆଣି ପାରିବ ସେ ସମ୍ପର୍କରେ ମୁକ୍ତ ଏବଂ ଖୋଲାଖୋଲି ମତ ରଖିବା ନିମନ୍ତେ ସେ ବୈଜ୍ଞାନିକମାନଙ୍କୁ ଆହ୍ୱାନ କରିଥିଲେ। କୋଭିଡ-୧୯ର ଉନ୍ନତ ଚିକିତ୍ସା ଲାଗି କିପରି ଭାବେ ବିଭିନ୍ନ ନୂଆ ଏବଂ ନିର୍ଦ୍ଦିଷ୍ଟ ଔଷଧ ବିକଶିତ କରାଯାଉଛି ସେ ସମ୍ପର୍କରେ ବୈଜ୍ଞାନିକମାନେ ଆଲୋକପାତ କରିଥିଲେ। ଅହମ୍ମଦାବାଦସ୍ଥିତ ଜାଇଡସ ବାୟୋଟେକ ପରିଦର୍ଶନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, "ଜାଇଡସ କ୍ୟାଡିଲା ଦ୍ୱାରା ବିକଶିତ କରାଯାଉଥିବା ଡିଏନଏ ଆଧାରିତ ସ୍ୱଦେଶୀ ଟୀକା ବିଷୟରେ ଅଧିକ ଜାଣିବା ଲାଗି ଅହମ୍ମଦାବାଦସ୍ଥିତ ଜାଇଡସ ବାୟୋଟେକ ପାର୍କ ପରିଦର୍ଶନ କଲି। ଏହି କାର୍ଯ୍ୟ ପଛରେ ଥିବା ଟିମର ପ୍ରୟାସକୁ ମୁଁ ପ୍ରଶଂସା କରୁଛି। ଏହି ଯାତ୍ରାରେ ସେମାନଙ୍କୁ ସହାୟତା ଦେବା ଲାଗି ଭାରତ ସରକାର ସେମାନଙ୍କ ସହିତ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି।

▶▶ପୃଷ୍ଠା ୭

## ଚାଷୀଙ୍କ ସହ ଆଲୋଚନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ : ଅମିତ୍ ଶାହା



ନୂଆଦିଲ୍ଲୀ,୨୮।୧୧ (ନି.ପ୍ର): କେନ୍ଦ୍ର ସରକାର ଚାଷୀଙ୍କ ପ୍ରତ୍ୟେକ ସମସ୍ୟା ଏବଂ ଦାବି ଉପରେ ବିଚାର କରିବାକୁ ପ୍ରସ୍ତୁତ। ଡିସେମ୍ବର ୩ ରେ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଆଲୋଚନା କରିବେ ବୋଲି କୃଷି ଆଇନ ବିରୋଧରେ ବିକ୍ଷୋଭ କରୁଥିବା କୃଷକମାନଙ୍କୁ ଗୃହମନ୍ତ୍ରୀ ଅମିତ ଶାହା ଏକ ବାର୍ତାରେ କହିଛନ୍ତି। ପଞ୍ଜାବ ସୀମାରୁ ଦିଲ୍ଲୀ-ହରିୟାଣା ସୀମା ପର୍ଯ୍ୟନ୍ତ ବିଭିନ୍ନ କୃଷକ ସଂଗଠନର ଆହ୍ୱାନରେ ବିକ୍ଷୋଭ ପ୍ରଦର୍ଶନ ଜାରି କରିଥିବା କୃଷକମାନେ ସିନ୍ଧୁ ସୀମାରେ ପ୍ରତିବାଦ ଜାରି ରଖିଛନ୍ତି। ସେମାନଙ୍କୁ ଅମିତ ଶାହା କହିଛନ୍ତି ଯେ ଭାରତ ସରକାର ଆପଣଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି । କୃଷକମାନେ ଯଦି ଡିସେମ୍ବର ୩ ପୂର୍ବରୁ କଥା ହେବାକୁ ଚାହାଁନ୍ତି, ତେବେ ସରକାର ମଧ ଏଥିପାଇଁ ପ୍ରସ୍ତୁତ ଅଛନ୍ତି। ଅମିତ ଶାହା କହିଛନ୍ତି ଯେ ବିଭିନ୍ନ ଜାତୀୟ ତଥା ରାଜ୍ୟ ରାଜପଥରେ କୃଷକ ଭାଇମାନେ ଏତେ ଥଣ୍ଡା ସମୟରେ ଟ୍ରାକ୍ଟର-ଟ୍ରଲି ସହିତ ଖୋଲା ସ୍ଥାନରେ ବସିଛନ୍ତି। ଦିଲ୍ଲୀ ପୋଲିସ ସେମାନଙ୍କୁ ଏକ ବଡ ସ୍ଥାନକୁ ନେବାକୁ ପ୍ରସ୍ତୁତ ଅଛି, ଯେଉଁଠାରେ ସୁରକ୍ଷା ବ୍ୟବସ୍ଥା ଏବଂ ସୁବିଧା ପାଇବେ । ରାସ୍ତାରେ ସ୍ଥିର ହୋଇଥିବା ସ୍ଥାନରେ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଙ୍କବଭଭରକ୍ୱ ଙ୍ଗରେ ନିଜର ବିକ୍ଷୋଭ ପ୍ରଦର୍ଶନ କରନ୍ତି, ତେବେ ଏହା କୃଷକଙ୍କ ସମସ୍ୟା ତଥା ସାଧାରଣ ଜନତାଙ୍କ ସମସ୍ୟା ମଧ ହ୍ରାସ କରିବ। ତେବେ ପଞ୍ଜାବର ଭାରତୀୟ କିସାନ ୟୁନିଅନର ସାଧାରଣ ସମ୍ପାଦକ ହରିନ୍ଦର ସିଂ କହିଛନ୍ତି ଯେ ଆମେ ବିରୋଧ ଜାରି ରଖିବାକୁ ନିଷ୍ପତି ନେଇଛୁ। ଆମେ ଅନ୍ୟ କୌଣସି ସ୍ଥାନକୁ ଯିବୁ ନାହିଁ ।

## ଅଫିସ୍ ନଯାଇ ଦାଖଲ କରିହେବ ଜୀବିତ ପ୍ରମାଣପତ୍ର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୧ (ନି.ପ୍ର): କୋଭିଡ୍-୧୯ ମହାମାରୀ ସମୟରେ ପେନସନ୍ ଭୋଗୀମାନଙ୍କୁ ସେମାନଙ୍କର ଜୀବିତ ପ୍ରମାଣପତ୍ର ଦାଖଲରେ ସହାୟତା ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ୫-'ଟି' ଅନ୍ତର୍ଗତ 'ଦ୍ୱାର ପାଖରେ ଜୀବିତ ପ୍ରମାଣପତ୍ର ଦାଖଲ' ଯୋଜନା ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସରକାରୀ କାର୍ଯ୍ୟାଳୟକୁ ନଯାଇ ପେନ୍ସନ୍ ଭୋଗୀମାନଙ୍କୁ ସେମାନଙ୍କର ଜୀବିତ ପ୍ରମାଣପତ୍ର ଦାଖଲ କରିବାରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି ।

## ବିଜେପି ବିଧାୟକ ମାନେ ଗୃହ ଅଚଳ କରୁଛନ୍ତି: ବାହିନୀପତି

ଭୁବନେଶ୍ୱର,୨୮।୧୧ (ନି.ପ୍ର): ଗୃହରେ ବିଶୃଙ୍ଖଳା କରୁଥିବା ଅଭିଯୋଗରେ ବିଜେପି ବିଧାୟକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରା ନଯିବ ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସେ କହିଥିଲେ ଯେ ସଂସଦରେ ବିଜେପି ସରକାର ବିଶୃଙ୍ଖଳା କରୁଥିବା ସାଂସଦ ମାନଙ୍କୁ ସମାଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ଏଠି ବିଜେପି ବିଧାୟକ ମାନେ ଗୃହକୁ ଦିନ ଦିନ ଧରି ଅଚଳ କରି ରଖୁଛନ୍ତି ।

## ବିଧାନସଭା ସମ୍ମୁଖରେ ପୁଣି ଆତ୍ମାହୁତି ଉଦ୍ୟମ



ଭୁବନେଶ୍ୱର,୨୮।୧୧ (ନି.ପ୍ର): ନ୍ୟାୟ ପାଇବାରୁ ବଂଚିତ ହୋଇଥିବା କାରଣରୁ ଆଜି ବିଧାନସଭା ସମ୍ମୁଖସ୍ଥ ଆଇଜି ପାର୍କ ନିକଟରେ ମା- ପୁଅ ଆତ୍ମାହୁତିର ପ୍ରୟାସ କରିଥିଲେ । ତେବେ ପୋଲିସ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଛି । ଖବର ନେବାରୁ ଜଣା ଯାଏ ଯେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଅଂଚଳର ସୁଲୋଚନା ଦାସ ଓ ସୁବ୍ରତ ଦାସ ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ତାଙ୍କର କହିବା ଅନୁସାରେ ୨୦୧୯ ଜୁଲାଇ ମାସ ୨୦ ତାରିଖରେ ତାଙ୍କର ଇଂଜିନିୟର ପୁତ୍ର ଅମୃତ ଦାସଙ୍କୁ କିଛି ଯୁବକ ଡାକି ନେଇଥିଲେ । ସେ ଫେରି ନଥିଲେ । ତାଙ୍କର ଦୁର୍ଘଟଣା ହୋଇଥିବା ନେଇ ସେମାନଙ୍କୁ ଜଣା ଯାଇଥିଲା। ତାଙ୍କୁ ହତ୍ୟା କରା ଯାଇ ଏହାକୁ ଦୁର୍ଘଟଣାର ରୂପ ଦିଆ ଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରା ଯାଇଥିଲା। ହେଲେ ପୋଲିସ ଏହି ମାମଲାର ସଠିକ ଭାବେ ଜାଂଚ କରୁ ନାହିଁ। ଏ ସମ୍ପର୍କରେ ଡିଏସପି, ଏସପିଙ୍କୁ ଜଣାଇବା ପରେ ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇବା ସତ୍ତ୍ୱେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି । ନ୍ୟାୟ ପାଇବାରେ ବିଫଳ ହେବା କାରଣରୁ ଶେଷରେ ବାଧ୍ୟ ହୋଇ ସେମାନେ ଆତ୍ମାହୁତି ଦେବାକୁ ଆସିଥିବା ସେମାନେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ବିଧାନସଭା ସମ୍ମୁଖରେ ଆତ୍ମାହୁତିର ପ୍ରୟାସର ଏହା ତୃତୀୟ ଘଟଣା । ଏହା ପୂର୍ବରୁ ପରୀର ମାତା ପିତା ଓ ଗତକାଲି ଆଠଗଡର ଚାଷୀ ମାନେ ମଧ୍ୟ ଆତ୍ମାହୁତି ଦେବାକୁ ପ୍ରୟାସ କରିଥିଲେ ।

## ଡିସେମ୍ବରରେ ୭୫ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ ଟ୍ୱିନସିଟିର ସରକାରୀ ଅଫିସ୍




ଭୁବନେଶ୍ୱର,୨୮।୧୧ (ନି.ପ୍ର): ଡିସେମ୍ବର ମାସରେ କଟକ ଓ ଭୁବନେଶ୍ୱରରେ ସର୍ବାଧିକ ୭୫ ପ୍ରତିଶତ କର୍ମଚାରୀଙ୍କୁ ନେଇ ସରକାରୀ ଅଫିସ ଚାଲିବ। ଏହାସହିତ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ୍ ଡିସେମ୍ବର ମାସର ସବୁ ଶନିବାର ବନ୍ଦ ରହିବ। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ସଞ୍ଜିବ ଚୋପ୍ରା ଏନେଇ ଆଜି ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ଓ କଟକରେ ଥିବା ବିଭାଗୀୟ ଦପ୍ତର ଓ ମୁଖ୍ୟ ଅଫିସରେ ପ୍ରଥମ ଶ୍ରେଣୀ ବର୍ଗର ଅଫିସରଙ୍କୁ ମିଶାଇ ସର୍ବାଧିକ ୭୫ପ୍ରତିଶତ କର୍ମଚାରୀ କାର୍ଯ୍ୟ କରିବେ। ଅଫିସ୍ କାର୍ଯ୍ୟ ଯେଉଁଭଳି ପ୍ରଭାବିତ ନହେବ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି।

▶▶ପୃଷ୍ଠା ୭

## ପରୀ ମୃତ୍ୟୁର ତଦନ୍ତ ପାଇଁ ଅରୁଣ ବୋଥ୍ରାଙ୍କ ନେତୃତ୍ୱରେଏସଆଇଟି




ଭୁବନେଶ୍ୱର, ୨୮ ନଭେମ୍ବର – ନୟାଗଡର ନାବାଳିକା ପରୀ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ଏସଆଇଟି ଗଠନ କରିଛନ୍ତି। ଆଇଜି ଅରୁଣ ବୋଥ୍ରା ଏହି ଏସଆଇଟିର ମୁଖ୍ୟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରାଇମବ୍ରାଂଚ ଏସପି ଆର .କେ ଦୋରା, ଏଏସପି ଆର.ସି ଥମ୍ବ, ଇନସ୍ପେକ୍ଟର ନରେନ୍ଦ୍ର ବେହେରା, କ୍ରାଇମବ୍ରାଂଚ ଇନସ୍ପେକ୍ଟର ମମତାରାଣୀ ପଣ୍ଡାଙ୍କୁ ଏସଆଇଟି ଟିମ୍ ରେ ରଖାଯାଇଛି।

▶▶ପୃଷ୍ଠା ୭

### ପ୍ରଧାନମନ୍ତ୍ରୀଙ୍କ ଟୀକା ବିକାଶ ଓ ଉତ୍ପାଦନ ସମୀକ୍ଷା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## ସବୁ ଭାରତୀୟଙ୍କ ପାଖରେ କରୋନା ଟୀକା ପହଁଚାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ପ୍ରତିବଦ୍ଧ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବେନଶ୍ୱର,୨୮।୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶର ତିନୋଟି ସହରର ଯଥା ଅହମ୍ମଦାବାଦର ଜାଇଡସ ବାୟୋଟେକ ପାର୍କ, ହାଇଦ୍ରାବାଦର ଭାରତ ବାୟୋଟେକ ଏବଂ ପୁଣେ ସ୍ଥିତ ସେରମ ଇନଷ୍ଟିଚ୍ୟୁଟ ପରିଦର୍ଶନ କରିବା ସହ କରୋନା ଟୀକା ବିକାଶ ଏବଂ ଉତ୍ପାଦନ ପ୍ରକ୍ରିୟାର ବିସ୍ତୃତ ସମୀକ୍ଷା କରିବା ସବୁ ଭାରତୀୟଙ୍କ ପାଖରେ କରୋନା ଟୀକା ପହଁଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କୋଭିଡ୍-୧୯ ମହାମାରୀ ମୁକାବିଲା କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବିଶ୍ୱ ନେତାଙ୍କ ମୂରେ ଅଗ୍ରଣୀ ନେତୃତ୍ୱ ଭାବେ ଉଭା ହୋଇଛନ୍ତି। ଦେଶର ନାଗରିକଙ୍କ କଲ୍ୟାଣ ତଥା ଏଭଳି ପରିସ୍ଥିତିରେ ଦେଶ କିପରି ଭାବରେ ଲଢ଼ିବ ତାହାକୁ ପ୍ରଧାନମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଲୋକ ତଥା ବୈଜ୍ଞାନିକ ସମୂହଙ୍କ ମୂରେ ଏହି ସ୍ୱାସ୍ଥ୍ୟ ସଂକଟରୁ ବିଜୟ ଲାଭ କରିବା ଦିଗରେ ନୂଆ ଉନ୍ମାଦନା ଯୋଗାଇବା ସହ ମନୋବଳକୁ ବୃଦ୍ଧି କରିଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

## ରାଜ୍ୟରେ ଆଉ ୮୦୨ ସୁସ୍ଥ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ରାଜ୍ୟରେ ଶନିବାର ଆଉ ୮୦୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩,୧୦,୫୪୯ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଖୋର୍ଦ୍ଧାରୁ ସର୍ବାଧିକ୧୦୪ ଜଣ ସୁସ୍ଥ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୮୦, କଟକରୁ ୭୦, ମୟୂରଭଞ୍ଜରୁ ୫୬, ଜଗତସିଂହପୁରରୁ ୫୧,ନୂଆପଡ଼ାରୁ ୪୯, ଅନୁଗୁଳରୁ ୪୩, କେନ୍ଦ୍ରପଡ଼ାରୁ ୩୨ ଜଣ, ବଲାଙ୍ଗୀରରୁ ୨୯, ପୁରୀରୁ ୨୭ ଜଣ ସୁସ୍ଥ ହୋଇଛନ୍ତି । ସେହିପରି କୋରାପୁଟରୁ ୨୬, ଯାଜପୁରରୁ ୨୫,କେନ୍ଦୁଝରରୁ ୨୨ , ବରଗଡ଼ରୁ ୨୧,ଭଦ୍ରକରୁ ୨୦,କଳାହାଣ୍ଡିରୁ ୨୦, ସମ୍ବଲପୁରରୁ ୧୯,ବାଲେଶ୍ୱରରୁ ୧୫ ,ଝାରସୁଗୁଡ଼ାରୁ ୧୧, ମାଲକାନଗିରିରୁ ୧୧,ଗଞ୍ଜାମରୁ ୧୦,ନବରଙ୍ଗପୁରରୁ ୧୦, ଢେଙ୍କାନାଳରୁ ୮, ନୟାଗଡ଼ରୁ ୭, କନ୍ଧମାଳରୁ ୬ , ରାୟଗଡ଼ାରୁ ୩, ଗଜପତିରୁ ୨, ଦେବଗଡ଼ରୁ ୨ ଏବଂ ରାଜ୍ୟପୁଲରୁ ୨୩ ଜଣ ସୁସ୍ଥ ହୋଇଛନ୍ତି।

### ଓଲାଗି ନାଗାର୍ଜୁନ ସାଜର ଚନ୍ଦ୍ରସୂର୍ଯ୍ୟ ଗାଏବ୍ ଘଟଣା

## ଅନୁଧାନ କରିବେ କହିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



ପୁରୀ,୨୮।୧୧ (ନି.ପ୍ର): ଗତ ଶୁକ୍ରବାର ଦିନ ଶ୍ରୀମନ୍ଦିର ରତ୍ନ ସିଂହାସନରେ ଶ୍ରୀବିଗ୍ରହମାନଙ୍କୁ ନାଗାର୍ଜୁନ ବେଶ କରାଯାଇଥିଲା । ଏହି ବେଶ ଓଲାଗି ପରେ ଶ୍ରୀଜଗନ୍ନାଥ ବଲ୍ଲଭ ସଂଗ୍ରାହଳୟରେ ରଖାଯିବା ପାଇଁ ଛତିଶାନିଯୋଗ ଓ ପରିଚାଳନା କମିଟିରେ ନିଷ୍ପତି ହୋଇଥିଲା । ବେଶ ଓଲାଗିର ୨୪ ଘଂଟା ନପୂରୁଣୁ ସାଜର ଚନ୍ଦ୍ର ସୂର୍ଯ୍ୟକୁ ଜଣେ ସେବାୟତ ମନ୍ଦିରରୁ ନେଇ ବାହାରକୁ ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଜଣେ ପ୍ରଭାବଶାଳୀ ଓ ଶ୍ରୀମନ୍ଦିର ପ୍ରଶାସନ ସହ ସୁସଂପର୍କ ଥିବା ବରିଷ୍ଠ ସେବାୟତଙ୍କ ପ୍ରରୋଚନାରେ ଏହି ଚନ୍ଦ୍ରସୂର୍ଯ୍ୟ ମନ୍ଦିରରୁ ନିଆଯାଇଥିବା ଅଭିଯୋଗ ହେଉଛି ।

▶▶ପୃଷ୍ଠା ୭

## ଆଇଏଫଏସ୍ ଅଭୟ ପାଠକଙ୍କ ଆୟ ବର୍ହିଭୁତ ସମ୍ପତି ଠୁଳ ମାମଲାର ତଦନ୍ତ କରିବ ୨୦ଜଣିଆ ଏସଆଇଟି

ଭୁବନେଶ୍ୱର,୨୮।୧୧ (ନି.ପ୍ର): ବରିଷ୍ଠ ଆଇଏଫଏସ୍ ଅଧିକାରୀ ତଥା ରାଜ୍ୟର ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କ ଆୟ ବର୍ହିଭୁତ ସମ୍ପତି ଠୁଳ ମାମଲାର ତଦନ୍ତ କରିବା ପାଇଁ ଏବେ ୨୦ଜଣିଆ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) ଗଠନ କରାଯାଇଛି। ଗଠିତ ହୋଇଥିବା ୨୦ଜଣିଆ ଏସଆଇଟି ବରିଷ୍ଠ ଆଇଏଫଏସ୍ ଅଧିକାରୀ ଅଭୟକାନ୍ତଙ୍କ ସମ୍ପର୍କୀୟ, ସହଯୋଗୀ, ବନ ଅଧିକାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବ। ସେମାନଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିବ। ଏହା ସହ ଯେଉଁ ସଂସ୍ଥାଗୁଡ଼ିକରୁ ଦାମୀ ଗାଡ଼ି କ୍ରୟ କରାଯାଇଛି ତାର ମଧ ଯାଂଚ କରିବ ଏସଆଇଟି। ଏଥିସହ ବ୍ୟାଙ୍କ୍ ଆକାଉଂଟରେ ଜମା ରାଶି, ଗିରଫ ପୂର୍ବରୁ ଜବତ ହୋଇଥିବା ରେକର୍ଡ ଓ ଦଲିଲର ଏସଆଇଟି ପୁଙ୍ଖାନୁପୁଙ୍ଖ ଯାଂଚ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଆୟ ବର୍ହିଭୂତ ସଂପତି ଠୁଳ ଅଭିଯୋଗରେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ଗତକାଲି ବରିଷ୍ଠ ଆଇଏଫଏସ୍ ଅଧିକାରୀ ତଥା ରାଜ୍ୟର ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଏବଂ ତାଙ୍କ ପୁଅ ଆକାଶଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଜାମିନ ଆବେଦନ ଖାରଜ ହେବା ପରେ ଉଭୟ ଝାରପଡ଼ା ଜେଲରେ ଅଛନ୍ତି।

# କୋଭିଡ଼ ପ୍ରତିରୋଧକମୂଳକ ବ୍ୟବସ୍ଥା ଓ ସରକାରଙ୍କର ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ଇଣ୍ଡୋ ଜର୍ମାନ ଫୋକାଲ ପଏଂଟ, ଭୁବନେଶ୍ୱର ମହାନଗରନିଗମ, ଓଡିଶା ନିର୍ମାଣ ବୋର୍ଡ, ଆର.ଡି ଇଏସଆଇସି ଓ ଆର ପିଏଫସି ର ସହାୟତା ରେ ଠିକାଦାର ମାନଙ୍କ ପାଇଁ କୋଭିଡ଼ ପ୍ରତିରୋଧକମୂଳକ ବ୍ୟବସ୍ଥା ଓ ସରକାରଙ୍କର ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆଜି ରେଡ଼କ୍ରସ ଭବନ ଠାରେ ଆୟୋଜିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମ ର ଉଦ୍‌ଘାଟନ ରାଜ୍ୟ ର ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ ଓ ପୂର୍ବତନ ସାଂସଦ ଡ଼. ରାମଚନ୍ଦ୍ର ଖୁଂଟିଆ, ଭୁବନେଶ୍ୱର ମହାନଗରନିଗମର ପରିମଳ ଅଧିକାରୀ, ଡ଼. ରାମଚନ୍ଦ୍ର ରାଉତ, ନିର୍ଦ୍ଦେଶକ ନର୍ସିଙ୍ଗ ଇଂଟେଲିଜେନ୍ସ, ଓଡିଶା, ରେଣୁକା ପ୍ରସାଦ, ଆଂଚଳିକ ନିର୍ଦ୍ଦେଶକ, ଇଏସଆଇସି , ରଞ୍ଜନ କୁମାର ମହାନ୍ତି, ସମ୍ପାଦକ ପିକକ, ଶ୍ରୀଯୁକ୍ତ ବି.କେ. ସାହୁ, ନିର୍ଦ୍ଦେଶକ ଇଣ୍ଡୋ ଜର୍ମାନ ଫୋକାଲ ପଏଂଟ ଓ ଅନୁରାଧା ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପିକକଙ୍କ ଉପସ୍ଥିତିରେ ହୋଇଯାଇଛି ଓ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ ନିଜର କହିଥିଲେ କେହି ଭୟଭିତ ନହୋଇ କୋଭିଡ ର ସମସ୍ତ ସୁରକ୍ଷା ନିୟମ କୁ ପାଳନ କରି ନିଜକୁ ସୁରକ୍ଷିତ ରଖନ୍ତୁ ଓ ବିଭିନ୍ନ ବକ୍ତା ମାନେ ଇଣ୍ଡୋ ଜର୍ମାନ ଫୋକାଲ ପଏଂଟର ଏହି ସଫେଇ କର୍ମଚାରୀ ଓ ଠିକଦାର ମାନଙ୍କ ପାଇଁ ଏହି ସଚେତନତା କାର୍ଯ୍ୟକ୍ରମର ବହୁତ ପ୍ରଶଂସା କରିଥିଲେ ଓ ଡ଼. ରାମଚନ୍ଦ୍ର ଖୁଂଟିଆ। ଭୁବନେଶ୍ୱର ମହାନଗରନିଗମ ର ପିପିଇ କିଟ ସହାୟତା ଯୋଗୁ ସଫେଇ କର୍ମଚାରୀ ମାନେ ସୁରକ୍ଷିତ ଭାବରେ ନିଜର କାମ କରିପାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ ଓ ଡ଼. ରାମଚନ୍ଦ୍ର ରାଉତ, ତିନୋଟି ଉପାୟ ଯଥା ଟୀକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା ଓ ପିପିଇ କୀଟ ସମ୍ପର୍କରେ ସୂଚନା ଦେଇଥିଲେ ଓ କୋଭିଡି ର ସମସ୍ତ ନିୟମ କୁ ପାଳନ କରିବା ନିମନ୍ତେ ଉପଦେଶ ଦେଇଥିଲେ ଓ ବି ଏମ ମହାପାତ୍ର, ଡି ଏଲ ସି, ଶ୍ରମବିଭାଗ ଓଡିଶା, ଓଡିଶା ନିର୍ମାଣ ବୋର୍ଡ ର ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ଓ ଶ୍ରୀଯୁକ୍ତ ରେଣୁକା ପ୍ରସାଦ, ଇଏସଆଇସି ଇଏସଆଇ ର ଅଟଳ ବେକାରୀ ବୀମା ଯୋଜନା ସୂଚନା ଦେଇଥିଲେ ଓ ସେ ମୁନିସିପାଲିଟି ର କର୍ମକର୍ତା ମାନଙ୍କୁ ନିୟମିତ ରୂପେ ସୁରକ୍ଷା ବ୍ୟବସ୍ଥା କୁ ଯାଂଚ କରିବାକୁ ଉପଦେଶ ଦେଇଥିଲେ ଓ ପିକକ ର ସମ୍ପାଦକ ଶ୍ରୀଯୁକ୍ତ ରଂଜନ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ପିଲାମାନଙ୍କ ର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ ଓ ଇଣ୍ଡୋ ଜର୍ମାନ ଫୋକାଲ ପଏଂଟର ନିର୍ଦ୍ଦେଶକ ବି.କେ. ସାହୁ, ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି କାର୍ଯ୍ୟକ୍ରମ ରେ ୪୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମ ରେ ଆଇଜିଏଫପି ର ନିଉଜଲେଟର ର ୮ ମ ଇସୁ କୁ ଉନ୍ମୋଚିତ କରାଯାଇଥିଲା ଓ ସୁରକ୍ଷା କୀଟ ବଂଟନ କରାଯାଇଥିଲା ଓ ଏହି କର୍ଯ୍ୟକ୍ରମ କୁ ପିକକ୍‌ର ଜ୍ୟୋତିଶଙ୍କର ମହାନ୍ତି ଓ ଆଇଜିଏଫପି ସଙ୍ଗୀତା ପରିଚାଳନା କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୧୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡା. ରମେଶ ପୋଖରିଆଲ ନିଶାଙ୍କଙ୍କୁ ଚିଠି ଲେଖି ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ଏବଂ ବିଶେଷ ଭାବରେ ଭୁବନେଶ୍ୱର ନିକଟରେ ଦ୍ୱିତୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଓଡ଼ିଶାର ଶିକ୍ଷାବିତ ମାନେ ଦୀର୍ଘ ଦିନରୁ ଦାବୀ କରି ଆସୁଛନ୍ତି। ବିହାର ଏବଂ ଆନ୍ଧ୍ରପ୍ରଦେଶ ଭଳି ପଡୋଶୀ ରାଜ୍ୟ ସହ ତୁଳନା କରାଗଲେ ବିହାରରେ ୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି ଏବଂ ଆନ୍ଧ୍ରପ୍ରଦେଶରେ ୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି । ମାତ୍ର ଅପରପକ୍ଷରେ ଓଡ଼ିଶାରେ କେବଳ କୋରାପୁଟ ଠାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି ଏବଂ ଏହା ଦ୍ୱାରା କେବଳ ଦକ୍ଷିଣ ଓଡ଼ିଶାର ଛାତ୍ରଛାତ୍ରୀମାନେ ଲାଭ ପାଉଛନ୍ତି । ଭୁବନେଶ୍ୱର ଆଗାମୀ ଦିନରେ ପୂର୍ବ ଭାରତର ଅର୍ଥନୀତି ଓ ଶିକ୍ଷା କ୍ଷେତ୍ରର ପେଣ୍ଠସ୍ଥଳି ହେବ। ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଲେ ଉପକୂଳ ଏବଂ ପୂର୍ବ ଓଡ଼ିଶାର ଛାତ୍ରଛାତ୍ରୀମାନେ ଉପକୃତ ହେବା ସହ ଏହି ଅଂଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାସହ ଶିକ୍ଷ ଓ ଶିକ୍ଷାବିତଙ୍କ ମଧ୍ୟରେ ସମନ୍ୱୟ ତିଆରି ହେବା ସହ ଅତ୍ୟାଧୁନିକ ଗବେଷଣାକୁ ପ୍ରୋତ୍ସାହନ ଦେବ । ୭୫ ବର୍ଷର ଐତିହ୍ୟ ଏବଂ ପରମ୍ପରାର ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ତଥା ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଆବଶ୍ୟକତା, କଲ୍ୟାଣ ଏବଂ ଦେଶର ଉଚ୍ଚ ଶିକ୍ଷା ଅନୁଷ୍ଠାନକୁ ସଶକ୍ତ କରିବା, ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ଶିଳ୍ପଯୋଗୀ ମାନବ ସମ୍ବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିକୁ ଧ୍ୟାନରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାବରେ ମାନ୍ୟତା ଦେବା ପାଇଁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ହାଓଡ଼ା-ସିକନ୍ଦରାବାଦ, ଶାଲୀମାର-ସିକନ୍ଦରାବାଦ ଏବଂ ବିଶାଖାପାଟଣା-ବିଜୟୱାଡ଼ା ସ୍ୱତନ୍ତ୍ର ଟ୍ରେନ୍ ପରିବର୍ତ୍ତିତ ସମୟରେ ଚଳାଚଳ କରିବ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ପରିଚାଳନାଗତ ଦୃଷ୍ଟିକୋଣରୁ ଏବଂ ଯାତ୍ରୀ ମାନଙ୍କର ସୁବିଧା ପାଇଁ, ନିମ୍ନଲିଖିତ ଅନୁଯାୟୀ ହାଓଡ଼ା-ସିକନ୍ଦରାବାଦ-ହାଓଡ଼ା, ଶାଲୀମାର-ସିକନ୍ଦରାବାଦ-ଶାଲୀମାର ଏବଂ ବିଶାଖାପାଟଣା-ବିଜୟୱାଡ଼ା-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ପରିବର୍ତିତ ସମୟରେ ଚଳାଚଳ ପାଇଁ ନିମ୍ନଲିଖିତ ଅନୁଯାୟୀ ନିଷ୍ପତି ନିଆଯାଇଛି । ଉଭୟ ପାର୍ଶ୍ୱରୁ ଡିସେମ୍ବର ମାସ ପହିଲାଠାରୁ ୦୨୭୦୪/୦୨୭୦୩ ସିକନ୍ଦରାବାଦ-ହାଓଡ଼ା-ସିକନ୍ଦରାବାଦ ବିଶେଷ ଟ୍ରେନ ପରିବର୍ତିତ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ । ଏହି ଟ୍ରେନ୍ ସିକନ୍ଦରବାଦ ଠାରୁ ଅପରାହ୍ନ ୩ଘ.୫୫ମି. ରେ ଛାଡ଼ି ହାଓଡ଼ା ଠାରେ ତା ପରଦିନ ଅପରାହ୍ନ ୫ ଘ.୪୦ମି.ରେ ପହଂଚିବ । ଫେରିବା ମାର୍ଗରେଏହି ଟ୍ରେନ୍ ହାଓଡ଼ାଠାରୁ ପୂର୍ବାହ୍ନ ୮ ଘ. ୩୫ ମି.ରେ ଛାଡ଼ି ସିକନ୍ଦରାବାଦଠାରେ ତା ପରଦିନ ପୂର୍ବାହ୍ନ ୧୦ ଘ. ୧୦ ମି.ରେ ପହଂଚିବ । ଏହି ଟ୍ରେନ୍ ପାଇଁ ସ୍ଥିରୀକୃତ ରହଣି ଷ୍ଟେସନ ମାନଙ୍କଠାରେ ସମୟରେ ପରିବର୍ତନ କରାଯାଇଅଛି । ଡିସେମବର ମାସ ପହିଲାଠାରୁ ସିକନ୍ଦରାବାଦ ଠାରୁ ଏବଂ ଡିସେମ୍ବର ମାସ ୨ ତାରିଖ ଠାରୁ ଶାଲୀମାରରୁ ୦୨୭୭୪/୦୨୭୭୩ ଶାଲୀମାର-ସିକନ୍ଦରାବାଦ-ଶାଲୀମାର ବିଶେଷ ଟ୍ରେନ୍ ସଂଶୋଧିତ ସମୟ ସାରଣୀରେ ଚଳାଚଳ କରିବ । ଏହି ଟ୍ରେନ ସିକନ୍ଦରାବାଦ ଠାରୁ ପ୍ରତି ମଙ୍ଗଳବାର ଦିନ ଭୋର ୩ଘ. ୫୫ମି.ରେ ଛାଡ଼ି ଶାଲୀମାର ଠାରେ ତା ପରିଦନ ସକାଳ ୬ ଘ. ୦୫ମି.ରେ ପହଂଚିବ । ଫେରିବା ମାର୍ଗରେ ଏହି ଟ୍ରେନ ଶାଲୀମାର ଠାରୁ ଅପରାହ୍ନ ୪ଘ.୧୦ମିରେ ଛାଡ଼ି ସିକନ୍ଦରାବାଦ ଠାରେ ତା ପରଦିନ ସନ୍ଧ୍ୟା ୬ ଘଟିକାରେ ପହଂଚିବ । ଏହି ଟ୍ରେନ୍ ପାଇଁ ସ୍ଥିରୀକୃତ ରହଣି ଷ୍ଟେସନ ମାନଙ୍କଠାରେ ସମୟରେ ପରିବର୍ତନ କରାଯାଇଅଛି । ଡିସେମ୍ବର ମାସ ପହିଲା ଠାରୁ ୦୨୭୧୮ / ୦୨୭୧୭ ବିଜୟୱାଡ଼ା-ବିଶାଖାପାଟନମ୍-ବିଜୟୱାଡ଼ା ବିଶେଷ ଟ୍ରେନ୍ ବିଜୟୱାଡ଼ାଠାରୁ ସକାଳ ୦୬ଘ.୧୫ମି.ରେ ଛାଡ଼ି ବିଶାଖାପାଟନମ୍‌ରେ ଅପରାହ୍ନ ୧୨ଘ.୨୦ମି.ରେ ପହଂଚିବ ଏବଂ ବିଶାଖାପାଟନମ୍ ଠାରୁ ଅପରାହ୍ନ ୧୨ ଘ.୫୫ ମି. ରେ ଛାଡ଼ି ବିଜୟୱାଡ଼ାଠାରେ ସନ୍ଧ୍ୟା ୭ ଘଟିକାରେ ପହଂଚିବ । ଏହି ଟ୍ରେନ୍ ପାଇଁ ସ୍ଥିରୀକୃତ ରହଣୀ ଷ୍ଟେସନ ମାନଙ୍କଠାରେ ସମୟରେ ପରିବର୍ତନ କରାଯାଇଅଛି

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ମାଲକାନଗିରି,୨୮।୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ଏମଭି-୩୬ ନିକଟସ୍ଥ ଆପନମାଲା ଠାରେ ୪୭ ନଂ ରାଜ୍ୟ ରାଜପଥ ରେ ଚିତ୍ରକୋଣ୍ଡା ର ଏକ ବାଲି ବୋଝେଇ ଟ୍ରକ ପଛ ଆଡୁ ଆସି ବାଇକ ଚାଳକ କୁ ପିଟି ଦେଇଥିଲା । ଫଳରେ ବାଇକ ଚାଳକ ଜଗଦୀଶ ହାଲଦାର ଅଳ୍ପକେ ବର୍ତି ଆହତ ହୋଇଥିବା ବେଳେ ଗାଡି ପଛରେ ବସିଥିବା ବ୍ୟକ୍ତି ମଳିନ ଦାସ ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଛନ୍ତି। ଗାଡି ରେ ଚାପି ହୋଇ ଅତି ନିର୍ମମ ଭାବେ ମୃତ୍ୟୁ ହେବା ପରେ ସ୍ଥାନୀୟ ଲୋକେ ଉତ୍ତେଜନା ହୋଇ ଟାୟାର ଜାଳି ରାସ୍ତାରୋକ କରିଥିଲେ । ଘଟଣା ସ୍ଥଳରେ ଓ କେଲ ଥାନାଧିକାରୀ ସୌମେନ୍ଦୁ ତ୍ରିପାଠୀ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ରାସ୍ତା ଅବରୋଧ ହଟିଥିଲା !

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ



ଗୁଣୁପୁର,୨୮।୧୧ (ନି.ପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଂଜିନୀୟରିଂର ଅଧ୍ୟକ୍ଷ ପ୍ରଫେସର ଏଭିଏନଏଲ ଶର୍ମା ଯୋଗଦେଇ ସମ୍ବିଧାନର ଦାଇତ୍ୱବୋଧ ଓ ନୀତି ଗୁଡିକ ପାଳନ କରିବା ପାଇଁ ଶପଥ ପାଠ କରାଇଥିଲେ । ଜାତୀୟ ସେବା ଯୋଜନାର ଆବାହକ ଡ଼ ପ୍ରେମାଂସୁ ଶେଖର ରଥ, କାର୍ଯ୍ୟକ୍ରମ ଅଧିକାରୀ ଡ଼ ଜ୍ୟୋତିର୍ମୟୀ ମିଶ୍ର, ସମସ୍ତେ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ବୃନ୍ଦ ଅଂଶଗ୍ରହଣ କରିଥିଲେ।

## ୩ପେଟି ଚୋରା ମଦ ଜବତ, ବେପାରୀ କୋର୍ଟ ଚାଲାଣ

କୋରେଇ,୨୮।୧୧ (ନି.ପ୍ର): ପାଣିକୋଇଲି ପୁଲିସ ପକ୍ଷରୁ ଚୋରା ଦେଶୀ ଓ ବିଦେଶୀ ମଦ ବେପାରୀଙ୍କ ଉପରେ ବ୍ୟାପକ ଚଢାଉ ଜାରି ରହିଛି । ନିଜ ଘରେ ମଦ ରଖି ବେପାର କରୁଥିବା ସୂଚନା ପାଇ ଥାନାଧିକାରୀ ଚକ୍ରପତି କୁଅଁର ପୁଲିସ ସହ ଗୁରୁବାର ରାତ୍ରୀରେ ଚଢାଉ କରି ବଡବିରୁହାଁ ପଂଚାୟତ ଅନ୍ତର୍ଗତ ସୋଲପଟା ଗ୍ରାମରୁ ରବିନ୍ଦ୍ର ମଲିକଙ୍କ ପୁଅ ରାଜେନ୍ଦ୍ର (୨୮)କୁ ଧରିବାକୁ ସକ୍ଷମ ହୋଇଥିଲା । ଚୋରା ମଦ ଜବତ ସହ ବେପାରୀକୁ ଗିରଫ କରିଥିଲା। ରାଜେନ୍ଦ୍ର ନିକଟରୁ ୭୫ ବୋତଲ ଆସ୍କା ଫର୍ଟି (୩ ପେଟି) ମଦ ଜବତ କରାଯାଇଥିଲା । ଏନେଇ ଏକ ମାମଲା ୨୭୮/୨୦ ରୁଜୁ ସହ ରାଜେନ୍ଦ୍ରକୁ ଗିରଫ କରାଯାଇ ୫୨ ଏ ଓଡିଶା ଏକ୍ସସାଇଜ ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି ।

## ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିରେ ବିଧାନସଭା ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ପରୀ ଅପହରଣ ଓ ହତ୍ୟା ଘଟଣାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଦିନ ବିଧାନସଭା ଘେରାଉ ଉଦ୍ୟମ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ କଂଗ୍ରେସ କାର୍ଯ୍ୟାଳୟରୁ ଏକ ବିଶାଳ ବିକ୍ଷୋଭ ଯାତ୍ରା ବିଧାନସଭା ଅଭିମୁଖେ ଯାତ୍ରା କରି ଲୋୟର ପିଏମ୍‌ଜି ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହା ପରେ ଲୋୟର ପିଏମ୍‌ଜି ଠାରୁ ବିଧାନସଭା ଅଭିମୁଖେ ଯାତ୍ରା କରୁଥିବା ବେଳେ ଯୁବ କଂଗ୍ରେସ ସଭାପତି ଏବଂ ଅନ୍ୟ କର୍ମକର୍ତାଙ୍କୁ ପୋଲିସ ଅଟକାଇବା ସହ ଶତାଧିକ ଯୁବ କଂଗ୍ରେସ କର୍ମୀଙ୍କୁ ଗିରଫ କରିଥିଲା। ଏହି ପରିପ୍ରେକ୍ଷୀରେ ଡ. ଲେଙ୍କା କହିଛନ୍ତି ଯେ ନୟାଗଡର ୫ ବର୍ଷର ଶିଶୁକନ୍ୟା ପରୀର ଅପହରଣ ଓ ହତ୍ୟା ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତିକୁ ମୁଖ୍ୟମନ୍ତ୍ରୀ ଘଂଟ ଘୋଡାଉଛନ୍ତି। ମୃତ ଶିଶୁକନ୍ୟାର ମା’ କରିଥିବା ଅଭିଯୋଗ ଅନୁଯାୟୀ ମନ୍ତ୍ରୀ ଅରୁଣ ସାହୁଙ୍କ ଘନିଷ୍ଠ ସହଯୋଗୀ ହିଁ ପରୀ ହତ୍ୟା ଘଟଣାର ମୁଖ୍ୟ ଅପରାଧି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ପୋଲିସ ଅପରାଧିକୁ ଖୋଜି ନାହିଁ ଏବଂ ଘଟଣାକୁ ଚପାଇ ଦେବା ପାଇଁ ମନ୍ତ୍ରୀ ଶାସନକଳର ଶକ୍ତିକୁ ପ୍ରୟୋଗ କରୁଛନ୍ତି। ଦୀର୍ଘ ସାଢ଼େ ୪ ମାସ ବିତି ଯାଇଥିଲେ ମଧ୍ୟ ପୋଲିସର ହାତ ଖାଲି। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମଧ୍ୟ ନୀରବ। ଏଣୁ ବିଜେଡି ସରକାର ପରୀ ହତ୍ୟା ଘଟଣାକୁ ଚପାଇ ଦେବା ପାଇଁ ଚକ୍ରାନ୍ତ କରିବା ସହ ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଫନ୍ଦି ଫିକର କରୁଛି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। ଏଣୁ ଏହି ସ୍ୱର୍ଣକାତର ପ୍ରସଙ୍ଗର ତଦନ୍ତ ନସରିବା ପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ତାଙ୍କ ପଦରୁ ହଟାଇବା ସହିତ ମୃତକ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ଦାବି କରିଛି ପ୍ରଦେଶ ଯୁବ କଂଗ୍ରେସ। ଆଜିର ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ରଂଜିତ ପାତ୍ର, ମହମ୍ମଦ ଅଲିମ୍, ସ୍ୱାଗତ କର, ନଳିନୀକାନ୍ତ ନାୟକ, ବିକି ଚକ୍ରବର୍ତୀ, ବିଶ୍ୱରଂଜନ ଦାସ,ମିତ୍ରଭାନୁ ମହାପାତ୍ର, ବଟକୃଷ୍ଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳେଶ୍ୱରରେ ୧୦ଟି ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ବିରୋଧରେ ଗଣ ପ୍ରତିବାଦ




ଜଳେଶ୍ୱର,୨୮।୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଗଣଶିକ୍ଷା ବିଭାଗ ପକ୍ଷରୁ ଜଳେଶ୍ୱରରେ ଅଳ୍ପ ପିଲା ଥିବା ଦର୍ଶାଇ ୧୦ଟି ବିଦ୍ୟାଳୟକୁ ବନ୍ଦ କରାଯିବାର ଘୋଷଣା କରାଗଲା ପରେ ଏବେ ପ୍ରତିବାଦରର ସ୍ୱର ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷିରେ ଆଜି ଅପରାହ୍ନରେ ସମାଜସେବି ସୁଦର୍ଶନ ଦାସଙ୍କ ଆବାହକତ୍ୱରେ ଶୋଭା କଲ୍ୟାଣ ମଣ୍ଡପ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ବଂଦ ହେଉଥିବା ବିଦ୍ୟାଳୟକ ଗୁଡିକ ଗ୍ରାମାଞ୍ଚଳ ତଥା ଅଗମ୍ୟ ଅଚଳରେ ହୋଇଥିବାରୁ ସେସବୁଥିରେ ପଢୁଥିବା ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣରୁ ବଂଚିତ ହେବାର ସମ୍ଭାବନା ରହିଥିବା ସେ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଷ୍ଟାର ପୂର୍ବତନ ସଭାପତି ଇନ୍ଦୁମାଧବ ମହାନ୍ତି, ଜଳେଶ୍ୱର ମଣ୍ଡଳ ଓଷ୍ଟା ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ରାଇବଣିଆ ମଣ୍ଡଳ ସଂପାଦକ ବଂଶୀଧର ବାରିକ, ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ, ସମାଜସେବୀ କମଳ ଚକ୍ରବର୍ତ୍ତୀ, ହେମନ୍ତ ଗିରି, ପଦ୍ମଲୋଚନ ବେହେରା, ଜଗଦିଶ ନନ୍ଦି ପ୍ରମୁଖ ଉପସ୍ଥିତ ରହି ସ୍କୁଲ ବନ୍ଦ ନିଷ୍ପତ୍ତିକୁ ବିରୋଧ କରିବା ସହିତ ଏହି ବିଦ୍ୟାଳୟ ଗୁଡିକରେ ଅଧିକ ପିଲା ପିଢାବାର ସୁଯୋଗ ସୃଷ୍ଟି କରିବା ପାଇଁ ସରକାରଙ୍କୁ ନିବେଦନ କରିଥିଲେ । ଏହି ପରିପ୍ରେକ୍ଷିରେ ଏକ ସ୍ମାରକପତ୍ର ଜଳେଶ୍ୱର ବିଇଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ବିଭାଗ ସଚିବ , ଜିଲାପାଳ ଓ ବାଲେଶ୍ୱର ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

# ଦାରୁବ୍ରହ୍ମ ପୁସ୍ତକ ଲୋକାର୍ପିତ



ଡେଲାଙ୍ଗ,୨୮।୧୧ (ନି.ପ୍ର): ପବିତ୍ର ନାଗାର୍ଜୁନ ବେଶ ଅବସରରରେ ଓଡିଶାର ସୁପରିଚିତ ସାହିତ୍ୟକ ନିରଳସ ସାଧକ ଫକିର ଚରଣ ପାଢିଙ୍କ ଶ୍ରୀ ଜଗନ୍ନାଥ ଗବେଷଣାତ୍ମକ ପୁସ୍ତକ ଦାରୁବ୍ରହ୍ମ ଡେଲାଙ୍ଗ ରର ବୋଳକଣା ଗ୍ରାମର ଆରଧ୍ୟଦେବ ଐଶାନ୍ୟଶ୍ୱର ଦେବଙ୍କ ପ୍ରାଙ୍ଗଣରେ ଧର୍ମପରାୟଣ ମହିଳା ହବିଷ୍ୟାଳୀ ମାନଙ୍କ ଗ୍ରହଣରେ ଲୋକାର୍ପିତ ହୋଇଯାଇ ଅଛି । ଗ୍ରାମ୍ୟ କମିଟି ସଭାପତି ବ୍ରଜବନ୍ଧୁ ପରିଡା ,ପ୍ରାକ୍ତନ ଓାର୍ଡ ସଭ୍ୟା ତଥା ହବିଷ୍ୟାଳୀ ଜାନକୀ ପାଢୀ, ଗୁନମଣୀ ପାଢୀ, ରମା ବରାଳ, କୁନି ନାୟକ, ରାଧାମଣୀ ପାଢୀ, ହାରାମଣୀ ସାହୁ, ନୀଳଚକ୍ର ପ୍ରକାଶନର ସଂପାଦକ ଏବଂ ସବୁଜ ଡେଲାଙ୍ଗ ଟ୍ରଷ୍ଟର ଆବାହକ, ଆଇନଜୀବୀ ହୃଷିକେଷ ପାଢୀ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ଲୋକାର୍ପିତ କରିଥିଲେ । ପୁସ୍ତକରେ ଲିଖୀତ ଥିବା ବିଭିନ୍ନ ବେଶ ତଥା ବିରଳ ନାଗାର୍ଜୁନ ବେଶ ସର୍ମ୍ପକରେ ସମାଜସେବୀ ବ୍ରଜବନ୍ଧୁ ପରିଡା ବିଶଦ ଆଲୋଚନା କରି ନିରଳସ ସାଧକ ଶ୍ରୀଯୁକ୍ତ ପାଢୀଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଆଇନଜୀବୀ ହୃଷିକେଷ ପାଢୀ ଦାରୁବୃକ୍ଷ (ନିମ୍ବ) ରୋପଣ କରିଥିଲେ ।

## ପାର୍ବଣ ବିଶେଷ ଟ୍ରେନ ଚଳାଚଳ ଅବଧି ଡିସେମ୍ବର ଶେଷ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୨୮।୧୧ (ନି.ପ୍ର): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ପାର୍ବଣ ବିଶେଷ ଟ୍ରେନ ଗୁଡିକର ଚଳାଚଳ ଅବଧିକୁ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧିକରିବାକୁ ନିଷ୍ପତି ନିଆଯାଇଛି। ମୋଟ ୨୦ ଯୋଡ଼ା ପାର୍ବଣ ବିଶେଷ ଟ୍ରେନ ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରୁ ଯାତାୟାତକରୁଛି ।ଭୁବନେଶ୍ୱର ରୁ ପ୍ରତି ବୁଧବାର ଓ ରବିବାର ଦିନ ଏବଂ ଆନନ୍ଦ ବିହାର ରୁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଛାଡୁଥିବା ୦୨୮୧୯/୦୧୮୨୦ ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱର ରୁ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏବଂ ଆନନ୍ଦ ବିହାର ରୁ ଜାନୁୟାରୀ ପହିଲା ପର୍ଯ୍ୟନ୍ତ ଚଳାଚଳ କରିବ ।ଭୁବନେଶ୍ୱର ରୁ ପ୍ରତି ସୋମବାର ଓ ଗୁରୁବାର ଏବଂ ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସରୁ ପ୍ରତି ବୁଧବାର ଓ ଶନିବାର ଦିନ ଛାଡୁଥିବା ୦୨୮୮୦/୦୨୮୭୯ ଭୁବନେଶ୍ୱର-ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସ-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱର ଠାରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଓ ଏଲଟିଟି ଠାରୁ ଜାନୁଆରି ମାସ ୨ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ । ଏହା ବ୍ୟତୀତ ୦୮୪୭୯/୦୮୪୮୦ ଭୁବନେଶ୍ୱର-ତିରୁପତି-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ୍ ,୦୨୮୩୯/୦୨୮୪୦ ଭୁବନେଶ୍ୱର-ଚେନ୍ନାଇ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ,୦୨୮୪୫/୦୨୮୪୬ ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଂଟ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ, ୦୨୮୯୮/୦୨୮୯୭ ଭୁବନେଶ୍ୱର-ପୁଡୁଚେରୀ-ଭୁବନେଶ୍ୱର ସାପ୍ତାହିକ , ୦୮୪୯୬/୦୮୪୯୫ ଭୁବନେଶ୍ୱର-ରମେଶ୍ୱରମ୍-ଭୁବନେଶ୍ୱର ସାପ୍ତାହିକ, ୦୮୩୦୬/୦୮୩୦୫ ସମ୍ବଲପୁର-ହାଓଡ଼ା-ସମ୍ବଲପୁର ସାପ୍ତାହିକ, ୦୮୩୧୧/୦୮୩୧୨ ସମ୍ବଲପୁର-ମାଣ୍ଡୁଆଡିହ-ସମ୍ବଲପୁର ଦ୍ୱି-ସାପ୍ତାହିକ ସ୍ପେଶାଲ, ୦୮୪୪୯/୦୮୪୫୦ ପୁରୀ-ପାଟନା-ପୁରୀ ସ୍ପେଶାଲର ଅବଧି ମଧ୍ୟ ବୃଦ୍ଧି କରାଯାଇଛି । ସେହିପରି ୦୮୪୧୯/୦୮୪୨୦ ପୁରୀ-ଜୟନଗର-ପୁରୀ ସ୍ପେଶାଲ,୦୨୮୨୭/୦୨୮୨୮ ପୁରୀ-ସୁରଟ-ପୁରୀ ବିଶେଷ ଟ୍ରେନ , ୦୨୮୬୬/୦୨୮୬୫ ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ -ପୁରୀ ସାପ୍ତାହିକ ବିଶେଷ ଟ୍ରେନ , ୦୨୮୫୯/୦୨୮୬୦ ପୁରୀ-ଚେନ୍ନାଇ-ପୁରୀ ସ୍ପେଶାଲ୍ , ୦୨୮୫୧/୦୨୮୫୨ ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ଦ୍ୱି-ସାପ୍ତାହିକ ସ୍ପେସାଲ୍ , ୦୧୮୮୭/୦୧୮୮୮ ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ସ୍ପେସାଲ୍ , ୦୨୮୬୯/୦୨୮୭୦ ବିଶାଖାପାଟନମ୍-ଚେନ୍ନାଇ-ବିଶାଖାପାଟନମ୍ ସ୍ପେଶାଲ୍ , ୦୨୮୫୭/୦୨୮୫୮ ବିଶାଖାପାଟନମ୍- ଏଲଟିଟି-ବିଶାଖାପାଟନମ୍ ସ୍ପେଶାଲ୍ ,୦୮୫୦୧/୦୮୫୦୨ ବିଶାଖାପାଟନମ୍-ଗାନ୍ଧୀଧାମ-ବିଶାଖାପାଟନମ୍ ଏବଂ ୦୭୪୮୮/୦୭୪୮୭ ବିଶାଖାପାଟନମ୍-କଡପା-ବିଶାଖାପାଟନମ୍ ସ୍ପେଶାଲ୍ ଟ୍ରେନ୍ ର ଅବଧି ମଧ୍ୟ ବୃଦ୍ଧି କରାଯାଇଛି ।

## ଉତ୍କଳ ବିଶ୍ୱବିଦ୍ୟାଳୟର ୭୮ ତମ ପ୍ରତିଷ୍ଠା ଦିବସ ପାଳିତ : ସମ୍ପୂର୍ଣ୍ଣ ଡିଜିଟାଇଜେସନ ହେବ ଆମ ପ୍ରାଥମିକତା : କୁଳପତି

### ‘ଉତ୍କଳ ଅଭିଡ଼ି’ ଓ ‘ମିଡିଆରେ ଉତ୍କଳ’ ସ୍ମରଣିକା ଉନ୍ମୋଚିତ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ୧୯୪୩ ମସିହାରେ ପ୍ରତିଷ୍ଠିତ ରାଜ୍ୟର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଜି ଏହାର ୭୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କ୍ୟାମ୍ପସରଫନବନିର୍ମିତ ଧର୍ମପଦ କନଭୋକେସନ ହଲରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କୁଳପତି ପ୍ରଫେସର ସୋମେନ୍ଦ୍ର ମୋହନ ପଟ୍ଟନାୟକ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଉତ୍କଳ ଅଭିଡ଼ି‘ ନାମକ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସମସ୍ତ କର୍ମଚାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷତାର ନୂତନ ଶିଖରକୁ ପହଂଚାଇବାରେ ସଭିଙ୍କ ସହଯୋଗ କାମନା କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି ଭାବେ ଯୋଗଦେଇ ପ୍ରଫେସର ସବିତା ଆଚାର୍ଯ୍ୟ ଇତିହାସ ରଚିଛନ୍ତି, ‘ ବୋଲି କହି ପୂର୍ବତନ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ନୂତନ କୁଳପତିଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଉତ୍କଳ ଉଚ୍ଚାଭିମୁଖୀ ଏବଂ ପ୍ରଫେସର ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ମହାନ ଉଚ୍ଚତା ହାସିଲ କରିବା ସହ ଦେଶ ଓ ରାଜ୍ୟ ପ୍ରତିଥିବା ଦାୟିତ୍ୱକୁ ମଧ୍ୟ ସୁଚାରୁ ରୂପେ ତୁଲାଇବ ବୋଲି ତାଙ୍କର ଆଶା ଓ ବିଶ୍ୱାସ । ଏହି ଅବସରରେ ପ୍ରଫେସର ପଟ୍ଟନାୟକ ‘ମିଡିଆରେ ଉତ୍କଳ‘ ନାମକ ଏକ ବହି ମଧ୍ୟ ଉନ୍ମୋଚନ କରିଥିଲେ । କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦେଶର ସର୍ବୋଚ୍ଚ ବିଶ୍ୱବିଦ୍ୟାଳୟ ମଧ୍ୟରେ ନେଇ ପହଞ୍ଚାଇବା ପାଇଁ ଶପଥନେବା ଓ ଏହାର ନିରନ୍ତର ବିକାଶ ପାଇଁ କାର୍ଯ୍ୟ ଜାରି ରଖିବା ବୋଲି କହିଥିଲେ ।‘ ଏହି ଲକ୍ଷ୍ୟ ସାଧନ ନିମନ୍ତେ ଡିଜିଟାଲ ଭିତ୍ତିଭୂମିର ସମ୍ପ୍ରସାରଣ, ଶିକ୍ଷାଦାନ ଏବଂ ଶିକ୍ଷଣ ପାଇଁ ଉନ୍ନତ ଉପକରଣ ଏବଂ କ୍ୟାମ୍ପସର ପରିଷ୍କାର ପରିଚ୍ଛନ୍ନତା ତାଙ୍କ ଧ୍ୟାନକେନ୍ଦ୍ର ହୋଇ ରହିବ ବୋଲି କହିଥିଲେ । କୁଳସଚିବ ଡକ୍ଟର ଅଭୟ କୁମାର ନାୟକ ବିଶ୍ୱବିଦ୍ୟାଳୟ ଉପରେ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । କୋଭିଡ୍ ଆମ ସମ୍ମୁଖରେ ଏକ ବିରାଟ ଆହ୍ୱାନ ଉପସ୍ଥାପନ କରିଛି, କିନ୍ତୁ ଆମେ ଶିକ୍ଷା ଏବଂ ଅନୁସନ୍ଧାନକୁ ବଜାୟ ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଛୁ ବୋଲି ଡକ୍ଟର ନାୟକ କହିଥିଲେ। ପି.ଜି ପରିଷଦର ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଏହି ଅବସରରେ ସ୍ୱାଗତ ସମ୍ଭାଷଣ ଦେଇ କହିଥିଲେ, ଆଜି ଏହି ପୁଣ୍ୟ ଅବସରରେ ଆମର ଲକ୍ଷ୍ୟ, ସଫଳତା ଏବଂ ତ୍ରୁଟି ବିଷୟରେ ଅନୁଧ୍ୟାନ କରିବା ଏବଂ ଆଗାମୀ ଦିନରେ ନିଜକୁ ଉନ୍ନତରୁ ଉନ୍ନତତର କରିବା ପାଇଁ ଆମେ ଶପଥ ଗ୍ରହଣ କରିବା ଉଚିତ ।‘ କାର୍ଯ୍ୟକ୍ରମ ଶେଷରେ କୁଳପତି ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ । ଛାତ୍ର କଲ୍ୟାଣ ବିଭାଗର ନିର୍ଦ୍ଦେଶକ, ଡ଼ଃ ସୁଶାନ୍ତ ବଡ଼ମାଳୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଏବଂ ଛାତ୍ରମାନେ ଯୋଗ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୯ ନଭେମ୍ବର, ୨୦୨୦
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୪

ବନମାଳୀ ମିଶ୍ରଙ୍କ ଉତ୍ତାରେ ମଧ୍ୟପ୍ରଦେଶରୁ ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ୍ କମିଶନର କୃଷ୍ଣାଦି ଅନନ୍ତ ଶିରୋଳେ ଦେଓ୍ୱାନ ହୋଇ ଆସିଲେ। ଏହାଙ୍କ ଆସିବା ଅଳ୍ପଦିନ ଉତ୍ତାରେ ୧୮୯୯ ମସିହାରେ ପାଟଣାରେ ଭୀଷଣ ଦୁର୍ଭିକ୍ଷ ହୋଇଥିଲା। ଏହା ଏହି ଅଞ୍ଚଳର ସର୍ବତ୍ର ବିଖ୍ୟାତ 'ଛପନ ସାଲ'। ବିକ୍ରମାଦିତ୍ୟ ସମ୍ବତ୍ ୧୯୫୬। ଓଡ଼ିଶାର ନ'ଅଙ୍କ ତୁଲ୍ୟ ଭୟାବହ। ଦୁର୍ଭିକ୍ଷ ସାଙ୍ଗକୁ କଲେରା, ବସନ୍ତ ପ୍ରଭୃତି ମାରାତ୍ମକ ରୋଗ; ଚୋରି, ଡକାଇତି, ରାହାଜାନି। ସମାଜରେ ପରସ୍ୱ ଅପହରଣକାରୀ ଅତ୍ୟନ୍ତ ନିଷ୍ଠୁର ଏବଂ ଦୁର୍ଭିକ୍ଷ ସମୟରେ ଚୋରର ଅପରାଧ ମାର୍ଜନୀୟ ନୁହେଁ। ଏହି ନୀତି ଅନୁସରଣ କରି ଦେଓ୍ୱାନ ଶିରୋଳ ଅପରାଧୀଙ୍କୁ ପ୍ରକାଶ୍ୟ ସ୍ଥାନରେ ନିଷ୍ଠୁର ଭାବରେ ବେତ୍ରାଘାତ କରାଉଥିଲେ। ଏହା ମୁଁ ନିଜେ ଦେଖିଅଛି। କୃଷ୍ଣାଦି ଅନନ୍ତ ଶିରୋଳେ ପ୍ରାୟ ଦୁଇବର୍ଷ ରହି ୧୯୦୦ ମସିହାରେ ଶେଷ ଆଡ଼କୁ ଚାଲିଗଲେ ଓ ତାଙ୍କ ସ୍ଥାନରେ ପଣ୍ଡା ବୈଜନାଥ ନାମକ ଅପର ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ୍ କମିଶନର ଆସିଲେ। ପଣ୍ଡା ବୈଜନାଥ ଗୁଜରାଟୀ ବ୍ରାହ୍ମଣ, ଧର୍ମପରାୟଣ ଓ ଶିକ୍ଷାନୁରାଗୀ ଥିଲେ। ସେ ଆନି ବେସାନ୍ତଙ୍କ ପ୍ରତିଷ୍ଠିତ ଥିଓସୋଫିକାଲ୍ ସୋସାଇଟିର ବିଶିଷ୍ଟ ସଭ୍ୟ ଥିଲେ। ତାଙ୍କ ସମୟରେ ବଲାଙ୍ଗିରରେ ଏହି ସୋସାଇଟିର ଏକ ଶାଖା ପ୍ରତିଷ୍ଠିତ ହୋଇ ପ୍ରତି ସପ୍ତାହରେ ହିନ୍ଦୁ ଧର୍ମଚର୍ଚ୍ଚାର ବ୍ୟବସ୍ଥା ହୋଇଥିଲା। ଏହାଙ୍କ ସମୟରେ ଶିକ୍ଷା ବିଭାଗର ପୁନର୍ଗଠନ ଓ ସଂସ୍କାର ଏବଂ ବହୁ ସଂଖ୍ୟାରେ ବିଦ୍ୟାଳୟସମୂହ ସ୍ଥାପିତ ହୋଇଥିଲା। ସେ ପ୍ରାୟ ଦୁଇବର୍ଷ ରହି ବସ୍ତର୍ ଷ୍ଟେଟ୍‌ର ଆଡ୍‌ମିନିଷ୍ଟ୍ରେଟର୍ ପଦରେ ନିଯୁକ୍ତ ହୋଇ ଚାଲିଗଲେ। ଏହି ସମୟରେ ବସ୍ତର ରାଜାଙ୍କର ଅପୁତ୍ରିକ ଅବସ୍ଥାରେ ମୃତ୍ୟୁ ହୋଇଥିବାରୁ ତାହାଙ୍କ କନ୍ୟାଙ୍କୁ ଇଂରେଜ ସରକାରଙ୍କ ରାଜତ୍ୱ ପ୍ରଦାନ କରି ମୟୂରଭଞ୍ଜର ଜଣେ ରାଜକୁମାରଙ୍କ ସହିତ ତାଙ୍କ ବିବାହ କରାଇଥିଲେ। ଏହି ସମୟରେ ଷ୍ଟେଟ୍‌ର ଆଦିବାସୀ ମେରିଆମାନେ ମେଳି କରିଥିଲେ ଓ ଇଂରେଜ ସରକାରଙ୍କ ସାହାଯ୍ୟରେ ତାହା ଦମନ କରାଯାଇଥିଲା। ଦିନେ ପଣ୍ଡା ବୈଜନାଥଙ୍କ ଜୀବନ ଏତେ ସଙ୍କଟାପନ୍ନ ହୋଇଥିଲା ଯେ, ସେ ଅଦ୍ଭୁତ କୌଶଳ ସହକାରେ ବିଦ୍ରୋହୀମାନଙ୍କ ହସ୍ତରୁ ରକ୍ଷା ପାଇଥିଲେ। ସରକାରୀ ଚାକିରିରୁ ଅବସରୁ ଗ୍ରହଣକରି ସେ କାଶୀରେ ବାସକଲେ ଏବଂ ଥିଓସୋଫିକାଲ୍ ସୋସାଇଟିର କାର୍ଯ୍ୟାବଳୀରେ ମୁଖ୍ୟ ଅଂଶ ଗ୍ରହଣକରି କେତେକ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହିନ୍ଦୁଧର୍ମ ପ୍ରଚାରରେ ନିଜକୁ ନିୟୋଜିତ କରିଥିଲେ। ଅଳ୍ପଦିନ ପୂର୍ବେ ମଧ୍ୟପ୍ରଦେଶସ୍ଥ ରାୟଗଡ଼ ନିବାସୀ ମୋର ବନ୍ଧୁ ହିନ୍ଦୀ ଭାଷାରେ ଲବ୍‌ଧପ୍ରତିଷ୍ଠିତ କବି ଲୋଚନ ପ୍ରସାଦ ପାଣ୍ଡେଙ୍କ ମଧ୍ୟବର୍ତ୍ତୀତାରେ ମୁଁ ତାହାଙ୍କ ସମ୍ବାଦ ସଂଗ୍ରହ କରିଥିଲି। ପଣ୍ଡା ବୈଜନାଥ ବର୍ତ୍ତମାନ ୯୬ ବର୍ଷ ବୟସ୍କ ବୃଦ୍ଧ, ଅଥଚ ସୁସ୍ଥକାୟ। ସେ କାଶୀରେ ଧର୍ମମୟ ଜୀବନଯାପନ କରୁଛନ୍ତି।

ପଣ୍ଡା ବୈଜନାଥଙ୍କ ଉତ୍ତାରେ ଆତ୍ମାରାମ ସାହୁ ନାମକ ମଧ୍ୟପ୍ରଦେଶର ଅପର ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଦେଓ୍ୱାନ ପଦରେ ନିଯୁକ୍ତ ହୋଇ ଆସିଲେ। ସେତେବେଳକୁ ମୁଁ ମଧ୍ୟପ୍ରଦେଶର ମଧ୍ୟଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମ୍ବଲପୁର ଜିଲ୍ଲା ସ୍କୁଲକୁ ଆସିଅଛି। ୧୯୦୨ ମସିହାର କଥା। ସେହି ସମୟରେ ମଧ୍ୟପ୍ରଦେଶସ୍ଥ ସମ୍ବଲପୁର ଏକମାତ୍ର ଓଡ଼ିଆଭାଷୀ ଜିଲ୍ଲା। ସରକାରୀ ଚାକିରିରେ ଏକମାତ୍ର ଓଡ଼ିଆ ସ୍ୱର୍ଗତ ଶ୍ରୀ ବୈକୁଣ୍ଠନାଥ ପୂଜାରୀ ଏକ୍‌ଷ୍ଟ୍ରା ଆସିଷ୍ଟାଣ୍ଟ ପଦରେ ନାଗପୁରରେ ରହିଅଛନ୍ତି। ସମ୍ବଲପୁର ଡେପୁଟି କମିଶନରଙ୍କ ଦପ୍ତରରେ କିରାଣୀ ପଦରେ ସୁଦ୍ଧା ମୁଷ୍ଟିମେୟ ଓଡ଼ିଆ। ହିନ୍ଦୀ ଭାଷାଭାଷୀ କିରାଣୀଙ୍କଠାରୁ ଆରମ୍ଭ କରି ହାକିମଙ୍କର ଅତ୍ୟଧିକ ପ୍ରାବଲ୍ୟ। ମଧ୍ୟପ୍ରଦେଶର ତଦାନିନ୍ତନ ଚିଫ୍ କମିଶନର ସାର୍ ଜନ୍ ଉଡ୍‌ବର୍ଣ୍ଣଙ୍କ ଶାସନକାଳରେ ସମ୍ବଲପୁରର ସ୍କୁଲ ଓ କଚେରୀରୁ ଓଡ଼ିଆଭାଷା ବିତାଡ଼ିତ ହୋଇ ହିନ୍ଦୀଭାଷା ପ୍ରଚଳିତ ହୋଇଥିଲା। ସମ୍ବଲପୁରର ଶିକ୍ଷିତ ସମ୍ପ୍ରଦାୟ ଏହି ବ୍ୟବସ୍ଥାର ତୀବ୍ର ପ୍ରତିବାଦ କରିଥିଲେ। ହିନ୍ଦୀ ଭାଷାଭାଷୀ ରାଜକର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ସହିତ ସମ୍ବଲପୁରବାସୀଙ୍କ ସମ୍ବନ୍ଧ ସେହି ସମୟରେ ଅତ୍ୟନ୍ତ ତିକ୍ତ ହୋଇଥିଲା। ସ୍ୱର୍ଗୀୟ ଶ୍ରୀପତି ମିଶ୍ର, ବ୍ରଜମୋହନ ପଟ୍ଟନାୟକ, ମହନ୍ତ ବିହାରୀ ଦାସ, ବଳଭଦ୍ର ସୂପକାର ପ୍ରଭୃତି ସମ୍ବଲପୁରର କୃତିସନ୍ତାନଗଣ ତଦାନିନ୍ତନ ଭାରତର ବଡଲାଟ୍ ଲର୍ଡ କର୍ଜ୍ଜନଙ୍କ ଠାରେ ଏହି ବିଷୟରେ ଗୁହାରୀ ଜଣାଇବା ପାଇଁ ସିମଳା ଯାତ୍ରା କରିଥିଲେ। ଏହାରି ଫଳରେ ସମ୍ବଲପୁରରେ ଓଡ଼ିଆଭାଷା ପୁନଃ ପ୍ରତିଷ୍ଠିତ ହେଲା। କେବଳ ଏତିକି ନୁହେଁ, ତଦାନିନ୍ତନ ଚିଫ୍ କମିଶନର୍ ସାର୍ ଆଣ୍ଡ୍ରୁ ଫ୍ରେଜର୍‌ଙ୍କ ଆନୁକୂଲ୍ୟରେ ବହୁକାଳ ପର୍ଯ୍ୟନ୍ତ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ରହିଥିବା ସମ୍ବଲପୁର ଜିଲ୍ଲା ୧୯୦୫ ମସିହା ଅକ୍ଟୋବର ମାସ ୧୬ ତାରିଖରେ ଓଡ଼ିଶା ସହିତ ପୁନର୍ମିଳିତ ହେଲା ଏବଂ ଓଡ଼ିଆ ଭାଷାଭାଷୀ ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ଷ୍ଟେଟ୍‌ମାନ ଛତିଶଗଡ଼ ବିଭାଗୀୟ ପଲିଟିକାଲ୍ ଏଜେଣ୍ଟଙ୍କ ତତ୍ତ୍ୱାବଧାନରୁ ଯାଇ ଓଡ଼ିଶା କମିଶନରଙ୍କ ଅଧୀନସ୍ଥ ଗଡ଼ଜାତ ମାହାଲ ସହିତ ମିଳିତ ହୋଇ ଏକ ସ୍ୱତନ୍ତ୍ର ପଲିଟିକାଲ୍ ଏଜେଣ୍ଟଙ୍କ ଅଧୀନରେ ରହିଲା। ପଲିଟିକାଲ୍ ଏଜେଣ୍ଟଙ୍କ ଦପ୍ତର ମଧ୍ୟପ୍ରଦେଶସ୍ଥ ରାୟପୁରରୁ ସମ୍ବଲପୁରକୁ ଉଠି ଆସିଲା। ଏହିଦିନ ବଙ୍ଗର ଅଙ୍ଗଚ୍ଛେଦ ହୋଇ କେବଳ ବଙ୍ଗଦେଶରେ ନୁହେଁ, ସମଗ୍ର ଭାରତବର୍ଷରେ ପ୍ରବଳ ବିପ୍ଳବାତ୍ମକ ବାୟୁମଣ୍ଡଳ ସୃଷ୍ଟିହେଲା।

ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱତନ ସନ ୧୯୦୫ ମସିହା ମୋ ଜୀବନର ଏକ ଅବିସ୍ମରଣୀୟ ଘଟଣା। ସେହି ବର୍ଷ ବୈଶାଖ ମାସ। ସେତେବେଳେ ମୁଁ କଟକ ରେଭେନ୍‌ସା କଲେଜର ଛାତ୍ର। ଗ୍ରୀଷ୍ମାବକାଶରେ ନିଜ ଘର ଆଗଲପୁରକୁ ଆସିଥିଲି। ଘରେ କିଛିଦିନ ରହି ବଲାଙ୍ଗିରକୁ ଗଲି ଓ ସହାଧ୍ୟାୟୀ ବନ୍ଧୁ ସନାତନ ପୂଜାରୀ (ପରେ କଟକ ମେଡ଼ିକାଲ୍ ଅଧକ୍ଷ ରାୟବାହାଦୂର ଡାକ୍ତର ସନାତନ ପୂଜାରୀ)ଙ୍କ ଘରେ ପ୍ରାୟ ଆଠଦିନ ଅତିଥି ହୋଇ ରହିଲି। ସେତେବେଳେ ସନାତନବାବୁଙ୍କ ପିତା ଶ୍ରୀ କମଳଲୋଚନ ପୂଜାରୀ ପାଟଣା ଷ୍ଟେଟ୍‌ର ବନ୍ଦୋବସ୍ତ ଅଫିସର୍। ବଲାଙ୍ଗିରକୁ ଯିବା ଉଦ୍ଦେଶ୍ୟ, ପିଲାଦିନର ବନ୍ଧୁମାନଙ୍କ ସଙ୍ଗେ ଦିନାକେତେ ବାଲ୍ୟ ଜୀବନର ମଧୁର ସ୍ମୃତି ମଧ୍ୟରେ କଟାଇବା। ସେତେବେଳେ ମୁଁ ଏ ଅଞ୍ଚଳର ଏକମାତ୍ର କଲେଜ ଛାତ୍ର। ପନ୍‌ଝାଏ ଯାତ୍ରଦଳ କଟକ ଅଞ୍ଚଳରୁ ଆସି ସହର ମଧ୍ୟସ୍ଥ ରଘୁନାଥ ମନ୍ଦିର ସମ୍ମୁଖରେ ରାମଲୀଳା ଯାତ୍ରା କରୁଥିଲେ। ଦିନେ ରାତିରେ ମୁଁ ଓ ମୋର ଜନୈକ ବନ୍ଧୁ ବୁଲୁଁ ବୁଲୁଁ ଯାତ୍ରାସ୍ଥଳରେ ଆସି ପହଞ୍ଚିଲୁ। ସଡ଼କକୁ ଲଗି ରଘୁନାଥ ମନ୍ଦିର। ମନ୍ଦିର ସମ୍ମୁଖରେ ସଡ଼କ ଓ ତତ୍‌ପାର୍ଶ୍ୱସ୍ଥ ସ୍ଥାନ ଦର୍ଶକରେ ପୂର୍ଣ୍ଣ ହୋଇଅଛି। ଜଣଜଣ କରି ସୁଆଙ୍ଗ ବାହାରୁଛନ୍ତି ଏବଂ ରାମାୟଣ କଥା ସହ ନାନାପ୍ରକାର ସଙ୍ଗୀତଗାନ ହେଉଅଛି। ଉକ୍ତ ରାତ୍ରିର ବିଷୟ ହନୁମାନଙ୍କର ଲଙ୍କାପୋଡ଼ା। ହନୁମାନ ଭୂମିକାରେ ଅବତୀର୍ଣ୍ଣ ଅଭିନେତାର ସର୍ବାଙ୍ଗରେ କନାଗୁଡ଼ା ହୋଇ ଗୋଟିଏ କୃତ୍ରିମ ଲାଙ୍ଗୁଳ ଖଞ୍ଜା ହୋଇଅଛି। କୃତ୍ରିମ ବୃକ୍ଷ ଉପରେ ହନୁମାନ ଥରେ ଚଢ଼ି ଥରେ ତଳକୁ ଡେଇଁ ପଡୁଛି ଓ ବିକଟ ଦର୍ଶନ ବିକାରରେ ଦର୍ଶକଙ୍କ ମନରେ କୌତୁକ ଉତ୍ପାଦନ କରୁଛି ଏବଂ ଅସୁର ପକ୍ଷରୁ ତାକୁ ଲଗୁଡ଼ ନିକ୍ଷେପ ଦ୍ୱାରା ବିବ୍ରତ କରାହେଉଛି। କିୟଦ୍ଦୂରରେ କୃତ୍ରିମ ଅଶୋକବନରେ ଅସୁରୀ ପରିବେଷ୍ଟିତ ସୀତା। ହନୁମାନ ସ୍ୱଭାବସୁଲଭ ସ୍ୱରରେ ଗାନ ଧଇଲା -

"ଶିଂଶପା ବୃକ୍ଷର ଡାଳେ
ଯେ ହନୁମାନ ମନେ ମନେ ଭାଳେ
ନିଶ୍ଚୟ ଜାନକୀ ଜନକ ନନ୍ଦିନୀ
ଦେଖିଲଇଁ ବେନି ଡୋଳେ,
କି ଭାଗ୍ୟ ବଳେ।"

ଆମ୍ଭେମାନେ ଜନତା ମଧ୍ୟରୁ ବାହାରିଆସି ଅଳ୍ପ ଦୂରରେ ଛିଡ଼ାହୋଇ ଏ ସମସ୍ତ ଅଭିନୟ ଉପଭୋଗ କରୁଅଛୁଁ। ହଠାତ୍ ବିପରୀତ ଦିଗରୁ ଗୋଟିଏ ଭୀଷଣ କୋଳାହଳ ଉଠିଲା ଓ ସଡ଼କରେ ଉପବିଷ୍ଟ ଦର୍ଶକମଣ୍ଡଳୀ ମଧ୍ୟରେ ଚାଞ୍ଚଲ୍ୟ ଦୃଷ୍ଟିଗୋଚର ହେଲା। ହଠାତ୍ ଜଣେ ଜଣେ ଉଠି ପଳାଇବାକୁ ଲାଗିଲେ। ମୋ ଦୃଷ୍ଟି ସେ ଆଡ଼କୁ ଆକୃଷ୍ଟ ହେବାରୁ ଦେଖିଲି, କେହି ଜଣେ ଅପର ଏକ ବ୍ୟକ୍ତି କାନ୍ଧରୁ ଓହ୍ଲାଇ ପଡ଼ିଲେ ଓ ଦର୍ଶକଙ୍କ ଶରୀରରେ ବେତ୍ରାଘାତ କରି ଯାତ୍ରା ସମ୍ମୁଖକୁ ଆସିବା ସକାଶେ ମାର୍ଗ ପରିଷ୍କାର କରୁଥିଲେ। ଆଉ ବେତ୍ରାଘାତରେ ଲୋକେ ଇତସ୍ତତଃ ପଳାଇବାକୁ ଲାଗିଲେ। ମୁଁ ଓ ମୋର ବନ୍ଧୁ ଟିକିଏ ଅଗ୍ରସର ହେଲୁଁ। ଦେଖିଲି, ବେତ୍ର ହସ୍ତରେ ସ୍ୱୟଂ ରାଜକୁମାର ଓ ତାଙ୍କ ପଛରେ କତିପୟ ଭୃତ୍ୟ। କହିବା ବାହୁଲ୍ୟ, ଉକ୍ତ ରାଜକୁମାର ହିଁ ନରବାହନରେ ଯାତ୍ରାସ୍ଥଳକୁ ଆସିଥିଲେ ଓ ମନ୍ଦିର ପିଣ୍ଡା ଉପରେ ତାଙ୍କ ସକାଶେ ସଜ୍ଜିତ ଆସନରେ ବିଜେ ହେବା ସକାଶେ ମାର୍ଗରେ ଉପବିଷ୍ଟ ଦର୍ଶକଗଣଙ୍କୁ ବେତ୍ର ପ୍ରହାର ଦ୍ୱାରା ଘଉଡୁଥିଲେ। ନିରୀହ ଦର୍ଶକମାନଙ୍କ ପ୍ରତି ରାଜକୁମାରଙ୍କ ଏତାଦୃଶ ବ୍ୟବହାର ଦେଖି ମୋ ତୁଣ୍ଡରୁ କ୍ଷୋଭସୂଚକ ପଦେଅଧେ କଥା ବାହାରି ପଡ଼ିଲା। ମୋ ବନ୍ଧୁଙ୍କୁ ଲକ୍ଷ୍ୟକରି କହିଲି, "ଦେଖିଲ, ଅକାରଣରେ ରାଜକୁମାର ନିରୀହ ଲୋକମାନଙ୍କୁ ପିଟି ଛେଳି ମେଣ୍ଢା ପରି ଘଉଡୁଛନ୍ତି। ତାଙ୍କୁ ଚାଲିଯିବା ଦେଖିଲେ ତ ଏମାନେ ବାଟ ଛାଡ଼ି ଦିଅନ୍ତେ କିମ୍ବା ଜଣେ ଚାକର ଯଦି ବାଟ ପରିଷ୍କାର କରି କରି ତାଙ୍କ ଆଗେ ଚାଲିଯାନ୍ତା, ତାହାହେଲେ ବି ତ ତାଙ୍କର କିଛି ଅସୁବିଧା ହୁଅନ୍ତାନାହିଁ। ଅଚ୍ଛା, ଏହି ରାଜକୁମାର ତ ରାଜା ହେବେ ନାହିଁ। ରାଜା ହେବେ ଯୁବରାଜ। ଏ ହେବେ କ'ଣ ଯେ ଆଜିଠାରୁ ଏହାଙ୍କର ଏଡ଼େ ଦିମାକ୍!" ହଠାତ୍ ପଛରୁ ଶବ୍ଦ ହେଲା, "ଏ ଆଉ କ'ଣ ହେବେ , ଜଣେ ତାଲୁକ୍‌ଦାର ଜମିଦାର ହେବେ। ଖଣ୍ଡେ ରାଜ୍ୟର ମାଲିକ ହେବେ।" ପଛକୁ ଅନାଇ ଦେଖିଲି - ଚିରିଗୁଣି ମୋ ଚିହ୍ନା; ରାଜକୁମାରଙ୍କର ଅତ୍ୟନ୍ତ ବିଶ୍ୱାସୀ ଭୃତ୍ୟ। ସେ ପୁଣି କହିବାକୁ ଲାଗିଲା, "ହୁଁ! ସାନ ମୁହଁରେ ବଡ଼ କଥା। ଦି' ଅକ୍ଷର ପଢ଼ିଲାକୁ ଏଡ଼େ ଦିମାକ୍! ଆଚ୍ଛା କାଲି ଦେଖାଯିବ ଯେ, ମହାରାଜାଙ୍କ ଛାମୁରେ ଏକଥା ଜଣାଇବି।" ମୋ ଛାତି ଥରିବାକୁ ଲାଗିଲା। ଆଖିକୁ ଅନ୍ଧାର ଦିଶିଲା। (କ୍ରମଶଃ)



# ଡାଏରୀ -୪୧

**ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...**



## ॥ ରମାର ଘର ॥

ରମା ଗୋଟେ ଘର ତିଆରି କରିଥିଲା ଭୁବନେଶ୍ୱରରେ । ଘର ପ୍ରତିଷ୍ଠାକୁ ଫୋନ୍‌ରେ ନିମନ୍ତ୍ରଣ କରିଥିଲା । ରମା ବାହାଘରର ଅନେକ ବର୍ଷପରେ ଇଏ ଥିଲା ପ୍ରଥମ ଫୋନ୍ କଲ୍ ରମାର ।

ବିଶେଷ କିଛି ଖବର ରମାର ନଥିଲା ରଜନୀ ଦାଶ ପାଖରେ । ରମା ଓ ସେ ଆଇ.ଏ ରୁ ଆରମ୍ଭ କରି ଏମ୍.ଏ ପର୍ଯ୍ୟନ୍ତ ଏକାଠି ପାଠ ପଢ଼ିଥିଲେ । ବେଶ୍ ବଂଧୁତା ଥିଲା ଉଭୟଙ୍କ ମଧ୍ୟରେ । କଲେଜ୍ ପିକ୍‌ନିକ୍, ଆନୁଆଲ୍ ଫଙ୍କସନ ସବୁଥିରେ ସେ ଥିଲା ଆଗୁଆ । ଅନେକ ବିଷୟ ସେ ନିସଙ୍କୋଚରେ ଶେୟାର କରୁଥିଲା ରଜନୀ ଦାଶ ସହିତ ।

ରଜନୀ ଦାଶ ଜାଣିଥିଲା ରମାର ସଂପର୍କ ବଂଧୁ କମଳ ସାଥିରେ । କମଳ ଭଲ ପିଲା । ରମାକୁ ଖୁବ୍ ଭଲ ପାଏ । ଅନେକ ପ୍ରେମ ବାଣୀବିହାରର କ୍ୟାମ୍ପସ ଭିତରେ ସୃଷ୍ଟି ହୁଏ ଆଉ ତାର ପରିସମାପ୍ତି ବି ସେଇ କ୍ୟାଂପସର ଚଉହଦୀ ଭିତରେ ହୋଇଥାଏ । ସେମିତି ବି ଘଟିଲା ରମା କ୍ଷେତ୍ରରେ । କମଳ ତା ପରିବାରର ବାଧବାଧକତାରେ ଅନ୍ୟତ୍ର ବିବାହ କରିନେଲା ।

ଅସମ୍ଭବ ଭାବରେ ନିରବି ଯାଇଥିଲା ରମା । ଏପରିକି ରଜନୀ ଦାଶ ସହିତ ବି ସଂପର୍କ ନଥିଲା । ମଝିରେ ରଜନୀ ଦାଶ ଶୁଣିଥିଲା କୋଉ ଗୋଟାଏ ଦୂର ଅପହଞ୍ଚ ଇଲାକାର ପ୍ରାଇଭେଟ କଲେଜରେ ଜଏନ୍ କରିଛି ରମା । ଏହା ମଧ୍ୟରେ ରମା ବି ବିବାହ କରିନେଇଥିଲା । ଜନୈକ ଆଡ୍‌ଭୋକେଟ୍ ସହିତ । ନିମନ୍ତ୍ରଣ ବି ଜଣାଇନଥିଲା ।

ତେବେ ଘର ପ୍ରତିଷ୍ଠାକୁ ନିମନ୍ତ୍ରଣ କଲା । ଅନେକ ଦିନ ପରେ ତା ଘରକୁ ଗଲା ରଜନୀ ଦାଶ । ରମାର ସ୍ୱାମୀ ବେଶ ଭଦ୍ର ଓ ଅମାୟିକ । ଛୋଟ ପୁଅ । ଖୁବ୍ ସୁନ୍ଦର ଡିଜାଇନ୍‌ରେ ଘରଟିକୁ ତିଆରି କରିଥିଲେ ସେମାନେ । ଖୁସି ଜଣାପଡୁଥିଲା ରମା ।

ତା ପରେ ଅନେକ ଦିନର ନିରବତା । ଜଂଜାଳ ଭିତରେ ପ୍ରାୟତଃ ରମା କଥା ଭୁଲି ଯାଇଥିଲା ରଜନୀ ଦାଶ ।

ହଠାତ୍ ଘର ଲ୍ୟାଣ୍ଡଫୋନ୍‌ରେ କଲ୍ କଲା ରମା । କଣ୍ଠସ୍ୱର କେମିତି ଉଦାସ ଲାଗୁଥିଲା । ତାକୁ ଜରୁରୀ ଦେଖା କରିବାକୁ କହିଲା ।

କ'ଣ ବା ଏମିତି ଘଟିଛି ରମା ସାଥିରେ ? ରଜନୀ ଦାଶର ଜରୁରତ୍ କ'ଣ ଏମିତି ଦରକାର ପଡ଼ିଲା ? କି ସାହାଯ୍ୟ ସେ ଆଶା କରୁଛି ତା'ଠାରୁ ?

ଏମିତି ଅନେକ ଅସମାହିତ ପ୍ରଶ୍ନ ଭିତରେ ରଜନୀ ଦାଶ ରମାର ଘରେ ପହଞ୍ଚିଥିଲା । ଗୋଟାଏ ବେଡ୍‌ରେ ଶୋଇଥିଲା ରମା । ମୁଣ୍ଡରୁ କେଶ ଗୁଡିକ ଉଭେଇ ଯାଇଥିଲେ । କ୍ୟାନ୍‌ସର୍‌ର ଭୂତାଣୁ ସଂଚରି ଯାଇଥିଲେ ତା ଦେହରେ । ଖୁବ୍ ଭାଙ୍ଗି ପଡ଼ିଥିଲା ରମା ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ଯେ ତା' ଘରର କିଛି ଅଂଶକୁ ଗୋଟିଏ ପରିବାର ଜବର ଦଖଲ କରିନେଇଛି । ଏ କେମିତି ସମ୍ଭବ ! ରମାର କଥାନୁସାରେ ରମାର ଅନୁପସ୍ଥିତିରେ ଲୋକଟିର ଝିଅ ରମାର ସ୍ୱାମୀ ଆଉ ପିଲାର ସହାୟତା କରି ଆସୁଥିଲା । ଅନେକ ଦିନ ପରେ ସେ ଝିଅଟିର ବାପ ରମାର ସ୍ୱାମୀକୁ ତା' ଝିଅ ସହ ଅନୈତିକ ସଂପର୍କ ଜନିତ ଅଭିଯୋଗରେ ବ୍ଲାକ୍‌ମେଲ୍ କରିବାକୁ ଆରମ୍ଭ କଲା । ରମାର ତା' ସ୍ୱାମୀ ଉପରେ ଅଗାଧ ବିଶ୍ୱାସ ଥିଲା । ଆଉ ସେ ଝିଅଟିର ବାପ ଥିଲା ରଜନୀ ଦାଶ ଗାଁର । ରମା ସେଥିପାଇଁ ରଜନୀ ଦାଶର ସହାୟତା ଲୋଡ଼ିଥିଲା ।

ସେ ବାପ ଆଉ ଝିଅକୁ ଦେଖାକଲା ରଜନୀ ଦାଶ । ତା' ବାପ ରଜନୀ ଦାଶର ପରିଚିତ ଥିଲା । ଆଶାଥିଲା କିଛି ଗୋଟାଏ ସମାଧାନର ସୂତ୍ର ବାହାରି ପାରେ ।

ହେଲେ ସେ ଝିଅର ବାପ ଯେଉଁ ବିସ୍ଫୋରକ ବୟାନ ଦେଲା, ସେଥିରେ ରଜନୀ ଦାଶର ଆଶ୍ଚର୍ଯ୍ୟ ହେବାର ଯଥେଷ୍ଟ କାରଣ ଥିଲା । ରମାର ଚାକିରୀ ଜନିତ ଦୀର୍ଘ ଅନୁପସ୍ଥିତିରେ ତା ସ୍ୱାମୀ ଝିଅଟି ସହିତ ଖୁବ୍ ଅନ୍ତରଙ୍ଗ ସଂପର୍କ ସ୍ଥାପନ କରିଥିଲା । ଏସବୁ ରମାର ଜାଣିବାର କୌଣସି ସୁଯୋଗ ହିଁ ନଥିଲା । ଏବେ ସେ ଝିଅ ରମା ଜୀବନରେ ଧୂମକେତୁ । ଯେ କୌଣସି ମୁହୂର୍ତ୍ତରେ ଧ୍ୱସ୍ତ ବିଧ୍ୱସ୍ତ କରିଦେଇପାରେ ଏତେ ଦିନର ବିଶ୍ୱାସ ଆଉ ପ୍ରେମର ମୂଳଦୁଆ ଉପରେ ଛିଡ଼ା ହୋଇଥବା ତା ଘରଟିକୁ ।

ଏତେ ସବୁ ଘଟିବା ଭିତରେ ବି ରମାର ଅପାର ବିଶ୍ୱାସ ଥିଲା ତା ସ୍ୱାମୀ ଉପରେ । ସବୁ ଶୁଣିବା ପରେ ରଜନୀ ଦାଶ ଭାବି ପାରୁନଥିଲା କ'ଣ ବା ଉତ୍ତର ଦେବ ରମାକୁ । ଆଉ ମାତ୍ର କିଛିଦିନର ଅତିଥି ସେ ଏ ସଂସାରରେ, ନିଜ ହାତରେ ତିଆରି କରିଥିବା ତା ବିଶ୍ୱାସର ଘରଟି ଏମିତି ଖଣ୍ଡ ଖଣ୍ଡ ହେଇଯିବ ତା ଆଖି ଆଗରେ, ଏକଥା ରମା ସହିପାରିବ ତ !

ଶେଷ ମୁହୂର୍ତ୍ତରେ ରଜନୀ ଦାଶ ରମାକୁ ନ ଜଣାଇ ଫେରିଆସିଲା । କେଇ ମାସ ପରେ ତା'ର ଦେହାନ୍ତ ହେବାର ଖବର ପାଇଥିଲା ସେ ।


ବାଲକାଟି, ଖୋର୍ଦ୍ଧା-୭୫୨୧୦୦, ମୋ: ୯୩୩୭୨୬୧୦୭୫




# ପୁଷ୍ପିକା

### ବଂଶୀଧର ଷଡ଼ଙ୍ଗୀ

ଭଗ୍ନପୃଷ୍ଠ କଟୀ ଗ୍ରୀବା ସ୍ତବ୍‌ଧଦୃଷ୍ଟି
ଅଧୋମୁଖମ୍
ଦୁଃଖେନ ଲିଖିତଂ ଗ୍ରନ୍ଥ
ପୁତ୍ର ଏବ ପରିପାଳୟେତ

ଉପରୋକ୍ତ ଉଦ୍ଧୃତି
ଆମର ପୁରୁଣା ତାଳପତ୍ର ପୋଥିମାନଙ୍କର
ଶେଷରେ ଉଲ୍ଲେଖ କରାଯାଇଥାଏ
ଯାହାକୁ ପୁଷ୍ପିକା ବୋଲି କୁହାଯାଏ

ପୁରାଣ କାବ୍ୟ କବିତା ନକଲ କରି ସାରିବା ପରେ
ଲେଖନକାର ଅନେକ କଥା ଲେଖିଥାଆନ୍ତି
ଏଇ ଯେମିତି କୋଉ ରାଜାଙ୍କ ସମୟର
କୋଉ କବିଙ୍କର
ପୁଣି ନକଲକାରଙ୍କ ପରିଚୟ
ପୋଥିର ମାଲିକ କିଏ
ଇତ୍ୟାଦି ଇତ୍ୟାଦି

ଅନେକ ସମୟରେ
ଯେହେତୁ ମୁନିମାନଙ୍କର ମଧ
ମତିଭ୍ରମ ହେଇଥାଏ
ସେହେତୁ ଲେଖନକାରଙ୍କ ମଧ
ଭୁଲ୍‌ଭାଲ୍ ରହିପାରେ
ତେଣୁ ସାଧୁଜନମାନଙ୍କୁ
ଶୁଦ୍ଧ ଅଶୁଦ୍ଧ ପୂରୋଇ ଗାଇବାକୁ
ଅନୁରୋଧ କରାଯାଇଥାଏ ପୁଷ୍ପିକାରେ

ଏଇସବୁ ବିବରଣୀ କାବ୍ୟ ପୁରାଣ
ପୋଥି ଶେଷରେ ଉଲ୍ଲେଖ ଥାଏ
କିନ୍ତୁ ଏ କଥା ତ ଏବେ
କବିତା ସବୁରେ ଲେଖାଯାଉଛି
ଯାହା ହୁଏତ ମୂଳରୁ ଶେଷଯାଏ
କବିତା ଭିତରେ ହିଁ ରହିଯାଉଛି
କବିର ନିଜକଥା ହେଉ କି
ପାଖ ପଡ଼ିଶା
କିମ୍ବା ସଂପୃକ୍ତ ପଶୁପକ୍ଷୀମାନଙ୍କର

ତେବେ ଏବର କବିତାକୁ
ପୁଷ୍ପିକାର ଅନ୍ତର୍ଗତ କରାଯାଉ
କ୍ଷତି କଣ ।


+"କବିତାଘର"
ଗୁହାଳପଡ଼ା, ନିମାପଡ଼ା, ପୁରୀ-୭୫୨୧୦୬
ମୋ: ୮୯୧୭୨୭୦୫୫୬


କବିତା.... ଆମ ସମୟର



# ତୋଫାନ ଆଗରେ ବିଦ୍ରୋହ

### କେଦାର ମିଶ୍ର



ତୁଫାନ ଆଗରେ ଠିଆ ହୋଇଥିବା ଏ ନହନହକା ଗଛ
ସେଇ ଦିନେ ବଦଳାଇ ଦେବ ଇତିହାସ ।

ସେ ହିଁ କହିବ ହିଂସ୍ର ପବନର ଅହଂକାର
ଓ ଦୂର ସମୁଦ୍ରର ରକ୍ତପିପାଶୁ କାହାଣୀ
ସେଇ କହିବ କେତେ ଲୋଭରେ ଗଢ଼ା ହୋଇଛି ସିଂହାସନ
କାହା କାହାର ପଞ୍ଜରାହାଡ କାଟି ତିଆରି ହୋଇଛି ବଜ୍ର ଓ ବିଜୁଳି ।

ନହନହକା ଓ ଦୁର୍ବଳ ଏଇ ଗଛ
ପବନ ମାଡରେ ଭୂଇଁରେ ଲୋଟି ପୁଣି ସଳଖି
ଠିଆ ହେଉଥିବା ଏ ଗଛ
ସବୁ ଭୟ ଓ ଆକ୍ରାମଣକୁ ଫୁଃ କରି ଉଡେଇ ଦେଉଥିବା
ଏ ମହା ନିର୍ଲ୍ଲଜ ଗଛ ।

ଏ ଗଛ କହିବ ସେଇମାନଙ୍କର ମନର କଥା
ଯେଉଁମାନେ ହଜାର ହଜାର ମାଇଲ ଚାଲିବାର
ସାହସ ରଖିଥିଲେ
କହିବ ସେ ସାନ ଶିଶୁର କଥା
ଯିଏ ମୁଜାଫରପୁର ରେଳ ଷ୍ଟେସନରେ
ତାର ମୃତ ମା'କୁ ଉଠେଇବାକୁ ଚେଷ୍ଟା କରୁଥିଲା
କହିବ ବି ଥାଳି ବାଡେଇ ମୃତ ପୃଥିବୀର ଉତ୍ସବ ପାଳୁଥିବା
ଅମେରୁଦଣ୍ଡୀ ମଧ୍ୟବିତ୍ତର କଥା ।

ସବୁଠୁ ଦୁର୍ବଳ ଜିଭ ଇ ସବୁଠୁ ଶକ୍ତ ଆୱାଜରେ
ଡାକିବ ସବୁ ଦୁର୍ବଳ ମଣିଷର ପଟୁଆରକୁ
ଡାକିବ, ପ୍ଲାଷ୍ଟିକ ବୋତଲର ଜୋତା ପିନ୍ଧିଥିବା ପାଦମାନଙ୍କୁ
ଖାଇ ନଥିବା ଓ ଶୋଷରେ ଡହଳ ବିକଳ
ପେଟମାନଙ୍କୁ, ଛାତିର ଲୁହା ତରଳା ଦମ୍ଭକୁ ।

ତମେ କ'ଣ ଭାବୁଛ, ଏ ଆୱାଜ ଏମିତି ସରିଯିବ
ଏ ଗଛକୁ ଓପାଡ଼ି ଫୋପାଡ଼ି ଦେବ ତମର
ପ୍ରାୟୋଜିତ ତୋଫାନ
ନା, ଏ ନହନହକା ଗଛ ଇ ତମ ଆଗରେ ଦର୍ପଣ ଧରି ଠିଆହେବ
ତମର ମୁଖାପିନ୍ଧା ମୁହଁ ତଳେ ଲୁଚିଥିବା ନରଖାଦକର ଚେହେରା
ଏଇ ଦୁର୍ବଳତମ ଗଛ ଇ ଦେଖେଇଦେବ ଦୁନିଆଁକୁ ।

ତମର ତୋଫାନ ଆଗରେ କେବେ ହାରିନାଇଁ କି ହାରିବନାଇଁ
ସବୁଠୁ ଅସହାୟ, ଦୁର୍ବଳତମ ଏ ଗଛ ।


ବିନୋଦିନୀ ନିବାସ, ୨୬୫/୧୭୩୬ଏ
ଶାସ୍ତ୍ରୀ ନଗର, ୟୁନିଟ-୪, ଭୁବନେଶ୍ୱର

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୨୯ ନଭେମ୍ବର, ୨୦୨୦


## ମନେପଡେ....(୪୧)

# ବୀର ଭାଇଙ୍କ କଲମର ମୂଲ୍ୟ




ସୁଗାଳ୍ପିକ ଓ ସ୍ତମ୍ଭକାର

**ଉଦୟ ନାରାୟଣ ଦାସ**


ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନିରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।


ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯


ବାପାଙ୍କ ସହ ପିଲାଦିନେ କେତେଥର ବେଣାପଦା ଆଶା ଅପା ଘରକୁ ଯାଇଛି । ସେ ମୋ ବାପାଙ୍କ ପିଉସୀ ଥିଲେ । ସେ ବି କେତେଥର ଆମ ଘରକୁ ଆସୁଥିଲେ ତାଙ୍କ ସୁବିଧା ଦେଖି । ଅପା ମୋତେ ଦେଖିଲେ ଆବେଗରେ କୁଣ୍ଢେଇ ପକାଇ ମୋତେ ଆଉଁସି ଦେଉ ଦେଉ ବିଚଳିତ ହୋଇ କାନ୍ଦୁଥିଲେ । କେଉଁଟୁ କୁଆଡୁ କଣ ସବୁ ଆଣି ମୋତେ ଖୁଆଉଥିଲେ । ଘରକୁ ଆସିଲା ବେଳେ ମୋ ପକେଟରେ କିଛି ସାଇତି ଥିବା ଟଙ୍କା ବି ସେ ପୁରାଇ ଦେଉଥିଲେ ।

ଆଶା ଅପାଙ୍କ ଏକମାତ୍ର ପୁଅ ଶ୍ରୀରାମ । ତାଙ୍କର ଦୁଇ ପୁଅ ବୀର ଓ ମନ । ଦୁର୍ଭାଗ୍ୟ ଯେ ଅଳ୍ପ ବୟସରେ ଶ୍ରୀରାମଙ୍କ ମୃତ୍ୟୁ ହେଇଗଲା । ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ପଡୋଶୀ ଦିଅରକୁ ଦ୍ୱିତୀୟ ବିବାହ କଲେ । କିନ୍ତୁ ଆଶା ଅପା ଦୁଇ ନାତିଙ୍କୁ ମଣିଷ କରିବାକୁ ଭୂଲି ନଥିଲେ । ବୀର ଭାଇ ସେ ସମୟରେ ଇଲେକ୍ଟ୍ରିକାଲ ଇଂଜିନିୟରିଂ ପଢୁଥିଲେ । ମନ ଭାଇ ଅଳ୍ପ ପାଠ ପଢି ଘରର ଚଷବାସ କଥା ବୁଝୁଥିଲେ ।

ବୀର ଭାଇ ପ୍ରତିବର୍ଷ ଦୁର୍ଗା ପୂଜା ଆରମ୍ଭରେ ଆମ ଘରକୁ ଆସୁଥିଲେ । ଆମ ଘରୁ ସମୁଦ୍ର ଅଳ୍ପ ରାସ୍ତା ବୋଲି ସେ ଆମ ଘରୁ ସମୁଦ୍ରକୁ ଯାଇ ପାଣି ଆଣୁଥିଲେ । ସେ ପାଣି ତାଙ୍କ ଘରେ ପାଳୁଥିବା ଦୁର୍ଗାପୂଜାରେ ଲାଗିବ । ମୋର ଭଲ ଭାବେ ଏବେବି ମନେ ଅଛି ମୁଁ ସେତେବେଳେ ଚତୁର୍ଥ ଶ୍ରେଣୀରେ ପଢୁଥିଲି । ବୀର ଭାଇ ଆମ ଘରକୁ ସାଇକେଲରେ ଆସିଥିଲେ ।

ଜେଜେ ବାପାଙ୍କ ସହ ସେ ଲୁଙ୍ଗି ଓ ଗେଞ୍ଜି ପିନ୍ଧି ସମୁଦ୍ରକୁ ଗଲେ ସମୁଦ୍ର ପାଣି ଆଣିବା ପାଇଁ । ସତ କଥା ହେଲା ସେତେବେଳେ ମୁଁ ଦୁଆତ ଓ ଝର କଲମରେ ପାଠ ଲେଖୁଥିଲି । ଝର କଲମକୁ ଦୁଆତରେ ବୁଡାଇ ଲେଖା ଯାଉଥିଲା । ପୁଣି କାଳି ସରିଗଲେ ଦୁଆତରୁ ବୁଡାଇ ଅଣା ଯାଉଥିଲା । କିନ୍ତୁ ସ୍କୁଲରେ ସେତେବେଳେ ବିଷ୍ଣୁ ସାର୍ ଫାଉଣ୍ଟେନ ପେନରେ ଆମ ଖାତା କରେକସନ୍ କରୁଥିଲେ । ସେ ପେନ୍ ଦେଖିଲେ ମୋର ଭାରି ଇଚ୍ଛା ହେଉଥିଲା ସେହି ପେନକୁ ଥରେ ଦେଖନ୍ତି ଓ ସେଥିରେ ଲେଖନ୍ତି । କିନ୍ତୁ ଏ ମନ କଥା କାହାରିକୁ ମୁଁ କହିପାରୁ ନଥିଲି । ବାସ୍ତବିକ୍ ସେହି ପେନରେ ଲେଖିବା ଥିଲା ସେ ସମୟରେ ମୋର ଏକାନ୍ତ ସ୍ୱପ୍ନ ।

ଠିକ୍ ସେହି ସମୟରେ ମୁଁ ବୀର ଭାଇଙ୍କ ସାର୍ଟ ପକେଟରେ ଫାଉଣ୍ଟେନ୍ ପେନ୍ ଦେଖିଲି । ମୁଁ ଆଉ ମୋ ଲୋଭ ସମ୍ବରଣ କରି ପାରିଲି ନାହିଁ । କଲମଟା ଟାଣି ଆଣି ଦେଖିଲି ସେଥିରେ ଲେଖା ଅଛି **PLATO** । ଏ କମ୍ପାନୀର କଲମ ସେତେବେଳେ ଖୁବ୍ ନାମୀ କଲମ । ସେ କଲମକୁ କିଛି ସମୟ ମୁଁ ଭଲ କରି ଦେଖିଲି । ତା'ପରେ ମୋ ଖାତା ଆଣି ସେଥିରେ ଲେଖିଲି । ଲେଖୁ ଲେଖୁ ସମୟ ଭୁଲିଗଲି । ଖୁବ୍ ସୁନ୍ଦର ଚାଲୁଥିବା ହେତୁ ଅନେକ ସମୟ ଧରି ଲେଖି ଚାଲିଥିଲି ଓ ଭାବୁଥିଲି ଏ କଲମଟା ମୋର ହୋଇ ଯାଆନ୍ତା କି ମୁଁ ତମାମ ସମୟ ଖାଲି ଏ କଲମରେ ଲେଖୁଥାନ୍ତି ।

ବୋଉ ମୋର ଏମିତି ଲେଖିବାର ମନସ୍କତା ଦେଖି କହୁଥିଲା - 'ପ୍ରଭୁ ତୋତେ ଜୀବନରେ ସବୁବେଳେ ଲେଖିବାର ସାମର୍ଥ୍ୟ ଦିଅନ୍ତୁରେ ବୁଢା' ଓ ଏତିକି କହି ଆଖିରୁ ଲୁହ ଝରାଉ ଥିଲା । ବାପା ମାଆ ପୁଅଙ୍କ ଏ ଆତ୍ମିକ ଦୃଶ୍ୟ ଦେଖି କ'ଣ ବୁଝିଲେ କେଜାଣି କହିଲେ - 'ବୀର ଆସୁ, ତାକୁ କହିବି ସେ ଏ କଲମଟା ତୋତେ ଦେଇଯିବ ।'

ଜେଜେ ଓ ବୀର ଭାଇ ସମୁଦ୍ରରୁ ପାଣି ଧରି ଫେରିଲେ । ସେମାନେ ଆସିଲା ବେଳକୁ ବି ମୁଁ ସେଇ କଲମରେ ଲେଖୁଥିଲି । ବୀର ଭାଇ ଦେଖି ମନେମନେ ମୋ ଉପରେ ବିଗିଡ଼ି ଯାଇଥିଲେ ଓ କଲମଟା ମୋ ହାତରୁ ଛଡାଇ ନେଇ ବାପାଙ୍କ ଉଦ୍ଦେଶ୍ୟରେ କହିଥିଲେ - 'ଏ ପୁଅର ସାହସ ହେଲା କେମିତି ମୋ କଲମରେ ଲେଖିବାକୁ । ମୁଁ କଲମ କାହାରିକୁ ଧରିବାକୁ ଦିଏ ନାହିଁ ଯେ ମୋ ପ୍ରିୟ କଲମ ବୋଲି । ଶୁର ଦାଦା ଏ ପିଲାକୁ ଶାସନ କର ଏମିତି କାହା ଜିନିଷରେ ହାତ ନ ଦେବାକୁ ।'

ବାପା କିଛି ସମୟ ଗୁମ୍ ମାରି ବସିଗଲେ ଓ କହିଲେ - 'ନାହିଁରେ ଛୁଆଟା ତୋତେ ନିଜ ଭାଇ ଭାବି କଲମଟାକୁ ଧରି ନେଇଥିଲା । ସେ କିସ ଅନ୍ୟ କାହାର ଆଉ ନେଇଥାନ୍ତା ।' ବୀର ଭାଇକୁ ବାପା ଆଉ କଲମ ମାଗି ନଥିଲେ । କିନ୍ତୁ ସେଇ ଦିନ ଓପର ଓଳି ଗୋପାଳପୁର ଯାଇ ମନୋହର ବହି ଦୋକାନରୁ ମୋ ପାଇଁ ଗୋଟେ ଫାଉଣ୍ଟେନ କଲମ କିଣି ମୋ ହାତରେ ଦେଇ କହିଥିଲେ - 'ଏବେ ଏଇଥିରେ ଲେଖିବୁ ଯାହା ତୋ ମନକୁ ଆସିବ ।' (ଆରଥରକୁ)

ଧାରାବାହିକ ଉପନ୍ୟାସ

# ନାତି


ଡ. ରତିକାନ୍ତ ବେହେରା

କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨




ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ୍ଡେଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ



ଭାଗ-୪

ଦୀନନାଥ ଲଜ୍ଜିତ ହେଲେ । ଯେତେହେଲେ କାର୍ତ୍ତିକ ବୟସରେ ସାନ । ନିଜର ମନୋଭାବକୁ ପ୍ରକାଶ କରିବାକୁ ଦେଲେନାହିଁ । କଥାଟାକୁ ଟିକେ ବୁଲେଇ କହିଲେ - "ସରକାରୀ ଡାକ୍ତରଖାନାଗୁଡ଼ିକର ଯାହା ଯେମିତି ଘଟୁଛି, ସେଥିରେ ଲୋକମାନଙ୍କର ଆସ୍ଥା କମିଯାଇଛି । ଆଉ ଯେଉଁଦିନ ମେଡ଼ିକାଲ୍‌ର ପ୍ରତ୍ୟେକ କର୍ମଚାରୀ, ଡାକ୍ତର ଓ ନର୍ସ ରୋଗୀ ପଛରେ ପଡ଼ିବେ, ସେଦିନ ବୋଧହୁଏ ଯାଇ ଏ ଭାବନା ଲୋକଙ୍କ ଭିତରୁ ଦୂର ହେବ ।"

।। ୩ ।।

"ଶୋଇ ପଡ଼ିଲ କି ବାପା !" - ପଚାରିଲା ପ୍ରମଦା ଦୀନନାଥଙ୍କୁ ।

ଶୁଭଦାର ବଡ଼ଯା' ପ୍ରମଦା । ସମୁଦି ଦେବାନନ୍ଦଙ୍କର ବଡ଼ବୋହୂ । ଶୁଭଦା ବାହାଘରର ଦୁଇବର୍ଷ ଆଗରୁ ବୋହୂ ହୋଇ ଆସିଛି ସେ । କୋଳରେ ଏବେ ତା'ର ତିନିବର୍ଷର ପୁଅ 'ବାବା' । ଦେବାନନ୍ଦବାବୁଙ୍କର ବଡ଼ ପୁଅ ଦୀନେଶ ଭୁବନେଶ୍ୱରରେ କୌଣସି ଏକ ବଡ଼ କମ୍ପାନୀରେ ଅଛନ୍ତି । ଏଥିପାଇଁ ଭୁବନେଶ୍ୱରରେ ରହଣୀ ।

ଏକପ୍ରକାର ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ସେଇମିତି ଆଖି ବନ୍ଦକରି ଦୀନନାଥ କହିଲେ,

"ନାଇଁ ମା ! ଶୋଇନାହିଁ । ତୁମମାନଙ୍କର ଏମିତି ସବୁ ପରିସ୍ଥିତି ଲାଗି ରହିଲେ କେଉଁ ବାପାକୁ ବା ନିଦ ହୁଅନ୍ତା !"

"ଆପଣ ଖୁବ୍ ବେଶୀ ଭାବପ୍ରବଣ ହୋଇପଡୁଛନ୍ତି ବାପା ! ଆଦୌ କିଛି ଭାବନ୍ତୁ ନାହିଁ । ସବୁ ଠିକ୍ ହୋଇଯିବ । ସେ ଯଦି ଆମର ହୋଇଥିବ, କେହି ତାକୁ ଆମଠାରୁ ନେଇଯିବ ନାହିଁ ।" - କହିଲା ପ୍ରମଦା ।

ଗୋଟିଏ ଗାଡ଼ିରେ ଜାକିଜୁକି ହୋଇ କଟକ ସି.ଡି.ଏ.ରୁ ଫେରୁଥିଲେ ଦୀନନାଥ, ପୁଅ ଶୁଭକାନ୍ତ, ପ୍ରମଦା, ଲିପୁ ଆଉ ବାବା । ନିଜେ ଦୀନେଶ ଗାଡ଼ି ଚଲଉଥିଲା । ଏମାନଙ୍କ ସହିତ ଡଲି ବି ଥିଲା । ପଛ ସିଟ୍‌ରେ ଡଲି, ପ୍ରମଦା ଆଉ ଦୀନନାଥ । ଆଗରେ ଶୁଭକାନ୍ତ, ତା' କୋଳରେ ବାବା, ପାଖକୁ ଲିପୁ ଓ ଡ୍ରାଇଭର୍ ସିଟ୍‌ରେ ଦୀନେଶ । ପଛସିଟ୍‌ରୁ ଅଧାଅଧି ମାଡ଼ି ବସି ଶୋଇଥିଲା ଡଲି । ପ୍ରମଦା ତା' ଉପରେ ପାଟିକରି ଯେତେ ଘୁଞ୍ଚିଯା' ବୋଲି କହିଲେ କି ଠେଲିଲେ ବି ଆଦୌ ସେ ଶୁଣୁ ନଥିଲା ।

ଡଲିକୁ ପ୍ରମଦା ଆଦୌ କୁକୁରଟିଏ ବୋଲି ଭାବେନାହିଁ । ଭାବେ, ବାବା ପରି ସେ ବି ଗୋଟିଏ ପିଲା, ତା'ର ଝିଅ । ପ୍ରମଦା ତାକୁ ବେଶୀ ପିଲାଟି ବେଳୁ ଗେହ୍ଲା କରି ଦେଇଛି । ସେଥିପାଇଁ ତା' ମନ ଭାରି ମୋଟା ହୋଇଯାଇଛି ।

ଅମାବାସ୍ୟାର ଗାଢ଼ ଅନ୍ଧାରକୁ ଦୁଇଫଡ଼ା କରି ଚରି ଜାତୀୟ ରାଜପଥର ବକ୍ଷ ଉପରେ ସେମାନଙ୍କ ଗାଡ଼ି ଛୁଟି ଚାଲିଥିଲା ଆଗକୁ । ସି.ଡ଼ି.ଏ.ର ନିଉବରନ୍ ବେବିକେୟାର୍ ସେଣ୍ଟର୍‌ରେ ପୁଅ ପାଖରେ ଉବେଶ ଆଉ ରବିକୁମାରକୁ ଛାଡ଼ି ଏମାନେ ସମସ୍ତେ ଫେରୁଛନ୍ତି, ଏଇ ଖଣ୍ଡିଏ ମାତ୍ର ଗାଡ଼ିରେ । ପ୍ରମଦା, ଦୀନେଶ, ଡଲି ଆଉ ବାବା ରହିବେ ଭଦ୍ରକରେ । ଆଉ ପୁଅ ଶୁଭକାନ୍ତ ଓ ପୁତୁରା ଲିପୁ ସହିତ ଦୀନନାଥ ଫେରିବେ ବାଲେଶ୍ୱର ।

ପ୍ରମଦାର ଦାର୍ଶନିକ ବକ୍ତବ୍ୟରେ ଦୀନନାଥଙ୍କର ଭାବପ୍ରବଣତା ତ କଟିଲା ନାହିଁ, ବରଂ ତାଙ୍କ ଭିତରଟା ଆହୁରି ବହଳ କୁହୁଡ଼ିରେ ଛାଇ ହୋଇଗଲା । ଭାବିଲେ ଟିକେ ନିଜକୁ ହାଲୁକା କରିନେବା ଦରକାର । ବାସ୍ତବିକ ଅନ୍ୟମାନଙ୍କଠାରୁ ସେ ଟିକେ ଅଧିକ ଭାବପ୍ରବଣ ହୋଇ ପଡୁଛନ୍ତି । ଏଇଟା ତାଙ୍କର ସ୍ୱଭାବ ।

ଏଥିରୁ ସାମୟିକ ନିଷ୍କୃତି ପାଇଁ ତାଙ୍କର ଟିକେ ଚା' କିମ୍ବା କଫି ପିଇବା ଦରକାର । ତେଣୁ ପ୍ରମଦା କଥାର ଖିଅ ବଦଳେଇ ଦେବାପାଇଁ ଦୀନନାଥ କହିଲେ -

"କେଉଁଠି ଯଦି ଗାଡ଼ି ଟିକେ ରୋକି ଦିଅନ୍ତ, ତାହେଲେ ଚାହା କିମ୍ବା କଫି ଟିକେ ଅନ୍ତତଃ ପିଇ ପାରନ୍ତେ !"

"ହଇହେ ଶୁଣୁଛ ! ଚାହା କିମ୍ବା କଫିବାର୍ ଦେଖି ଗାଡ଼ି ରଖ । ବାପା ଚାହା ପିଇବେ । ଆମେ ବି ସମସ୍ତେ ଟିକେ ଟିକେ ପିଇବା ।"

ଜନମାନବଶୂନ୍ୟ ନିର୍ଜନ ଅନ୍ଧାର ରାସ୍ତାରେ ଗାଡ଼ି ଚାଲୁଥିଲା । ଆଖପାଖରେ କେଉଁଠି ଛୋଟବଜାର କିମ୍ବା ଚାହା ପାନ ଦୋକାନ ଦେଖି ଗାଡ଼ି ରୋକିବା ପାଇଁ ମନସ୍ଥ କରି ଦୀନେଶ ଗାଡ଼ିର ଗତି ଟିକେ ଶିଥିଳ କରିଦେଇଥିଲା ।

ସେଇ ଆଖି ବୁଜିବା ଭିତରେ ଦୀନନାଥ ପୁଅକୁ ପଚାରିଲେ -

"ଶୁଭ ! କେତେବେଳେ ଚେନ୍ନାଇରୁ ବାହାରିଲୁ ?"

"ସକାଳ ଛ'ଟାରେ ବାପା ! ପାଞ୍ଚଟାରେ ଅବଶ୍ୟ ମେଡ଼ିକାଲ୍ ଛାଡ଼ିଥିଲି । ଇଣ୍ଡିଆନ୍ ଏୟାର୍‌ଲାଇନ୍‌ସର ଫ୍ଲାଇଟ୍‌ଟେ ଥିଲା ଠିକ୍ ଛ'ଟାରେ । ଆଉ ଭୁବନେଶ୍ୱରରେ ପହଞ୍ଚିଲି ଦଶଟା ପନ୍ଦର ମିନିଟ୍‌ରେ । ସେଠୁ ପୁଣି ବସ୍‌ରେ କଟକ ।" - କହିଲା ଶୁଭକାନ୍ତ ।

"ପନ୍ଦର ତାରିଖରେ ଆସିବୁ ବୋଲି ପରା ଟିକଟ କରିଥିଲୁ ? ଏବେ କ'ଣ ସହସା ଟିକେଟ୍ ମିଳିଗଲା ? ପୁଣି ଫ୍ଲାଇଟ୍‌ରେ ?"

"ଗତ କାଲିଠାରୁ ମୁଁ ବଡ଼ ଚିନ୍ତାରେ ରହିଲି ଶୁଭଦା ପାଇଁ । କୌଣସି କାମରେ ମନ ଲାଗିଲା ନାହିଁ କି ପଢ଼ାରେ ବି । ଭାବିଲି ଦୂରରେ ରହି ଏଠି ସନ୍ତୁଳି ହେବା ଅପେକ୍ଷା ବରଂ ଚାଲି ଆସିବି । ସନ୍ଧ୍ୟାବେଳେ ନେଟ୍ ଖୋଲି ଚେଷ୍ଟା କରୁକରୁ ତତ୍କାଳ ଟିକେଟ୍ ବୁକିଂ ହୋଇଗଲା । ପନ୍ଦର ତାରିଖରେ ହୋଇଥିବା ଟିକେଟକୁ ବି ବାତିଲ୍ କରିଦେଲି । ରାତିସାରା ତ ପ୍ରାୟ ନିଦ ହେଲା ନାହିଁ । ମେଡ଼ିକାଲ୍‌ରୁ ଛୁଟି ପାଇଁ ବି ବ୍ୟବସ୍ଥା ହୋଇଗଲା । ତେଣୁ ସକାଳ ପାଞ୍ଚଟା ବେଳେ ରୁମ୍ ଛାଡ଼ିଲି ।" ବଡ଼ ଆବେଗପ୍ରବଣ ଓ ଗମ୍ଭୀରତା ସହ କହୁଥିଲା ଶୁଭକାନ୍ତ ।

"ମାମୁ, ମୋତେ ଫ୍ଲାଇଟ୍‌ରେ ଆଣିଲନି ? ମୁଁ କାହିଁକି ଛୋଟୁ ପାଖକୁ କାର୍‌ରେ ଆସିଲି ?" - ଶୁଭକାନ୍ତ କୋଳରେ ବସି ବାବା କହିଲା ।

ପଛସିଟ୍‌ରୁ ପ୍ରମଦା ପାଟିକଲା - "ବାବା ! ବହୁତ ଦୁଷ୍ଟ ହେଉଛୁ ଆଜିକାଲି । ଗୁରୁଜନମାନଙ୍କ କଥା ମଝିରେ କଥା ହୁଅନ୍ତି ନାହିଁ ବୋଲି କେତେଥର କହିଛି !"

"ବଡ଼ମାନେ କେବଳ ଯାହା କଥା ହେବେ, ଆମେ ଆଉ କଥା ହେବୁନି । ସବୁବେଳେ ଖାଲି ଚୁପ୍‌ଚାପ୍ ବସିବୁ ?"

ଏଇ ସମୟରେ ଦୀନନାଥଙ୍କର ମୋବାଇଲ୍ ରିଂ ହେଲା । ବାହାର କରି ଦେଖିଲେ ଶୁଭଦା ରିଂ କରିଛି । କାହାରିକୁ କଥା ନ ହେବା ପାଇଁ ଦୀନନାଥ ଶୁଭଦାକୁ, ଆଉ ଶୁଭଦା ସମସ୍ତଙ୍କୁ ସତର୍କ କରେଇ ଦେଲା । ପରିଚିତ ଅନ୍ୟମାନଙ୍କ ସ୍ୱର ଶୁଣିଲେ କାଳେ ଶୁଭଦା ସନ୍ଦେହ କରିବ । ସବୁ ଯୋଜନା ପଣ୍ଡ ହେବ । ଅସଲ ସତ୍ୟଟି ସେ ଜାଣିଯିବ ।

ପଛସିଟ୍‌ରେ ପ୍ରମଦାର ସେପଟକୁ ଡଲି ଶୋଇଛି । ତାକୁ ଜାଗା ହେଉନାହିଁ ବୋଲି କୁଁ କୁଁ କରି ଅଭିଯୋଗ କରୁଛି । ତା'ର ଆଉ ଟିକେ ଜାଗା ଦରକାର ।

ଡଲିର କୁଁ କୁଁ ଭୟରେ ପ୍ରବଦା ଘୁଞ୍ଚି ଆସିଲା ଦୀନନାଥଙ୍କ ଆଡ଼କୁ । ଦୀନନାଥ ଆଉଟିକେ ଜାକି ହୋଇଗଲେ ଝରକା ଆଡ଼କୁ । ଏବେ ଦୀନନାଥ ମୋବାଇଲ୍ ଅନ୍ କଲେ ।

"ଘରେ ପହଞ୍ଚିଲଣି ବାପା !"

ଦୀନନାଥ ହଡ଼ବଡ଼େଇ ଗଲେ । ପାଖଦେଇ ଗାଡ଼ି ମୋଟର ଅତିକ୍ରମ କରୁଛି । ଉତ୍କଟ ଘର୍ଘର ଶବ୍ଦ ସହିତ ପେଁ ପାଁ ତା' କାନରେ ନିଶ୍ଚୟ ବାଜୁଥିବ । ଏତେ କଷ୍ଟ ସତ୍ତ୍ୱେ ନର୍ସିଂହୋମ୍ ବେଡ୍‌ରୁ ବାପାଙ୍କୁ ଫୋନ୍ କରୁଛି ଶୁଭଦା । ତାଙ୍କ କଥା ପଚାରି ବୁଝୁଛି ।

ଦୀନନାଥଙ୍କର ମନେ ଅଛି କଲେଜ ପଢ଼ିବା ଦିନଠାରୁ ବାହାଘର ପୂର୍ବ ପର୍ଯ୍ୟନ୍ତ ତାଙ୍କର ଭଲମନ୍ଦ, ସେବାଯତ୍ନ ଓ ଖାଇବା ପିଇବା କଥା କଳ୍ପଲତାଙ୍କ ଅପେକ୍ଷା ଶୁଭଦା ହିଁ ବେଶୀ ବୁଝୁଥିଲା । ସବୁବେଳେ ତାଗିଦ୍ କରୁଥିଲା ପୋଷାକପତ୍ର, ଦେହପା ଓ ଖିଆପିଆର ଯତ୍ନ ନେବାକୁ । ତା' ମନରେ ବୟସ୍କ ଲୋକମାନେ ଦେହପା'ର ଯତ୍ନ ଆଗ ନେବେ, ତା'ପରେ ଯାଇ ଅନ୍ୟକଥା । କାରଣ ଉତ୍ତାର୍ଦ୍ଧ ବୟସରେ ଥରେ ଦେହ ଖରାପ ହେଲେ ତାକୁ ସଜାଡ଼ିବା ଦୁଷ୍କର । ତେଣୁ ଡରି ଡରି ମିଛ କହିଲେ ଦୀନନାଥ -

"ନାଇଁ ମା ! ଆମ ଛକରେ ପହଞ୍ଚି ଏଇମାତ୍ର ଗାଡ଼ିରୁ ଓହ୍ଲାଉଛି । ଘରେ ପହଞ୍ଚିବାକୁ ଆଉ ଚାରି ପାଞ୍ଚମିନିଟ୍ ଲାଗିବ ।"

"ମା' ପାଖକୁ ଫୋନ୍ ଲଗେଇଥିଲି । ସେ କହିଲା ତୁମେ ମେଡ଼ିକାଲ୍‌ରେ ପୁଅ ପାଖରେ ଅଛ ବୋଲି । ଅଥଚ ତୁମେ କହୁଛ, ଏବେ କଲେଜ୍‌ରୁ ଫେରୁଛ ! ଯଦି କଲେଜ ଗଲ, ଘରୁ ତ ଗାଧୋଇ ଖାଇ ଯିବାକଥା । ସକାଳ ପାଞ୍ଚଟାରେ ବିଛଣାରୁ ଉଠିପଡ଼ି ବାହାରି ଆସିଛ । ଆଉ ଆଦୌ ଘରକୁ ଯାଇନାହିଁ । କଲେଜ ଗଲ କେମିତି ?"

"ହଁ, ତୁ କାର୍ତ୍ତିକ ମାମୁଙ୍କୁ ଜାଣିଥିବୁ, ଯେ ମେଡ଼ିକାଲ୍‌ରେ ଚାକିରୀ କରନ୍ତି ? ଦ୍ୱିପ୍ରହରେ ସେ ବାଧ କରିବାରୁ ମୁଁ ତାଙ୍କ ଘରେ ଗାଧୋଇ ପଡ଼ି ଖାଇଦେଲି । ଦୁଇଟାରୁ ପାଞ୍ଚଟା ପର୍ଯ୍ୟନ୍ତ ପରୀକ୍ଷା ଡିଉଟି ଥିଲା । ତେଣୁ ସେଇପଟେ କଲେଜ ଚାଲିଗଲି । ବ୍ୟସ୍ତତା ଭିତରେ ତୋ ମା'କୁ ଫୋନ୍ କରିବାକୁ ଭୁଲି ଯାଇଥିଲି ।"

"ସାରାଦିନ ତୁମେ ବାହାରେ ରହୁଛ । ଅଥଚ କେଉଁଠୁ କେଉଁଠିକି ଯାଉଛ, ମା'କୁ ଟିକେ ଫୋନ୍ କରି ଜଣେଇ ଦେଉନ !"

ଦୀନନାଥ ଏ ସବୁ କଥାରେ କେମିତି ବେପରୱା ମନେ ହୁଅନ୍ତି । ଏହା ଭଲଭାବେ ଶୁଭଦା ବି ଜାଣିଛି । ସେଥିପାଇଁ ପୁଣିଥରେ ମନେ ପକେଇ ଦେଲା । ଦୀନନାଥ ଝିଅର ମନ ବୁଝିଲା ପରି କହିଲେ -

"ଏବେଠୁଁ ତୋ କଥା ମୋର ମନେ ରହିବ ନିଶ୍ଚୟ । ହଁ, ତୁ ଏବେ କେମିତି ଅଛୁ ମା' ?"

"ଭଲ ଅଛି ବାପା ! କହୁଥିଲ ପରା ଭାଇ ଚେନ୍ନାଇରୁ ଆସୁଛି ବୋଲି ! କାହିଁ, ଏ ପର୍ଯ୍ୟନ୍ତ ତ ଆସିଲା ନାହିଁ ? ତାକୁ ଫୋନ୍ ଲଗେଇଲା ବେଳକୁ ଫୋନ୍ ଲାଗୁନାହିଁ । କଟି ଯାଉଛି । ତୁମକୁ ସେ ଫୋନ୍ କରିଥିଲା ?"

"ସକାଳେ ଆସୁଛି ବୋଲି ଫୋନ୍ କରିଥିଲା । ଆଉ କରିନାହିଁ । ଆସୁଥିବ ! ଯାନବାହାନ କଥା । ସଠିକ୍ କରି କହିବା ମୁସ୍କିଲ୍ । ତା' ମୋବାଇଲ୍‌ରେ ବି ବ୍ୟାଟେରୀ ଚାର୍ଜ ନଥାଇ ପାରେ ! ଫ୍ଲାଇଟ୍ ଭିତରେ ଥିବାବେଳେ ତ ମୋବାଇଲ୍ ଲାଗିବାର ପ୍ରଶ୍ନ ନାହିଁ । ସେ ଘରେ ପହଞ୍ଚି ନିଶ୍ଚୟ ତୋ ପାଖକୁ ଫୋନ୍ କରିବ ।"

"ହଉ, ରଖୁଚି । ତୁମେ ଘରକୁ ଯାଅ ।"

ଶୁଭଦା ଫୋନ୍ ଅଫ୍ କଲା । ଦୀନନାଥ ତାଙ୍କ ଫୋନ୍‌ଟିକୁ ପକେଟ୍‌ରେ ରଖିଲେ ।

ମନେ ମନେ ମର୍ମାହତ ହେଲେ ଦୀନନାଥ । ପରିସ୍ଥିତି ସିନା ଏତେଗୁଡ଼ିଏ ଲମ୍ବା ମିଛ କହିବାକୁ ମଣିଷକୁ ବାଧ କରାଏ । ମିଛର ରାସ୍ତା କେତେ ନା କେତେ କଣ୍ଟା ଝଣ୍ଟାରେ ପରିପୂର୍ଣ୍ଣ । ସେଠି ପଦେ ପଦେ ମଣିଷକୁ କ୍ଷତାକ୍ତ ହେବାକୁ ପଡ଼ିଥାଏ । ହେଲେ ସତ୍ୟର ଭିତ୍ତିଭୂମି ଅତ୍ୟନ୍ତ ନିରାପଦ । ନିଜର ଆଞ୍ଚ ଆସିଲା ଭଳି କିଛି ବି ଘଟେନାହିଁ ସେଠି ।

ତେବେ ସାରାଜୀବନ ସତ୍ୟନିଷ୍ଠ ଥାଇ ସେ କାହିଁକି ମିଛ କହିଲେ ?

।। ୪ ।।

ଦୀନନାଥଙ୍କର ନାତି ଜନ୍ମ ହୋଇଛି, ଏ ସମ୍ବାଦରେ ବନ୍ଧୁ ବାନ୍ଧବ, ଆତ୍ମୀୟସ୍ୱଜନ, ସାଇପଡ଼ିଶା ଓ ଚିହ୍ନାମୁହଁମାନେ ଗୋଟି ଗୋଟି କରି ନର୍ସିଂହୋମ୍‌କୁ ଧାଡ଼ି ଲଗେଇଥାନ୍ତେ । ଗୋଟେ ଖୁସିର ବିପ୍‌ପଣୀ ବସିଥାନ୍ତା ସେଠି, ଶୁଭଦାର ଚାରିପଟେ । ମିଠା ବଣ୍ଟାବଣ୍ଟି ଓ ଖିଆପିଆରେ ଯେଉଁଠି ଧୁମ ଲାଗିଯାଇଥାନ୍ତା, ସେଠି ଏବେ ଖାଲି ସଂକଟ ଆଉ ସଂକଟ ହିଁ ଲାଗିରହିଛି । ଦୀନନାଥଙ୍କ ସଂସାରଟା ଯେପରି ଦୁଃଖର ବାଦଲରେ ପରିପୂର୍ଣ୍ଣ ଓ ଥମ୍‌ଥମ୍ । କେହି କାହା ସହିତ ଖୁସିରେ କଥା ପଦୁଟିଏ ବି ହୋଇପାରୁ ନାହାନ୍ତି । କେହି କାହାକୁ ଭରସି ଅନେଇ ପାରୁନାହାନ୍ତି । ସମସ୍ତଙ୍କ ଚାହାଣୀରେ ସତେ ଯେମିତି ଗୋଟିଏ ମାତ୍ର ପ୍ରଶ୍ନ ଉବେଇ ଟୁବେଇ ହେଉଛି, ଏ କ'ଣ ହେଲା ? ଯାହା ଆଦୌ ହେବାର ନଥିଲା ! ଆମର ଆଶା, ଆକାଂକ୍ଷା ଓ ସ୍ୱପ୍ନ କ'ଣ ଏଇଆ ଥିଲା ? ନିୟତି କ'ଣ ଆମ ପାଇଁ ଏହାକୁ ହିଁ ସଜାଡ଼ି ରଖିଥିଲା ?

(କ୍ରମଶଃ)

# ...ଅନୁଦିତ ମିନି ଗପ...


ମୂଳ ହିନ୍ଦୀ- ଜ୍ୟୋତି ବ୍ୟାସ

ଅନୁବାଦକ- ବିନୟ କୁମାର ଦାସ

ଅଂଗାରଗଡିଆ, ବାଲେଶ୍ୱର- ୧

ମୋ- ୭୯୭୮୮୬୦୩୬୩




## କୁରାଢ଼ୀ



ଦୁଇ ଭାଇ ଭାଉଜ ଆଉ ପୁତୁରା ଝିଆରୀମାନଙ୍କ ସହିତ ବସିଥିଲେ କୌଶଲ୍ୟା । ଚା ପର୍ବ ସରିବା ପରେ ନିଜ ସାଂଗରେ ଆଣିଥିବା ରେଜିଷ୍ଟାର୍ଡ ଦଲିଲ ଓକିଲ ମହାଶୟ ସମସ୍ତଙ୍କୁ ପଢି ଶୁଣାଇ ଦେଲେ । ବୁଝାଇ କହିଦେଲେ ଯେ ରାୟବାବୁ ଦେହାନ୍ତ ପୂର୍ବରୁ ଏହି ଦଲିଲ କରିଦେଇଛନ୍ତି । ବିଗତ ଛଅ ବର୍ଷ ଧରି ସେ ନିଜ ଝିଅ କୌଶଲ୍ୟାଙ୍କ ପାଖରେ ରହିଆସୁଥିଲେ । ଦୁଇ ପୁଅଙ୍କ ପାଖକୁ ସେ ଏହି ସମୟ ଭିତରେ ଥରେ ବି ଆସି ନାହାନ୍ତି । ଦୁଇ ପୁଅ ବି କ୍ୱଚିତ ବାପାଙ୍କ ପାଖକୁ ଯାଇଛନ୍ତି । କୌଶଲ୍ୟା ତାଙ୍କର ସମସ୍ତ ସୁବିଧା ଅସୁବିଧା କଥା ସିଧା ସଳଖ ବୁଝୁଥିଲେ । ତେଣୁ ସେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସଂପତି ନିଜ ଝିଅ ନାମରେ ହିଁ କରିଦେଇଛନ୍ତି ।

ଏତକ ଶୁଣିବା ପରେ ଆଉ ଦଲିଲକୁ ଦେଖିବା ପରେ ଦୁଇଭାଇଙ୍କ ମୁହଁ ଶୁଖିଗଲା । କିଛି ସମୟ ପାଇଁ ସେମାନେ କିଛି କଥା କହିପାରିଲେ ନାହିଁ । ଘରର ମାନ ମର୍ଯ୍ୟାଦା ଆଉ ସଂସ୍କାର ଦୃଷ୍ଟିରୁ କିଛି ପ୍ରତିକ୍ରିୟା ବି ପ୍ରକାଶ କଲେ ନାହିଁ । ଭାଉଜମାନେ ତ ମନେମନେ ରକ୍ତ ଚାଉଳ ଚୋବାଇବା ଆରମ୍ଭ କରିଦେଲେ । ତାହାଲେ ଅସଲ କଥା ଯାଇ ଏଇଠି ? ଏଇ ସଂପତି ଆଶାରେ କୌଶଲ୍ୟାଦିଦି ବାପାଙ୍କୁ ନେଇ ପାଖରେ ରଖିଥିଲା ! ଏତେ ହୀନ ଉଦ୍ଦେଶ୍ୟ ତାର ? ବାପାଙ୍କୁ କୁହାବୋଲା କରି ଦଲିଲ ବି କରିଦେଇଛି । ସେମାନେ କଣ କରିବେ କିଛି ସ୍ଥିର କରି ପାରୁ ନଥିଲେ । ଦଲିଲ ସରିଛି । ଏବେ ଆଉ କିଛି କରିବାର ବି ନାହିଁ । କାହାକୁ କହିବେ ? ଘର ଢିଙ୍କି ତ କୁମ୍ଭୀର । କୁରାଢୀ ଗଛ ହାଣେ ଆଉ ତା ବେଂଟ ତ ସେଇ ଗଛର ଡାଳ । ନିଜ ଲୋକ ଯେତେବେଳେ ଚୋଟ ମାରେ, ବହୁତ ବାଧେ । ସହି ହୁଏନି..କହି ବି ହୁଏନି । ଯେତେ ଯାହା ହେଲେ ବି ନିଜର ଭଉଣୀଟା । ତେବେ ଆଇନଗତ ଭାବରେ ପରେ କଣ କରାଯାଇ ପାରେ, ସେ କଥା ତ ପରେ ବିଚାର କରାଯିବ ।



ଏମିତି ବିଭିନ୍ନ ଚିନ୍ତାରେ ସେମାନେ ଉବୁଟୁବୁ ହେଉଥିବା ସମୟ ରେ ଜଣେ ଭଦ୍ରବ୍ୟକ୍ତି ପଶି ଆସିଲେ ସେଠାକୁ । ସେ ନିଜକୁ କୌଶଲ୍ୟା ଦେବୀଙ୍କ ଓକିଲ ଭାବରେ ପରିଚୟ ଦେଲେ । ସେ ନିଜ ସାଂଗରେ ଏକ ଦଲିଲ ଆଣିଥିଲେ ଓ ସେଠାରେ ପଢି ଶୁଣାଇ ଦେବାକୁ କୌଶଲ୍ୟା ଦେବୀଙ୍କ ଅନୁମତି ଲୋଡିଲେ । ତହୁଁ କୌଶଲ୍ୟା ସାମାନ୍ୟ ହସି ଦେଇ ଅନୁମତି ଦେବାରୁ ସେ ପଢିଲେ ଦଲିଲ ଓ ଦଲିଲରେ ଉଲ୍ଲେଖ ହୋଇଥିବା ସାର କଥା ବୁଝାଇ କହିଦେଲେ ସମସ୍ତଙ୍କୁ । ଦଲିଲରେ ଲେଖା ଥିବା କୌଶଲ୍ୟାଙ୍କ ଉକ୍ତି ଥିଲା..ବାପା ଓ ମୁଁ ଦୀର୍ଘ ବର୍ଷ ଧରି ସାଙ୍ଗରେ ରହି ଆସୁଥିଲୁ । ବାପା ଏଇଥିପାଇଁ ମୋ ପାଖରେ ରହି ଆସୁଥିଲେ କାରଣ ସେ ଚାହୁଁଥିଲେ ସେ ପରିଶ୍ରମ କରି ତିଆରି କରିଥିବା ଘରେ ତାଙ୍କର ଦୁଇ ପୁଅ ସୁଖ ଶାନ୍ତିରେ ରହନ୍ତୁ । ଭଗବାନଙ୍କ ଅସୀମ ଦୟାରୁ ଏମିତି ମୋର ବହୁତ ସଂପତି ରହିଛି । ମୋ ପୁଅମାନେ ଭଲ ଚାକିରୀରେ ଅଛନ୍ତି । ମୋର କିଛି ଅଭାବ ନାହିଁ । ବାପାଙ୍କର ସମସ୍ତ ସଂପତି ମୋ ଭାଇମାନଙ୍କର । ସେଥିରୁ ମୋର କିଛି ବି ଭାଗ ନେବାର ନାହିଁ । ବାପା ମୋତେ ଦେଇଥିବା ସଂପତି ମୁଁ ଭାଇମାନଙ୍କ ନାମରେ ଉଇଲ କରିଦେଲି । ମୋର ଦୁଇ ଭାଇ ଓ ସେମାନଙ୍କ ପରିବାର ଭଲରେ ରହିବା ଦେଖିଲେ ମୁଁ ସବୁ ସୁଖ ପାଇଯିବି ।

ଦଲିଲ ପଢା ସରିଲା ବେଳକୁ କାହାରି ମୁହଁରେ କିଛି ଭାଷା ନଥିଲା । ଭାଇମାନେ ପରସ୍ପରକୁ ଆଉ ନିଜ ନିଜର ପତ୍ନୀଙ୍କ ମୁହଁକୁ ଚାହିଁ ରହିଥିଲେ । ମନର କୁରାଢୀଟି ଲଜ୍ୟାରେ ଝାଉଁଳି ପଡିଥିଲା ସେତେବେଳକୁ ।

■ ■ ■

# କାର୍ତ୍ତିକ ପୂର୍ଣ୍ଣିମା ଏବଂ ଖାରବେଳ ଜୟନ୍ତୀ



**ଇଂ. ଭରତ ଚନ୍ଦ୍ର ଦାସ**

ଆମେ ଓଡ଼ିଆ ! ବିଶ୍ୱର ଏକ ପ୍ରାଚୀନତମ ମହାଗୌରବମଣ୍ଡିତ ମହାଜାତି ହିଁ ଓଡ଼ିଆ ମହାଜାତି !!

ଏହା ଇତିହାସର ସତ୍ୟ !!! ଏକଦା 'ଆଗଙ୍ଗା ଗୋଦାବରୀ ଆସମୁଦ୍ର ବିନ୍ଧ୍ୟ' ପରିବ୍ୟାପ୍ତ ସୁବିଶାଳ କଳିଙ୍ଗ ରାଷ୍ଟ୍ର ହିଁ ଓଡ଼ିଆ ମହାଜାତିର ଆଦି ବାସଭୂମି । ଏହି ବିଶ୍ୱପ୍ରସିଦ୍ଧ କଳିଙ୍ଗ ହିଁ ପରବର୍ତ୍ତୀ ଯୁଗରେ 'ଉତ୍କଳ' ତଥା 'ଓଡ଼ିଶା ମହାରାଜ୍ୟ' ବା ଜଗନ୍ନାଥ ଦେଶ ନାମରେ ମହାଗୌରବାନ୍ୱିତ ହୋଇଅଛି ସୁଦୀର୍ଘ ୧୬୦୦ବର୍ଷ ଧରି । ପ୍ରାଗ୍ ଐତିହାସିକ ଯୁଗଠାରୁ ଏହି ମହାନ୍ ଭୂମିରେ ଅଗଣିତ ଆଦିବାସୀ ଗୋଷ୍ଠୀ ବା ଭୂମିପୁତ୍ରମାନଙ୍କ ସହିତ ଆର୍ଯ୍ୟ ଏବଂ ଦ୍ରାବିଡମାନଙ୍କର ବହୁ ହଜାର ବର୍ଷର ମହାମିଳନରେ ସ୍ୱତଃ ବିକଶିତ ହୋଇଛି ଓଡ଼ିଆ ମହାଜାତି । ସେମାନଙ୍କ ବହୁ କଥିତ ଭାଷାମାନଙ୍କ ସମନ୍ୱୟରେ ବହୁପ୍ରାଚୀନ ଯୁଗରୁ ସ୍ୱତଃ ସୃଷ୍ଟି ହୋଇଛି ଏବଂ ନିଜସ୍ୱ ଲିପି ସହିତ ସମୃଦ୍ଧ ହୋଇଛି ଭାରତର ତଥା ବିଶ୍ୱର ଅନ୍ୟତମ ସର୍ବପ୍ରାଚୀନ ଶାସ୍ତ୍ରୀୟ ଭାଷା- ଓଡ଼ିଆ ଭାଷା । ସୃଷ୍ଟି ହୋଇଛି ବିଶ୍ୱମାନବ ସଭ୍ୟତାର ସର୍ବଶ୍ରେଷ୍ଠ ସଂସ୍କୃତି ଶ୍ରୀ ଜଗନ୍ନାଥ ସଂସ୍କୃତି । ସର୍ବଶାସ୍ତ୍ର ଏବଂ ସର୍ବଧର୍ମ ସାର ଶ୍ରୀମଦ୍ ଭଗବତ ଗୀତା ନିର୍ଦ୍ଦେଶିତ ଶ୍ରୀ ଜଗନ୍ନାଥ ଧର୍ମ ଦର୍ଶନ । ବିଶ୍ୱର ସମସ୍ତ ଧର୍ମ ସ୍ୱୀକୃତି ଏକେଶ୍ୱର ଉପାସନା ହିଁ ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ ଉପାସନା । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଶାର ପ୍ରତିଘରେ ଏହା ସ୍ମରଣ ହେଉ !

କାର୍ତ୍ତିକ ପୂର୍ଣ୍ଣିମା ସମଗ୍ର ଓଡ଼ିଶାର ଧାର୍ମିକ ଏବଂ ମହାନ୍ ଐତିହାସିକ ଦିବସ-ଓଡ଼ିଶା ମହାଗୌରବ ସ୍ମୃତିର ଦିବସ :

ଓଡ଼ିଶାର ସମସ୍ତ ଅଞ୍ଚଳରେ କାର୍ତ୍ତିକମାସ ଏକ ଧର୍ମାନୁଷ୍ଠାନ ମାସ ରୂପେ ପାଳିତ ହୋଇଥାଏ ବହୁ ପୁରାତନ କାଳଠାରୁ । ସାତ୍ତ୍ୱିକ ନିରାମିଷ ଭୋଜନ ସହିତ ଦେବାଦେବୀ ପୂଜନ ଏବଂ ଭାଗବତପାଠ ଚାଲେ । ଗ୍ରାମ ଗ୍ରାମେ । କାର୍ତ୍ତିକ ପୂର୍ଣ୍ଣିମା ଦିବସରେ ଆବାଳ ବୃଦ୍ଧ ବନିତା ବ୍ରାହ୍ମମୂହୁର୍ତ୍ତରେ ସ୍ନାନ ପୂର୍ବକ ନଦୀ ବା ପୁଷ୍କରିଣୀମାନଙ୍କରେ ଭସାଇଥାନ୍ତି ପ୍ରତୀକ ବୋଇତମାନ ଏବଂ କହିଥାନ୍ତି 'ଅ' କା ମାଭୈଃ ! ଏହାର ଅର୍ଥ ଏବେ ବିସ୍ମୃତ । ମା ଭୈଃର ଅର୍ଥ 'ଭୟ ନାହିଁ' ହୋଇଥିବା ବେଳେ ଅ 'କା'ର ଅର୍ଥ କଣ ? ଏହା ଜାଣିବା ଗବେଷଣା ସାପେକ୍ଷ । ତେବେ ଐତିହାସିକମାନଙ୍କ ମତରେ ଏହି ଦିବସରେ କଳିଙ୍ଗର ସାଧବମାନେ ସମୁଦ୍ର ପଥରେ ଦୂରଦେଶମାନଙ୍କରେ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ବୃହତ୍ ପାଲଟଣା ବୋଇତ ମାନଙ୍କରେ ଯାତ୍ରା ଆରମ୍ଭ କରୁଥିଲେ । କଳିଙ୍ଗରୁ ସୂକ୍ଷ୍ମ ପାଟବସ୍ତ୍ରାଦି ପଣ୍ୟସାମଗ୍ରୀମାନ ସେସବୁ ଦେଶମାନଙ୍କରେ ବିକ୍ରୟ କରି ବିଷୁଭ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ସ୍ୱଦେଶକୁ ଫେରୁଥିଲେ ଧନରତ୍ନ ଭରା ବୋଇତମାନଙ୍କ ସହିତ । ସମ୍ଭବତଃ କାର୍ତ୍ତିକ ପୂର୍ଣ୍ଣିମାରେ ସମୁଦ୍ର ଯାତ୍ରା କରୁଥିବା ସେହି ସାଧବମାନଙ୍କୁ ବିଦାୟ ଦେବାବେଳେ ସେମାନଙ୍କ ଆତ୍ମୀୟସ୍ୱଜନମାନେ ସମୁଦ୍ରତଟରେ ଏକତ୍ରିତ ହୋଇ ଯାହା କହୁଥିଲେ ତାହା ଆଜି ବହୁହଜାର ବର୍ଷପରେ ଅପଭ୍ରଂସ ହୋଇ 'ଅ' 'କା' ମା ଭୈଃ ହୋଇଯାଇଛି । ଇଂରେଜ ବା ଅନ୍ୟ ଇଉରୋପୀୟମାନଙ୍କ ସାମୁଦ୍ରିକ ନୌବାଣିଜ୍ୟ କରିବାର ପ୍ରାୟ ୨୦୦୦ବର୍ଷ ପୂର୍ବରୁ କଳିଙ୍ଗ ବା ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ବିଶ୍ୱ ନୌବାଣିଜ୍ୟରେ ପ୍ରସିଦ୍ଧି ଲାଭ କରିଥିଲା । ଭାସ୍କୋଡାଗାମା ଏବଂ କଲମ୍ବସ ପ୍ରଭୃତି ଇଉରୋରୀୟ ନାବିକମାନଙ୍କ କାହାଣୀ ଆମ ଛାତ୍ରଛାତ୍ରୀମାନଙ୍କ ପାଠ୍ୟପୁସ୍ତକରେ ସ୍ଥାନ ପାଉଥିବା ବେଳେ, ସେମାନଙ୍କ ହଜାର ବର୍ଷ ପୂର୍ବରୁ ମଧ ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ବିଶ୍ୱନୌବାଣିଜ୍ୟକାରୀ ସାଧବ-ନାବିକମାନଙ୍କର ଇତିହାସ ପାଠ କରିବାକୁ ସୁଯୋଗ ପାଉନାହାନ୍ତି ଆମ ପିଲାମାନେ ଯାହା ସେମାନଙ୍କୁ ଅନୁପ୍ରାଣିତ କରନ୍ତା ! ଆଜି ଓଡ଼ିଶାରେ ମେରିନ୍ ଇଞ୍ଜିନିୟରିଂ କଲେଜଟିଏ ନାହିଁ । ଏହା ଇତିହାସର ସତ୍ୟ ଯେ, ଆଜକୁ ୨୫୦୦ବର୍ଷ ବା ୩୦୦୦ବର୍ଷ ପୂର୍ବରୁ ମଧ କଳିଙ୍ଗଲ ସାମୁଦ୍ରିକ ନୌବାଣିଜ୍ୟ ବିସ୍ତାର ଲାଭ କରିଥିଲା ସିଂହଳ, ବ୍ରହ୍ମଦେଶ, ଜାଭା, ବାଲି, ଇଣ୍ଡୋନେସିଆ, ଭିଏତନାମ୍, ଚୀନ, ଏବଂ ରୋମ୍ ପ୍ରଭୃତି ଦୂରଦେଶ ମାନଙ୍କରେ । ଏପରିକି ଆଫ୍ରିକା ମହାଦେଶକୁ ମଧ ପ୍ରାଚୀନ ଓଡ଼ିଶାର ନାବିକମାନେ ଯାତ୍ରା କରିଥିଲେ ଜଳପଥରେ । ବାସ୍ତବରେ ବିଶ୍ୱର ସମୁଦ୍ର ଥିବା କଳିଙ୍ଗର ବିସ୍ତାର !! ଅନେକ ଦେଶମାନଙ୍କରେ ସ୍ଥାପିତ ହୋଇଥିଲା କଳିଙ୍ଗର ଉପନିବେଶମାନ ପ୍ରଚ୍ଚରିତ ଏବଂ ପ୍ରସାରିତ ହୋଇଥିଲା କଳିଙ୍ଗର ସଂସ୍କୃତି, କଳା ଏବଂ ଭାସ୍କର୍ଯ୍ୟ ପ୍ରଭୃତି । ଏସବୁର ଆଜିର ଗବେଷଣା ବିଶ୍ୱ ଐତିହାସିକମାନଙ୍କ ଚମତ୍କୃତ କରୁଅଛି । ସିଂହଳର ଏକ ମୁଖ୍ୟଭାଗ ଲୋକ ପ୍ରାଚୀନ ଓଡ଼ିଶାବାସୀଙ୍କ ବଂଶଜ । ଆଜି ବଙ୍ଗୋପସାଗର ବୋଲି କୁହାଯାଉଥିବା ସମୁଦ୍ରର ନାମ ଥିଲା 'କଳିଙ୍ଗ ସାଗର' !! ମାତ୍ର ୧୭୫୭ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଜଳପଥରେ ଭାରତକୁ ବ୍ୟବସାୟ ପାଇଁ ଆସି ପ୍ରଥମେ ବଙ୍ଗ ଦଖଲ କଲେ ଏବଂ କ୍ରମେ ସମଗ୍ର ଭାରତକୁ ଦଖଲ କରି ଶାସନ କରିଥିଲେ । ସେମାନେ ହିଁ କଳିଙ୍ଗ ସାଗରର ନାମ ପରିବର୍ତ୍ତନ କରି ବଙ୍ଗୋପସାଗର (Bay of Bengal) ବୋଲି ନାମିତ କରିଛନ୍ତି, ପରାଧୀନ ଭାରତରେ ! ଏହା ପରାଧୀନତାର କ୍ଷତ ! ଏଣୁ ବଙ୍ଗୋପସାଗରକୁ କଳିଙ୍ଗ ସାଗର ବୋଲି ପୁନନାମିତ କରନ୍ତୁ ଭାରତ ସରକାର ।

କାର୍ତ୍ତିକ ପୂର୍ଣ୍ଣିମାରେ ପାଳିତ ହେଉ ଓଡ଼ିଶାର ଆଦିନିର୍ମାତା ସମ୍ରାଟ ଖାରବେଳଙ୍କ ଜୟନ୍ତୀ !!

ପ୍ରାଚୀନ ଓଡ଼ିଶା ବା କଳିଙ୍ଗ ଥିଲା ଆଜିକ ସଂକୁଚିତ ଓଡ଼ିଶାଠାରୁ ଅନେକ ବୃହତ୍ତର । ଭାରତ ମାନଚିତ୍ରକୁ ଦେଖିଲେ ଏହା ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟ' ଏବଂ ପୂର୍ବରେ ସମୁଦ୍ର (କଳିଙ୍ଗ ସାଗର) ଠାରୁ ପଶ୍ଚିମରେ ମଧ୍ୟପ୍ରଦେଶର ବିନ୍ଧ୍ୟପର୍ବତମାଳା ଏହି ପ୍ରାଚୀନ ଓଡ଼ିଶା ବା ମୂଳ ଓଡ଼ିଶା ରାଜ୍ୟର ସୀମାନିର୍ଦ୍ଧାରଣ କରୁଥିଲା । 'କଳିଙ୍ଗାଃ ସାହସିକ' ବୋଲି ସୁବିଦିତ କଳିଙ୍ଗବାସୀମାନେ ଥିଲେ ସ୍ୱାଧୀନଚେତା, ସ୍ୱାଭିମାନୀ ସମୃଦ୍ଧ ସୁସଂସ୍କୃତ ଏବଂ ବୀରଯୋଦ୍ଧା ! ଏଣୁ ଆବାହମାନ କାଳରୁ କଳିଙ୍ଗ ଥିଲା ସ୍ୱାଧୀନ ଏବଂ ପ୍ରାୟ ଅବିଜିତ । କଳିଙ୍ଗର ସୁଦୀର୍ଘ ସମୁଦ୍ରତଟ ଏବଂ ନୌବାଣିଜ୍ୟର ସମୃଦ୍ଧିରେ ଇର୍ଷାନ୍ୱିତ ଏବଂ ଲୋଭାନ୍ୱିତ ହୋଇ ଖ୍ରୀ.ପୂ ୨୬୨ରେ ମଗଧ ସମ୍ରାଟ 'ଚଣ୍ଡାଶୋକ' କଳିଙ୍ଗ ଅଧିକାର କରିବା ପାଇଁ ସୁବିଶାଳ ସେନା ସହିତ କଳିଙ୍ଗ ମହାଯୁଦ୍ଧ କରିଥିଲେ । କଳିଙ୍ଗର ବୀର ସନ୍ତାନଗଣ ଲକ୍ଷାଧିକ ସଂଖ୍ୟାରେ ମୃତାହତ ହୋଇ, ଶେଷରକ୍ତ ବିନ୍ଦୁ ଦେଇ, ଚଣ୍ଡାଶୋକର ସେହି ଆକ୍ରମଣକୁ ପ୍ରତିହତ କରିଥିଲେ । ନିଜ ମାତୃଭୂମିର ସ୍ୱାଧୀନତା ଏବଂ ସ୍ୱାଭିମାନର ସୁରକ୍ଷା ପାଇଁ ସହିଦ ହୋଇଥିଲେ । ତାହା ଥିଲା ପ୍ରାଚୀନ ବିଶ୍ୱର ସବୁଠାରୁ ଭୟାବହ ମହାଯୁଦ୍ଧ ! ବୋଧହୁଏ କଳିଙ୍ଗ ମାଟିର ସେହି ଲକ୍ଷ ବୀର ସହିଦମାନଙ୍କର ରକ୍ତର ଆହ୍ୱାନରେ ହିଁ ଜନ୍ମ ହୋଇଥିଲେ ଖାରବେଳ ! ବିଶ୍ୱ ଇତିହାସର ସର୍ବଶ୍ରେଷ୍ଠ ଦିଗ୍ବିଜୟୀ ବୀର ଏବଂ ଦିବ୍ୟଗୁଣାଳଂକୃତ ସମ୍ରାଟ-ଖାରବେଳ ! ପ୍ରାଚୀନ ଭାରତର ଐର ଖାରବେଳ ସର୍ବଶ୍ରେଷ୍ଠ ରାଷ୍ଟ୍ରନିର୍ମାତା ଏବଂ ଯୁଗାନ୍ତକାରୀ ସମ୍ରାଟ ମହାମେଘବାହନ ଐର ଖାରବେଳ । ସମୃଦ୍ଧ, ସୁସଂସ୍କୃତ ଏବଂ ପ୍ରଚଣ୍ଡ ଶକ୍ତିଶାଳୀ କଳିଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠାତା ରୂପେ ଓଡ଼ିଶାର ଆଦିନିର୍ମାତା ସମ୍ରାଟ ଖାରବେଳ ! ଓଡ଼ିଶା ମହାଗୌରବର ମହାନାୟକ ହିଁ ସମ୍ରାଟ ଖାରବେଳ । ଏସବୁ ଅତିରିତ କାବ୍ୟିକ ବର୍ଣ୍ଣନା ନୁହେଁ ଏହା ଇତିହାସର ସତ୍ୟ । ଓଡ଼ିଶା ମହାଗୌରବର ଏହି କାଳଜୟୀ ଇତିହାସ ଲେଖାଯାଇଛି ପ୍ରସ୍ତର ଗାତ୍ରରେ ଖୋଦିତ ହୋଇ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ଖଣ୍ଡଗିରି, ଉଦୟଗିରିଠାରେ ଆଜି ମଧବିଦ୍ୟମାନ ସମ୍ରାଟ ଖାରବେଳଙ୍କ ଖ୍ରୀ.ପୂ ୧୦୦ ସମୟର ଅର୍ଥାତ୍ ଆଜକୁ ୨୦୦୦ବର୍ଷ ପୂର୍ବର 'ହାତୀଗୁମ୍ଫା ଶିଳାଲେଖ' । ଭାରତର ସର୍ବପ୍ରଥମ ଇତିହାସ ଲିଖନ ରୂପେ ଐତିହାସିକମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଥାଏ ଏହି ଶିଳାଲେଖ । ସେହି ପ୍ରାଚୀନ ଯୁଗର ଓଡ଼ିଶାର ଭାଷାରେ ଏବଂ ନିଜସ୍ୱ ଲିପିରେ ଲେଖାଯାଇଛି ଏହି ଶିଳାଲେଖର ଆଦ୍ୟରେ ସ୍ୱସ୍ତିକ ଚିହ୍ନ ଦିଆଯାଇ ସମ୍ରାଟ ଖାରବେଳଙ୍କ ରାଜତ୍ୱର ବର୍ଷାନୁକ୍ରମିକ ମୁଖ୍ୟ ଘଟଣାମାନଙ୍କର କ୍ରମିକ ବିବରଣୀ ପ୍ରଦାନ



କରାଯାଇଛି ସାବଲୀଳ ଏବଂ ଉନ୍ନତ ଶୈଳୀରେ । ଏଥିରେ କୌଣସି ପ୍ରଶସ୍ତି ବା ଅତିରିତ କାବ୍ୟିକ ବା କଳ୍ପନା ପ୍ରସୂତ ବର୍ଣ୍ଣନା ନଥାଇ ନିଚ୍ଛକ ଇତିହାସ ହିଁ ଲେଖାଯାଇଚି ବୋଲି ଐତିହାସିକ ଗଣ ସ୍ୱୀକାର କରିଛନ୍ତି । ଭାରତର ଏଥି ପୂର୍ବରୁ ଏତାଦୃଶ କୌଣସି ଇତିହାସ ଲିଖନ ନଥିବାରୁ ଏହା ଭାରତର ସର୍ବପ୍ରଥମ ଇତିହାସ ଲିଖନ ବୋଲି ଗୃହୀତ ହୋଇଅଛି । ଐତିହାସିକମାନେ ଉନବିଂଶ ଶତାବ୍ଦୀରେ ହିଁ ଏହି ଶିଳାଲେଖାକୁ ଠାବ କରିଛନ୍ତି ଏବଂ ପାଠ କରିପାରିଛନ୍ତି । ଏଥିରେ ବ୍ୟବହୃତ ଅନେକ ଶବ୍ଦ ଓଡ଼ିଆ ଭାଷାରେ ଆଜି ମଧ ବ୍ୟବହୃତ ହେଉଅଛି । ଏହି ଶିଳାଲେଖର ଭାଷାକୁ ପ୍ରାଚୀନ ଓଡ଼ିଆ ଭାଷା ବୋଲି ଆମେ କହିପାରିବା । ଏହି ଶିଳାଲେଖରୁ ଆମେ ଜାଣୁ ଯେ- ଚଣ୍ଡାଶୋକର କଳିଙ୍ଗ ମହାଯୁଦ୍ଧ ଘୋର କ୍ଷତିଗ୍ରସ୍ତ କଳିଙ୍ଗବାସୀଙ୍କୁ ସୁସଂଗଠିତ କରି ସମ୍ରାଟ ଖାରବେଳ ସର୍ବପ୍ରଥମେ କଳିଙ୍ଗର ସର୍ବାଙ୍ଗୀନ ବିକାଶ ସାଧନ କରିଥିଲେ ଏବଂ ପ୍ରଜାମାନଙ୍କ ଅତ୍ୟନ୍ତ ଶ୍ରଦ୍ଧା ଏବଂ ଭକ୍ତିଭାଜନ ହୋଇଥିଲେ । କଳିଙ୍ଗର ସୁରକ୍ଷା ପାଇଁ ରଥ, ହସ୍ତୀ, ଅଶ୍ୱ ଏବଂ ପଦାତିକମାନଙ୍କର (ଚତୁରଙ୍ଗବଳ) ବହୁଲକ୍ଷ ସଂଖ୍ୟକ ପ୍ରଚଣ୍ଡ ଶକ୍ତିଶାଳୀ ଅଜେୟ ସେନା ଗଠନ କରିଥିଲେ । ଖାରବେଳ କଳିଙ୍ଗର ସ୍ୱାଭିମାନ ଏବଂ କଳିଙ୍ଗରୁ ପୂର୍ବରୁ ଅଶୋକଙ୍କ ରାଜ୍ୟ ମଗଧ ଦ୍ୱାରା ଅପହୃତ 'କଳିଙ୍ଗ ଜୀନ'ଙ୍କୁ ଫେରାଇ ଆଣିବା ପାଇଁ ମଗଧ ଆକ୍ରମଣ କରିବାକୁ ଅଗ୍ରସର ହେବା ପଥରେ ଉତ୍ତର ଭାରତକୁ ଅଧିକାର କରି ଶାସନ କରୁଥିବା ବିଦେଶୀ ଗ୍ରୀକ୍ ଶାସକ-ଡିମେଟ୍ରିୟସଙ୍କ ସମ୍ମୁଖୀନ ହୋଇଥିଲେ । ଶକ୍ତିଶାଳୀ ଗ୍ରୀକସେନା ସମେତ ଡିମେଟ୍ରିୟସଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କରି ହିନ୍ଦୁକୁଶ ପର୍ବତ ପାର କରାଇ ଭାରତରୁ ବିତାଡିତ କରିଥିଲେ । ଏଥିସହିତ ସେ ଶକ ଏବଂ ହଳ ପ୍ରଭୃତି ବୈଦେଶିକ ଶତ୍ରୁମାନଙ୍କୁ ଭାରତରୁ ବହିଷ୍କାର କରି ସମଗ୍ର ଭାରତ ବର୍ଷକୁ ବିଦେଶୀ ଶାସନ କବଳରୁ ମୁକ୍ତ କରି ଅଭୟ ପ୍ରଦାନ କରିଥିଲେ ଏବଂ ଘୋଷଣା କରିଥିଲେ - କଳିଙ୍ଗର ଶାନ୍ତି, ମୈତ୍ରୀ ଏବଂ ଭ୍ରାତୃତ୍ୱର ବାର୍ତ୍ତା । ରାଷ୍ଟ୍ରଧର୍ମର ସଂସ୍ଥାପନ ପାଇଁ ସମ୍ରାଟ ଖାରବେଳ ସମଗ୍ର

(ଅବଶିଷ୍ଟାଂଶ ପୃଷ୍ଠା୭ରେ)



ଡ. ରଜନୀ ରଂଜନଙ୍କ

## ରାଜଧାନୀ ଗୁଗୁଲ୍

(ମୋ) ୯୩୩୭୨୬୧୦୭୫

### ।। ବେକାବୁ ସୁରକ୍ଷା ବ୍ୟବସ୍ଥା ଅସୁରକ୍ଷିତ ନାଗରିକ ।।

ସଂପ୍ରତି ରାଜଧାନୀର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଛିନ୍ତାଇ, ଚୋରୀ, ଡକାୟତି, ଡ୍ରଗ୍ସ କାରବାରର ଅଭିଯୋଗ ଫର୍ଦ୍ଦ ଲମ୍ବା ହୋଇ ଯାଉଛି । ମନେ ହେଉଛି ସମଗ୍ର ରାଜଧାନୀ ଯେମିତି ଅପରାଧୀମାନଙ୍କର ଚରାଭୂଇଁ ପାଲଟି ଯାଇଛି । ପୋଲିସର ଚଢାଉ, ପେଟ୍ରୋଲିଂ, ଦାଦାମାନଙ୍କୁ ଗିରଫଦାରୀ ଚାଲୁ ରହିଥିଲେ ବି ଅପରାଧୀକ କାର୍ଯ୍ୟକଳାପ ଥମିବାର ନାଁ ନେଉନାହିଁ । ଅବଶ୍ୟ କେତେକ କେଶ୍‌ରେ ପୋଲିସ ସଫଳତା ଲାଭକରୁଛି । ମାସ ମାସ ଧରି କୋଭିଡର ପନ୍ଝାରେ ଥିବା ରାଜଧାନୀ ବେରୋଜଗାରୀ, ବେକାରୀ ବୃଦ୍ଧିର ଅନ୍ୟତମ କାରଣ ହୋଇଛି । ଦ୍ୱୈତ ନଗରୀ ପୋଲିସ୍ ପାଇଁ ଏହା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

### ।। ଅରୁଣଙ୍କ ଅଡୁଆ ।।

ଓଡ଼ିଶାର ସରକାରଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନେଇଥିଲେବି ମନ୍ତ୍ରୀ ଅରୁଣ ସାହୁ ଅତୀତରେ ତଥା ବର୍ତ୍ତମାନ ନିଜର ପାଦର୍ଶିତା ପ୍ରଦର୍ଶନ କରିପାରୁଛନ୍ତି । ସଂଗଠନ ପରିଚାଳନାରେ ବି ଡ. ସାହୁ ବେଶ୍ ଅଭିଜ୍ଞ ଓ ପ୍ରବୀଣ ମନେହୁଅନ୍ତି । ହେଲେ ବିବାଦ ଭିତରେ ବେଳେବେଳ ଛନ୍ଦି ହୋଇ ପଡ଼ନ୍ତି ସେ । ଅତୀତରେ ମନ୍ତ୍ରୀଙ୍କ କ୍ୟାଂପସରେ ସନ୍ଦେହଜନକ ଭାବରେ ନିଜ ନିର୍ବାଚନ ମଣ୍ଡଳୀର କର୍ମୀଙ୍କୁ ମୃତ୍ୟୁ ତାଙ୍କୁ ସନ୍ଦେହ ଓ ବିବାଦ ଭିତରକୁ ଟାଣି ଆଣିଥିଲା । ଚଳିତ ସମୟର ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡରେ ମଧ ମନ୍ତ୍ରୀ ଶ୍ରୀ ସାହୁ ଛନ୍ଦି ହୋଇପଡ଼ିଛନ୍ତି । ମୁଖ୍ୟମନ୍ତ୍ରୀ ଯେଉଁଭଳି ଭାବରେ ଘଟଣାଟିକୁ ଗୁରୁତ୍ୱ ସହ ନେଇଛନ୍ତି ସେଥିରେ କାହା ମୁଣ୍ଡ ଗଡୁଛି ଦେଖାଯାଉ ।

### ।। ସଂସ୍କୃତି ବିଭାଗରେ ସଂସ୍କାର ।।

ଦୀର୍ଘ କେତେବର୍ଷ ଧରି ରାଜ୍ୟ ସରକାରଙ୍କର ସଂସ୍କୃତି ବିଭାଗ ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ଥିଲା ବୋଲି ମନେ ହେଉଥିଲା । ଭିନ୍ନ ଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଶୂନ୍ୟସ୍ଥାନ, ବର୍ଷ ବର୍ଷ ଧରି ପୁରସ୍କାର ପ୍ରଦାନରେ ଅନିୟମିତତା, ଭିନ୍ନ ଭିନ୍ନ ବିବାଦ ସଂସ୍କୃତି ବିଭାଗକୁ ଘେରି ରହୁଥିଲା । ତେବେ ବରିଷ୍ଠ ପ୍ରଶାସକ, କବି, ଲେଖକ ରଂଜନ କୁମାର ଦାସ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ପଦ ସମ୍ଭାଳିବାରେ ଯୁଦ୍ଧକାଳୀନ ଭିତିରେ ସଂସ୍କାର ଆରମ୍ଭ କରିଦେଇଛନ୍ତି । ଭିନ୍ନଭିନ୍ନ ପଦପଦବୀମାନଙ୍କ ନିମନ୍ତେ ଆବେଦନ ପ୍ରକ୍ରିୟାର ଆରମ୍ଭ, ଶିଶୁଲେଖାର ପୁନଃପ୍ରକାଶନ ତଥା ଦୀର୍ଘବର୍ଷରୁ ବାକି ପଡ଼ିଥିବା ପୁରସ୍କାର ପ୍ରଦାନ ଏହି ସବୁ ସଂସ୍କାରର ଅୟମାରମ୍ଭ ବୋଲି ଜଣାଯାଏ । ଯାଜପୁର ଜିଲ୍ଲାର ଜିଲ୍ଲାପାଳ ଭାବରେ ଦୀର୍ଘବର୍ଷ ସୁଚାରୁ ରୂପେ ଦାୟିତ୍ୱ ସଂପାଦନ କରିଥିବା ରଂଜନ ବାବୁ ସଂସ୍କୃତି ବିଭାଗକୁ କୋଉ ସ୍ଥାନରେ ପହଞ୍ଚାଉଛନ୍ତି ଦେଖିବାକୁ ବାକି ରହିଲା ।

### ।। ମନ୍ଦିରରେ ତାଲା ପୂଜକଙ୍କ ପାଇଁ କାଳ ।।

ଏକ ଅସମର୍ଥିତ ପରିସଂଖ୍ୟାନରୁ ଜଣାଯାଏ ମନ୍ଦିର ମାଳିନୀ ସହର ଭୁବନେଶ୍ୱରରେ ଏକ ହଜାର ପାଖାପାଖି ମନ୍ଦିର ବ୍ୟକ୍ତିଗତ ବା ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ମନ୍ଦିରମାନ ଗଢିଉଠିଛି । ସରକାରୀ ଜମିରେ ଗଢ଼ି ଉଠିଥିବା ସାଧାରଣ ଜନତାଙ୍କର ସ୍ୱାର୍ଥକୁ ଅବରୋଧ କରୁଥିବା କହି ମନ୍ଦିରକୁ ପ୍ରଶାସନ ପକ୍ଷରୁ ହଟାଇ ଦିଆଯିବାର ପ୍ରକ୍ରିୟା ଚାଲୁରହିଛି । ତେବେ ଏସବୁ ମନ୍ଦିରରେ କାର୍ଯ୍ୟରତ ପୂଜକମାନଙ୍କ ଦୁର୍ଭାଗ୍ୟ ବର୍ତ୍ତମାନ କହିଲେ ନସରେ । କୋଭିଡ୍ କଟକଣାରେ ନିଜର ବୃତ୍ତି ହରାଇ ବସିଛନ୍ତି ଏମାନେ । ଗାଁ ଗହଳିରେ ଲୁଟାଚୋରାରେ ମନ୍ଦିର ଖୋଲାଯାଇ କିଛି କିଛି ପୂଜାପାର୍ବଣର ଆୟୋଜନ ହେଉଥିବା ବେଳେ ସହରମାନଙ୍କର ଏସବୁ ସଂପୂର୍ଣ୍ଣ ଠପ୍ ହୋଇଯାଇଛି । ନିକଟରେ ପୂଜକମାନଙ୍କର ଏକ ଅଭିନବ ପ୍ରତିବାଦ ମଧ ସଂଗଠିତ ହୋଇଥିଲା । ଦେଖାଯାଉ କେବେ ପ୍ରଶାସନ ମନ୍ଦିରମାନଙ୍କ ଉପରୁ କଟକଣା ହଟାଯାଇଛି !




## ।। ବୀଭତ୍ସ ଅମଳ ।।



ମୋହିନ୍ଦର ସିଂହ ସରନା (୧୯୨୩-୨୦୦୧)

ପ୍ରତିବର୍ଷ ଭଳି ସେ ବର୍ଷ ବି ଆଖୁ ପାଇଁ ଅମଳରତୁ ଆସିଥିଲା । ବିଲକୁ ଯିବା ଉଦ୍ଦେଶ୍ୟରେ ଲୋକେ ଅଣ୍ଟାଭିଡ଼ି ବାହାରିଥିଲେ ଘରୁ । ହେଲେ ସେମାନଙ୍କ ହାତରେ ଦା' ବଦଳରେ ଥିଲା ଟାଙ୍ଗିଆ, ଖଣ୍ଡା, ଭୁଜାଲି ଭଳି ମାରଣାସ୍ତ୍ର । ଆଖୁ ବଦଳରେ କଟା ହୋଇଥିଲେ ଲକ୍ଷ ଲକ୍ଷ ମଣିଷ । ତାଙ୍କ ପାଖରେ ଏତେ ମାରଣାସ୍ତ୍ର ଆସିଲା କୋଉଠୁ ଯେ ? କିଏ ତିଆରିଥିଲା ସେସବୁ ? ପଞ୍ଜାବୀ ଭାଷାର ବିଶିଷ୍ଟ କଥାକାର ସରଦାର ମୋହିନ୍ଦରସିଂହ ସରନାଙ୍କ ଗଳ୍ପରେ ସେମିତି ଗୋଟେ କମାରକୁ ଆଜି ଭେଟିବା......

ବଡ଼ିଭୋରରୁ ଉଠି ଝାଳନାଳ ହୋଇ ଦୀନା କାମରେ ଲାଗିଛି । ଲୁହାକୁ ନିଆଁରେ ତତେଇ ପିଟୁଛି ହାତୁଡ଼ିରେ । ବାହାରେ ଅଗଷ୍ଟ ମାସର ସୂର୍ଯ୍ୟଙ୍କ ପ୍ରଖର ତେଜ । ମଧ୍ୟାହ୍ନ ହେଲାଣି ଆସି ହେଲେ କାମ ଅଧା ବି ସରିନି । ଗତ ରାତିରେ ଖୁବ୍ ବର୍ଷା ହୋଇଥିଲା । ଆଜି ଆକାଶ ସଫା ଥିଲେ ବି ଘର ଭିତରେ ପ୍ରବଳ ଗୁଳୁଗୁଳି ବାୟୁମଣ୍ଡଳର ଆର୍ଦ୍ରତା ଯୋଗୁଁ । ଝରଝର ହୋଇ ଝାଳ ଝରିଯାଉଛି ସର୍ବାଙ୍ଗରୁ । ବିଚରା ଛଟପଟ ବାହାର ଓ ଭିତରର ନିଆଁଧାସରେ । ନିଆଁ ତା' ରକ୍ତ ଭିତରକୁ ପଶି ହାଡ଼ର ମଜ୍ଜାକୁ ସିଝେଇବାକୁ ପ୍ରୟାସରତ । ଶରୀରର ପ୍ରତ୍ୟେକ ଲୋମ ପାଲଟି ଯାଉଛନ୍ତି ସଳିତା । ତାଙ୍କ ଭିତରୁ କୋଉ ଗୋଟାଏରେ ବି ଯଦି ଅଗ୍ନି ସଂଯୋଗ ଘଟେ ତେବେ ଦୀନା, ବଡ଼ ବାଣଟିଏ ଭଳି ଭୀଷଣ ଶବ୍ଦର ସହ ଫୁଟି ନିମିଷକେ ନିଶ୍ଚିହ୍ନ ହୋଇଯିବ । ସେ ହାତୁଡ଼ି ଥୋଇ କିଛି ସମୟ ପାଇଁ ଝରକା ବାହାରକୁ ଅନାଉଛି । ବାହାରେ ଲମ୍ବିଛି ବିସ୍ତୀର୍ଣ୍ଣ ଚାଷଭୂଇଁ । ବିଲରେ ହଳ ବୁଲା ସରିଛି । ବାକି ଅଛି ବିହନ ବୁଣିବା । ପହିଲି ବର୍ଷାରେ ଉଠୁଥିବା ଭିଜାମାଟିର ବାସ୍ନାରେ ବିଭୋର ହୋଇ ଉଠୁଛି ଦୀନା । ମନେ ପଡୁଛି ପିଛିଲା ଦିନଗୁଡ଼ିକର ସ୍ମୃତି । ସେ ଗାଁର କମାର ହୋଇଥିଲେ ବି ଅନ୍ୟମାନଙ୍କ ବିଲରେ ମୁଲିଆ କାମ କରି ଆପଣା ଗୁଜୁରାଣ ମେଣ୍ଟାଏ । ଆଖପାଖ ସାତଖଣ୍ଡ ମୌଜାରେ ତା'ଭଳି କାମିକା ଲୋକଟେ ନାହାନ୍ତି ପରା । ତେଣୁ ତାର ଚାହିଦା ଖୁବ୍ ଅଧିକ । ହଳ କରିବା ଠାରୁ ଫସଲ ଅମଳ କରିବାଯାଏ ସବୁ କାମରେ ଲୋକେ ତାକୁ ଲୋଡ଼ନ୍ତି । ଆଜି ତା' ହାତ ଦା' ଧରିବାକୁ ବ୍ୟାକୁଳ ହୋଉ ଉଠୁଛି । କିଆରୀରେ ଆଖୁ କଟାହେବା ପାଇଁ ପ୍ରସ୍ତୁତ ହୋଇ ରହିଛି । ହେଲେ ସେକାମ ନକରି ସେ ଗତ କୋଡ଼ିଏ ଦିନ ହେଲା ଗଢ଼ିବାରେ ଲାଗିଛି ଖଣ୍ଡା, ଛୁରୀ, ଭୁଜାଲି । ଏହା ଏକ ଅଦ୍ଭୁତ ଅମଳର ସମୟ । ଗଛ କଟାହେବା ବଦଳରେ ତାକୁ ଲଗେଇଥିବା ଲୋକଙ୍କୁ କଟା ଚାଲିଛି । କିଭଳି କାମ ସେ ନିଜ ପାଇଁ ବାଛି ନେଇଛି ? ନବଜନ୍ମିତ ପାକିସ୍ଥାନର ସୈନିକଙ୍କୁ ଅସ୍ତ୍ର ଯୋଗାଇବାର ଭାର ଯେମିତି ତା'ରି କାନ୍ଧ ଉପରେ । ପାକିସ୍ଥାନର ଅସ୍ତିତ୍ୱ ପାଇଁ ବୋଧହୁଏ ହିନ୍ଦୁ ଓ ଶିଖ୍‌ମାନଙ୍କର ସମୂହ ସଂହାର ଆବଶ୍ୟକ । ଏଇ ଜେହାଦ୍ ସଫଳ ହେବ ତା' କମାରଶାଳରେ ନିର୍ମିତ ମାରଣାସ୍ତ୍ର ଯୋଗୁଁ ।

ଦୀନା ପୁଣି ତା' କାମ ଆଡ଼େ ମୁହାଁଏ । ଲୁହାଖଣ୍ଡ ଗୁଡ଼ିକ ଅଙ୍ଗାରଠୁଁ ବଳି ଉଜ୍ଜ୍ୱଳ ଦେଖାଯାଉଥାନ୍ତି । ତା ମୁଣ୍ଡ ଝାଇଁଝାଇଁ କରିବାକୁ ଲାଗେ । ସକାଳଠାରୁ ଟୋପେ ପାଣି ବି ସେ ପିଇନାହିଁ ଯେ ! ପେଟ ଭିତରେ ଭୋକର ନିଆଁ ଦାଉ ଦାଉ ହୋଇ ଜଳୁଥିବା ବେଳେ ଶୋଷ ଯୋଗୁଁ ପାଟିଓଠ ଅଠା ଅଠା ହୋଇଯାଉଥାଏ । ସେ ବସୀରର ଅମ୍ମୀକୁ ପାଣି ମୁନ୍ଦିଏ ଆଣିବା ପାଇଁ କହେ । ଢାଳେ ପାଣି ନେଇ ଆସେ ସ୍ତ୍ରୀଲୋକଟି । ସକାଳ ପାଖରୁ ତିନିଥର ସେ ଖାଇବା ନେଇ ଆସିଲାଣି ହେଲେ ଲୋକଟା ତା କାମରେ ଲାଗିଛି ଯେ ଲାଗିଛି । ଏବେ କାହିଁକି ମନେ ପଡୁଛି ତା'ର ଖାଦ୍ୟ ଓ ପାନୀୟ କଥା ! ରୁଗ୍ ରୁଗ୍ ଜଳୁଥିବା ନିଆଁ, ତହିଁରେ ତତୁଥିବା ଲୁହା ଓ ନବ ନିର୍ମିତ ମାରଣାସ୍ତ୍ର ଉପରେ ତା'ର ନଜର ପଡ଼େ । ଘଡ଼ିଏ ଅନେଇ ରହେ ତା' ସ୍ୱାମୀ ମୁହଁକୁ ଯେମିତି ସେ ଚିହ୍ନିପାରୁନି ଲୋକଟାକୁ । ଦୀନା ଢକ ଢକ କରି ତଣ୍ଟିରେ ଢାଳିଦିଏ ଢାଳକଯାକ ପାଣି । ଆଉ ଢାଳେ ମାଗେ । ତା' ଆଡ଼କୁ ବଲବଲ କରି ଚାହିଁଥିବା ବିବିକୁ ପଚାରେ, "ଏମିତି ମୋତେ ଚାହିଁଛୁ କ'ଣ ଲୋ ? ମୋ ସହ କଥା ପଦେ ବି ହେଉନୁ ! ଦୂରେଇ କରି ଠିଆ ହେଉଛୁ ଯେମିତି ମୁଁ ଏକ ହଇଜା ରୋଗୀ !" କିଛି ନକହି ତା' ବିବି ଘର ଭିତରକୁ ଯାଇ ଆଉ ଢାଳେ ପାଣି ଓ ଖାଦ୍ୟ ନେଇଆସେ । ଏଥରକ କାନ୍ଧକୁ ଧରି ହଲାଇ ଦେଇ ପୁଣି ପଚାରେ ଦୀନା, "ମୋ ସହ କଥା କାହିଁକି ହେଉନୁ ଲୋ ? ତୁଣ୍ଡ ଭିତରେ ଚାଉଳ ଛାଡ଼ିଛୁ କି ଫୁଟିବା ପାଇଁ ?" ଦୁଇ ଚାରିପୁଳା ରୁଟି ଗାଉଁ ଗାଉଁ କରି ଗିଳି ପକାଇ ପୁଣି କହେ, "ମୁଁ ଜାଣେ, ତୁ କ'ଣ ଭାବୁଛୁ । ହେଲେ କ'ଣ କରିବି କହ ? ତୋ ପୁଅ ମୋତେ ଛାଡ଼ିବନି । ବସୀରକୁ ପଚାଶଟି ଖଣ୍ଡା ଦରକାର କାଲି ରାତି ସୁଦ୍ଧା । ସେମାନଙ୍କ ଚାହିଦା ମୁଁ ପୂରଣ ନକଲେ ମୋତେ ଗଡ଼ ଗଡ଼ କରି ହାଣି ପକାଇବେ ପରା ।" ଗମ୍ଭୀର ହୋଇ ତା' ବିବି କହେ, "ସେମାନେ ତୁମ ପୁଅ ନା ଆଉ କାହାର ? ସେମାନଙ୍କୁ ଏତେ ଡରିବାର କ'ଣ ଅଛି ଯେ ?" ଦୀନା ତା' ବିବିକୁ ବୁଝାଇବାକୁ ଲାଗେ ଯେ ସେ କେବଳ ସେମାନଙ୍କ ଲାଗି ଅସ୍ତ୍ର ତିଆରି କରୁଛି । ତାଙ୍କ ସହ ଯାଇ କୌଣସି ହତ୍ୟାକାଣ୍ଡରେ ସାମିଲ ତ ହେଉନି । ହେଲେ ତା' ସ୍ତ୍ରୀ ବୁଝିବାକୁ ନାରାଜ । ଏଇ ଅସ୍ତ୍ର ନିର୍ମାଣ ଯେ ହତ୍ୟାଠାରୁ ବି ଅଧିକ ଦୋଷାବହ । ହତ୍ୟାକାରୀ ଦୈନିକ ଜଣେ, ଦୁଇଜଣ କି ଅତି ବେଶିରେ ପାଂଚଜଣଙ୍କୁ ହାଣି ପାରିବ । ହେଲେ ତା'ର ହସ୍ତ ନିର୍ମିତ ଅସ୍ତ୍ରରେ ହଣାହେବେ ଶହ ଶହ । ଦୀନା ତା ବିବିର କଥାଶୁଣି ଗୋଟାପଣେ ଶିହରି ଉଠେ । ମୂକ ପାଲଟିଯାଏ । ସତ ତ କହୁଛି ବସୀରର ଅମ୍ମୀ । ହେଲେ ତାକୁ କାହିଁକି କହୁଛି ଯେ ? ତା ନିଜ ପୁଅଙ୍କୁ ବୁଝାଉନି ଏସବୁ କଥା । ଦୁହେଁ ଦୁହିଁଙ୍କୁ ଅନେଇଥିବା ବେଳେ ଦରଜାରେ ମୃଦୁ କରାଘାତ ଶୁଭିବାରୁ ଚମକି ପଡ଼ନ୍ତି ଉଭୟେ । ବସୀର କି ତା' ସାଙ୍ଗମାନେ କିଏ ଆସିଥିବେ ବୋଧେ କାମ ଠିକ୍ ଚାଲିଛି କି ନାହିଁ ତଦାରଖ କରିବାକୁ । ଶାଳରେ ନିଆଁ ଜଳୁଥାଏ । ଲୁହାଖଣ୍ଡ ଗୁଡ଼ିକ ତାତି ଲାଲ ଦେଖାଯାଉଥାନ୍ତି । ଦୀନା ଡରି ଡରି ଯାଇ କବାଟ ଖୋଲେ ।

କବାଟ ଖୋଲୁ ଖୋଲୁ ଚମକି ପଡ଼ି ଚାରିପାଦ ଘୁଞ୍ଚିଆସେ ପଛକୁ । ତା ବିବି ଭୟରେ ଶେଥା ପଡ଼ିଯିବା ସହ କ୍ଷୀଣ ଚିତ୍କାରଟିଏ କରି ଅଟକି ଯାଏ । ବାହାରେ ଠିଆ ହୋଇଥାଏ 'ଠାକୁରଦ୍ୱାର'ର ବୃଦ୍ଧା ବ୍ରାହ୍ମଣୀଟିଏ । ମୁହଁର ଚମ ଲୋଚାକୋଚା । ମୁଣ୍ଡରେ ଝୋଟ ଭଳି ପାଚିଲା ବାଳ ଫୁରୁ ଫୁରୁ ହୋଇ ଉଡୁଛି । ପାକୁଆ ପାଟିରୁ ବୋହି ଆସୁଛି ଲାଳ । ତାକୁ ସାମ୍ନାରେ ଦେଖି ସ୍ୱାମୀସ୍ତ୍ରୀ ଦୁହେଁ ଖୁବ୍ ଡରିଯାଆନ୍ତି । ଭୂତ ଭଳି ଦେଖାଯାଉଥିବା ବୁଢ଼ୀଟି ତେବେ କ'ଣ ଏବେ ବି ବଞ୍ଚିଛି ??? କିଛି ସମୟ ପରେ ଦୀନାର ବିବି ସାହସ କରି ପଚାରେ, "ମାଉସୀ, ତମେ ବଞ୍ଚିଛ ତା'ହେଲେ ? ଆମେ ଭାବୁଥିଲୁ ଅନ୍ୟମାନଙ୍କ ସହ ତୁମକୁ ବି ସେମାନେ ହାଣି ଦେଇଥିବେ ବୋଲି ।" ବୁଢ଼ୀ କିଛି କହେନି । ଏମାନଙ୍କର ଖିଆଲ ଆସେ ବୁଢ଼ୀ କାଲୁଣୀଟା ବୋଲି । ବୋଧେ ସେଇଥିପାଇଁ ସେ ମୃତ୍ୟୁଦୂତଙ୍କ ଡାକରା ଶୁଣି ପାରିନି । ପୁଣିଥରେ ପାଖକୁ ଯାଇ ବଡ଼ ପାଟିରେ ପଚାରିବାରୁ ବୁଢ଼ୀ ବିରକ୍ତ ହୋଇ କହେ, "ମୁଁ ବଞ୍ଚିଛି ବୋଲି ତୋ ଆଖିକୁ କ'ଣ ଦୁଶୁନି ? ସାତଦିନ ଯାଏ ଭୀଷଣ ଜ୍ୱରରେ ପଡ଼ିଥିଲିରେ ମା' । ପାଣି ମୁନ୍ଦିଏ ପାଟିରେ ଦେବାପାଇଁ ପାଖରେ କେହି ନଥିଲେ ଲୋ । ତୁଳସୀଟା କିଛିଦିନ ହେଲା ବାହାରକୁ ଯାଇଛି । ଆଜି ମୋ ଜ୍ୱର ଓହ୍ଲେଇଛି । ଉଠିବାକୁ ବଳ କୁଳାଉ ନଥିଲା । ବଡ଼ କଷ୍ଟରେ ଘୁଷୁରି ଘୁଷୁରି ଏଠାକୁ ଆସିଛି । ଏମିତି ଖାଁ ଖାଁ କାହିଁକି ଲାଗୁଛି ? କେହି କୁଆଡ଼େ ଦେଖାଯାଉ ନାହାନ୍ତି । ତୁମେ ଦି'ଟା ମୋତେ ଏମିତି ଅନେଇଛ କାହିଁକି ?"

ବୁଢ଼ୀ ଗୋଟାପଣେ ଝାଳରେ ବତୁରି ଯାଇଥାଏ । ମୁଣ୍ଡ ବୁଲାଏ କି କ'ଣ ଲଥ୍ କରି ସେଠି ଚଟାଣ ଉପରେ ବସିପଡ଼େ । ଆଖିରୁ ଯେମିତି ଲିଭି ଲିଭି ଯାଉଥାଏ ଜ୍ୟୋତି । ଦୀନା ଓ ତା ବିବି ପରସ୍ପରକୁ ଅନାଇ ସ୍ୱସ୍ତିର ନିଶ୍ୱାସ ମାରନ୍ତି । ପ୍ରକୃତରେ ସେଇ ବ୍ରାହ୍ମଣଘର ବୁଢ଼ୀଟି ଭୂତ ନୁହେଁ । ଏଇ ଜ୍ୱରରେ ପଡ଼ିଥିବାରୁ ବିଚାରୀ ବର୍ତ୍ତି ଯାଇଛି ଗାଁରେ ହୋଇଥିବା ଭୀଷଣ ହତ୍ୟାକାଣ୍ଡରୁ । କାଲୁଣୀ ହୋଇଥିବାରୁ ଗତ ଗୁରୁବାର ଦିନ ରାତିର ଅଘଟଣ ବିଷୟରେ ଆଦୌ ଅବଗତ ନୁହେଁ । ବିଚାରୀ ଜାଣିନି ଯେ ଏବେ ତା' ଗାଁ ପାକିସ୍ଥାନ ଅର୍ନ୍ତଗତ । ଆଉ ଜଣେ ବି ହିନ୍ଦୁ କି ଶିଖ୍ ଜୀବିତ ନାହାନ୍ତି ଏଇ ଗାଁରେ । ହଁ କିଛି ଝିଅ ବଞ୍ଚିଛନ୍ତି ଯେଉଁମାନଙ୍କୁ ଉଠେଇ ନେଇଛନ୍ତି ଦଙ୍ଗାକାରୀମାନେ । ନିଶ୍ୱାସ ଫେରିବାରୁ ବୁଢ଼ୀ ପଚାରେ, "ଦୀନା, ତୁ କୋଉଠି ମୋ ଛେଲିଟାକୁ ଦେଖିଛୁ କିରେ ?" ଯେଉଁଠି ଗାଈଗୋରୁ ବି ହଣାହୋଇ ଖିଆ ସରିଲାଣି ସେଠି ବୁଢ଼ୀ ପଚାରୁଛି ତା' ଛେଳି କଥା !! ବୁଢ଼ୀ କହି ଚାଲିଥାଏ, "ସେ କୋଉଠିକୁ ଚାଲିଯାଇଛି ମୁଁ ଜାଣେନି । ତାକୁ ଆଉ ଖୋଜି ବି ପାରିବିନି । ଯଦି କୋଉଠି ତୋ ଆଖିରେ ପଡ଼ିବ ତେବେ ତାକୁ ବାନ୍ଧିକି ନେଇ ଆସିବୁ ପୁଅ । ଠାକୁରେ ତୋର ମଙ୍ଗଳ କରିବେ । ତୁ ତ ଜାଣୁ ତା'ର ଛୁଆ ହେବାର ଅଛି । କୋଉଠି ବାହାରେ ପ୍ରସବ କରିବା ଠିକ୍ ହେବନି ବୋଲି ଭାବୁଛି ।" ବୁଢ଼ୀ, ତୋ ଛେଳି ଆଉ କ'ଣ ଥିବ । ସେ କେବେଠୁ ମଣିଷର ଖାଦ୍ୟ ହୋଇ ହଜମ୍ ହୋଇ ସାରିବଣି । ଦୀନାର ଏଇ କଥା ବୁଢ଼ୀ ଶୁଣି ପାରେନି । ପୁଣି ଥରେ ଉଚ୍ଚସ୍ୱରରେ ସେଇକଥା ଦୋହରାଇଲା ବେଳେ ତା' ବିବି ଆଖିଠାରି ତାକୁ ଚୁପ୍ ରହିବାକୁ ଇଙ୍ଗିତ କରେ । ବୁଢ଼ୀ, ହାତରେ ଧରିଥିବା ଲୁହା ଶିକୁଳିଟି ଦେଖାଇ କହୁଥାଏ, "ଏଇ ଦେଖ୍ । ଏଇଟା ଦ୍ୱାରବନ୍ଧ ପାଖରେ ପଡ଼ିଥିଲା । ଯା'କୁ ଢିଲା କରି ସେ ପଳାଇଗଲା କେମିତି କେଜାଣି ? ଆଙ୍କୁଶି ପାଖ କଡ଼ିଟା କଳଙ୍କି ଲାଗି ନଷ୍ଟ ହୋଇଗଲାଣି । ଯା'କୁ ଟିକେ ସଜାଡ଼ିଦେଲୁ ବାପ । ସେଇଥିପାଇଁ ମୁଁ ତୋ ପାଖକୁ ଆସିଛି ।" ଦୀନାର ବିବି, ବୁଢ଼ୀକୁ ବୁଝାଇବା ଢଙ୍ଗରେ କହୁଥାଏ କିଛିଦିନ ତାଙ୍କ ସାଙ୍ଗରେ ରହିଯିବା ପାଇଁ । ଠାକୁରଦ୍ୱାରରେ କାହିଁକି ବା ଏକୁଟିଆ ପଡ଼ିରହିବ ବିଚାରୀ । ଏଣେ ତା' ଦେହଟାବି ଭଲନାହିଁ । ଜଣେ ହିନ୍ଦୁ ହୋଇଥିବାରୁ ନିଜ ବାସନକୁସନ ଆଣି ଏଠି ନିଜେ ରାନ୍ଧି ଖାଆନ୍ତୁ । ତାଙ୍କ ପୁଅ, ତୁଳସୀ ଫେରିଆସିଲେ ସେ ତା ସାଙ୍ଗରେ ଘରକୁ ଚାଲିଯିବେ । ବୁଢ଼ୀ ଜ୍ୱର ପ୍ରଭାବରୁ ଅଧିକ କାଲୁଣୀ ହୋଇଯାଇଛି କି କ'ଣ ଏସବୁର ବିନ୍ଦୁ ବିସର୍ଗ ବି ବୁଝି ପାରେନି । କେବଳ 'ତୁଳସୀ' ନାଁଟି ହିଁ ଠଉରାଇ ତା ବାବଦରେ କହିବାକୁ ଲାଗେ । ଏଣେ ସ୍ୱାମୀସ୍ତ୍ରୀ ଚୁପ୍ ଚୁପ୍ କଥା ହୁଅନ୍ତି । ଦୀନା ବୁଢ଼ୀକୁ ନିଜ ଘରେ ରଖିବାର ଅକ୍ଷମତା ପ୍ରକାଶ କରୁଥାଏ । କୋଉଠି ଲୁଚେଇ ରଖିବେ ତାକୁ ? ଆଉ ଅଳ୍ପସମୟ ପରେ ପୁଅମାନେ ଫେରିବେ । ଶୁଂଘି ବାରିଦେବେ ମଣିଷ ମାଂସର ଗନ୍ଧ । ବୁଢ଼ୀକୁ ତାଙ୍କ ଘରେ ଦେଖି ପକେଇଲେ ଏ ଦୁହିଁଙ୍କ ଅବସ୍ଥା କ'ଣ ହେବ ଯେ ? ବିବି କିନ୍ତୁ ତା' ଧୁନ୍‌ରେ କହି ଚାଲିଥାଏ, "ଆମ ଗାଁର ଶେଷ ହିନ୍ଦୁ ଇୟେ । ଖୁବ୍ ଧର୍ମବିଶ୍ୱାସୀ । ଦିନ କେଇଟାର କଥା ତ । ତା'ପୁଅ ଫେରି ଆସିଲେ ଅନ୍ୟ କୋଉ ଗାଁକୁ ପଠେଇବାର ବ୍ୟବସ୍ଥା କରିଦେବା ।" ଦୀନା ଅସମ୍ମତି ପ୍ରକାଶ କରି କହେ, "କୋଉ ଗାଁକୁ ପଠେଇବୁ ଲୋ ? ଆଖପାଖ କୌଣସି ଗାଁରେ ଆଉ ଗୋଟେ କଥା ଛାଡ଼ ଫାଳେ ବି ହିନ୍ଦୁ ନାହାନ୍ତି । ତା'ପୁଅ ଆଉ କ'ଣ ଫେରିବ ବୋଲି ଭାବୁଛୁ ? ଇୟେ ଯୋଉ ନଓ୍ୱାଚୌକ୍‌କୁ ଯାଇଛି ସେଠିକା ସବୁ ହିନ୍ଦୁ ହଣାଖାଇଛନ୍ତି ପରା । ଜଣେ ବି ବର୍ତ୍ତିପାରିନି ତାଙ୍କ ଆକ୍ରମଣରୁ ।" ଦୀନାକୁ ଆସ୍ତେ ଆସ୍ତେ କହିବାକୁ ଇଙ୍ଗିତ କରେ ତା ବିବି । ପୁଅ ହଣାହୋଇ ସାରିଛି ବୋଲି ଶୁଣିଲେ ବୁଢ଼ୀର କି ଅବସ୍ଥା ହେବ ଭାବି ହେଉନି । ବୁଢ଼ୀ କିନ୍ତୁ କିଛି ଶୁଣି ପାରୁ ନଥାଏ । ବଲବଲ ଚାହିଁରହିଥାଏ ତା' ଜରୁଆ, ପେଜୁଆ ଆଖିରେ । ବାରମ୍ବାର ଅନୁରୋଧ କରୁଥାଏ ଶିକୁଳିଟିକୁ ସଜାଡ଼ି ଦେବାପାଇଁ । ଦୀନା ବୁଢ଼ୀର କାନ ପାଖକୁ ମୁହଁ ନେଇ ଉଚ୍ଚ ସ୍ୱରରେ କହେ କାଲିକି ଆସିବାକୁ । ଆଜି ତା'ର ଢ଼େର କାମ । ସେ ଯେତେ ଶୀଘ୍ର ପାରୁଛି ନିଜ ଘରକୁ ଚାଲିଯାଉ ।

ବୁଢ଼ୀ ପୁଣିଥରେ ତା' ଛେଳିକଥା କହି ନଇଁ ନଇଁ ଚାଲିଯାଏ । ତା'ଯୋଗୁ କେତେ ସମୟ ନଷ୍ଟ ହୋଇଗଲା । ଏତିକି ଭିତରେ ସେ ୫ଟି ଖଣ୍ଡା ତିଆରି ସାରିଥାନ୍ତା । ବସୀର କିଛି ଶୁଣିବନି । ତାକୁ ତା'ର ୫୦ ଦରକାର । ହେଲେ କାମରେ ମନ ଲାଗୁନି ଦୀନାର । ବୁଢ଼ୀର ପେଜୁଆ ଆଖି ଓ ଫୁରୁଫୁରୁ ଉଡୁଥିବା ନୁଖୁରା ବାଳ ଖୁବ୍ ଅସ୍ଥିର କରି ପକାଏ । ସବୁଠୁଁ ଅଧିକ ବିଚଳିତ କରେ ତା'ର ଅଜ୍ଞତା । ପୁଅ କେବେ ଫେରିବନି । ଆସନ୍ତା ମାସ 'ପ୍ରୀତୋ'ର ଆଉ ହେବନି ବାହାଘର । ବାପର ମୃତଦେହକୁ କୁଣ୍ଢେଇ ଝିଅଟି ଖୁବ୍ କାନ୍ଦୁଥିଲା ବେଳେ ବାଳଧରି ଘୋଷାଡ଼ି ନେଇଛି ବସୀର । କିଛି ସମୟ ପରେ ବିଚାରୀ ଚୁପ୍ ହୋଇଯାଇଛି ହଣାହେବାକୁ ଯାଉଥିବା ବୋଦା ଭଳି । ଆଉ ସେ, ବସୀରର ବାପ, ଚୁପ୍‌ଚାପ୍ ଦେଖିଛି ଏଇ ଅଘଟଣ ଘଟୁଥିବାର । ସେ ବାରଣ କରି ପାରିନି କି ଧକ୍କା ମାରି ତଳେ ପକାଇ ପାରିନି ପୁଅକୁ । କିଛି ବି କରି ପାରୁନି ଗୋଟେ ଝିଅର ଇଜ୍ଜତ ବଞ୍ଚାଇବା ପାଇଁ । ପ୍ରୀତୋର ନିରିହ ଚାହାଣୀ ଓ ଚିତ୍କାରରେ ଶିହରି ଉଠୁଛି ଦୀନା । ତାତି ଲାଲ ପାଲଟିଥିବା ଲୁହାଖଣ୍ଡେ ଆଣି ଛାତି ଭିତରେ ଭର୍ତ୍ତି କରିଦେଲେ ଯାଇ ବୋଧେ ଏସବୁରୁ ରକ୍ଷା ପାଇବ ବିଚରା । ତାକୁ ଲାଗେ ଯେମିତି ଆଉ କ୍ଷଣକୁ ସେ ପାଗଳ ହୋଇଯିବ । କିଛି ସାଂଘାତିକ କରିବସିବ । ଝରକା ବାଟୁ ଡେଇଁ ସେ ବାହାରକୁ ଚାଲିଯାଏ ।

ଚାରିଆଡ଼େ ରକ୍ତ ହିଁ ରକ୍ତ । ଗହମ କ୍ଷେତରେ ରକ୍ତ, ଆଖୁ କିଆରୀରେ ରକ୍ତ, ଶାଗ ପଟାଳିରେ ରକ୍ତ, କପା ବଗିଚାରେ ରକ୍ତ । କେମିତି ଯା'କୁ ଖାଇବ, ବ୍ୟବହାର କରିବ ଆସନ୍ତା କାଲିର ମଣିଷ ? ଏଇ ରକ୍ତପାତରେ ତା'ର ବି ଭାଗିଦାରୀ ରହିଛି । ତା, ହାତ ତିଆରି ଖଣ୍ଡା, ବର୍ଚ୍ଛା, ଭୁଜାଲି.... । ସେ ଅତର୍ଚ୍ଛା ଧାଇଁବାକୁ ଲାଗେ ଘରମୁହାଁ । ବସୀରର ସାଥୀମାନେ ଆସିବା ପୂର୍ବରୁ ତାକୁ ଘରେ ପହଞ୍ଚିବାକୁ ପଡ଼ିବ । ସବୁ ମାରଣାସ୍ତ୍ରକୁ ନେଇ ସେ କୋଉ କୂଅ କି କେନାଲରେ ପିଙ୍ଗିଦେବ । ଫେରୁ ଫେରୁ ମାଛି ଅନ୍ଧାର । କୌଣସି ଭାରି ଜିନିଷରେ ଝୁଣ୍ଟି ସେ ମୁହଁମାଡ଼ି ପଡ଼ିଯାଏ । ବରଫ ଭଳି ଶୀତଳ କିଛି ଜିନିଷରେ ଛନ୍ଦି ହୋଇଯାଇଛି ପାଦ । କ୍ଷୀଣ ଚନ୍ଦ୍ରାଲୋକରେ ତାକୁ ଦୃଶ୍ୟମାନ ହୁଏ ଝୋଟ ପରି ବାଳ ଥିବା ମୁଣ୍ଡରେ ଏକ ଗଭୀର କ୍ଷତ ! ଲୋଚାକୋଚା ମୁହଁରେ ମେଲା ହୋଇ ରହିଥାଏ ଦୁଇଟି ଭୟାର୍ତ୍ତ ପେଜୁଆ ଆଖି ! ଶବ ହାତରେ ଗୁଡ଼ା ହୋଇଥିବା ଲୁହା ଶିକୁଳିରେ ଛନ୍ଦି ହୋଇ ପଡ଼ିଛି ଦୀନାର ପାଦ । ଭୟରେ ଚିତ୍କାରଟିଏ ଛାଡ଼ି ସେ ସଂଜ୍ଞାହୀନ ହୋଇପଡ଼େ ।

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ଆଉଜା କବାଟ (୧୭)



# ସମ୍ବର୍ଦ୍ଧନା ସଉଦା


ଡ. ରାଧାରଂଜନ ପଟ୍ଟନାୟକ


ବର୍ଷାଭିଜା ନିଦାଘ ସକାଳ। ଚା' ପାନ ସହିତ ଖବରକାଗଜ ପଢୁଥିବା ସମୟରେ ମୋର ଆଖି ଅଟକିଗଲା ଏକ ବିଜ୍ଞାପନ ଉପରେ। ବିଜ୍ଞାପନଟି ପଢ଼ି ଯେତିକି ଆଶ୍ଚର୍ଯ୍ୟ ହେଲି, ସେତିକି ବିମୁଗ୍ଧ ହେଲି। ସେଥିରେ ଲେଖା ଥିଲା ଯେଉଁ ସାରସ୍ୱତ ସ୍ରଷ୍ଟାମାନଙ୍କୁ ଅଦ୍ୟାବଧି କୌଣସି ସମ୍ମାନ ମିଳିନାହିଁ ବା ସମ୍ବର୍ଦ୍ଧିତ ହୋଇନାହାନ୍ତି, ସେମାନଙ୍କୁ ଏହି ଅନୁଷ୍ଠାନ ସମ୍ବର୍ଦ୍ଧିତ କରିବ। ଏଣୁ ଏହି ସମ୍ମାନ ପାଇଁ ଇଚ୍ଛୁକ ସାହିତ୍ୟିକ ଆମକୁ ସାକ୍ଷାତ କରନ୍ତୁ, ଅଥବା ନିମ୍ନ ମୋବାଇଲ ନମ୍ବରରେ ସଂପର୍କ ସ୍ଥାପନ କରନ୍ତୁ। (ନିମ୍ନରେ ସଂସ୍ଥାର ନାମ ଓ ଠିକଣା ଉଲ୍ଲେଖ ଥିଲା।)

ଏକ ନିଃଶ୍ୱାସରେ ସମ୍ବାଦଟି ପଢ଼ିଲି। ମନରେ ଅନେକ ଆନନ୍ଦ ଏବଂ ଉଲ୍ଲାସ ଭରିଲା। ଏପରିକି ଖୁସିରେ ଗଦଗଦ ହୋଇଗଲି। କାରଣ ହାତଗଣତିରେ ବିଶିଷ୍ଟ ସାହିତ୍ୟିକଙ୍କ ଭିତରୁ ଜଣେ ମୁଁ। ସାହିତ୍ୟ କ୍ଷେତ୍ରରେ ଅନେକ ସର୍ଜନାତ୍ମକ କାର୍ଯ୍ୟ କରିଛି। ମାତ୍ର କୌଣସି ସଂସ୍ଥା ଆଜି ପର୍ଯ୍ୟନ୍ତ ମୋତେ ସମ୍ବର୍ଦ୍ଧିତ କରିନାହାନ୍ତି। ଏବେ କିନ୍ତୁ ଆଶାର କିରଣ ଦେଖାଦେଲା। ଯେତେବେଳେ ସମ୍ମାନ କରିବା ବ୍ୟକ୍ତି ଆଗକୁ ପାଦ ରଖି ସମ୍ମାନ କରିବାକୁ ଚାହୁଁଛନ୍ତି, ସେଥିରେ ଆପତ୍ତି କରିବାର ବା କ'ଣ ଅଛି ?

ମୁଁ ମନେମନେ ସମ୍ବର୍ଦ୍ଧିତ ହେବା ପାଇଁ ଆଶା ବାନ୍ଧିଲି। ଏପରି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବା ଉଚିତ ହେବ ନାହିଁ ବୋଲି ଚିନ୍ତା କଲି। କାରଣ ଆଜିର ହାଇଟେକ୍ ଯୁଗରେ ଯଦି ଚୁପ୍‌ଚାପ୍ ଏମିତି ବସିଯିବେ, ସେମାନଙ୍କୁ କିଏ ବା ସମ୍ମାନିତ କରିବ ? ଏମିତି ଚିନ୍ତା କରି ଠିକ୍ ପର ଦିନ ବିଜ୍ଞାପନ ଦିଆଯାଇଥିବା ଠିକଣାରେ ପହଞ୍ଚିଲି। ଅଫିସ ସାମ୍ନାରେ ଖୁବ୍ ବଡ଼ ସାଇନବୋର୍ଡ ଟଙ୍ଗା ହୋଇଥିଲା, ଯେଉଁଠି ଖୁବ୍ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିଲା, "ଅଖିଳ ଭାରତୀୟ ସାହିତ୍ୟକାର ସମ୍ମାନ ସମିତି।" ବିଶାଳକାୟ ଅଫିସ ଦର୍ଶନ କରି ଖୁବ୍ ଆନନ୍ଦିତ ହେଲି। ଅତି ଉତ୍କଣ୍ଠାର ସହ ଭିତରେ ପ୍ରବେଶ କରିବା ମାତ୍ରେ ଦେଖିଲି କିଛି ଆଲିସାନ ଟେବୁଲ ଓ ଚେୟାର ପଡ଼ିଛି। ଅନେକ ସାହିତ୍ୟିକ ସେଠାରେ ଆସର ଜମାଇଛନ୍ତି। ସେମାନଙ୍କୁ ଦେଖି ସାମାନ୍ୟ ଶଙ୍କିତ ହେଲି। ତଥାପି ସାହସ ବାନ୍ଧି ଖାଲି ପଡ଼ିଥିବା ଗୋଟିଏ ଚେୟାରରେ ବସିଗଲି। ଜଣେ ଲୋକ ସଭିଙ୍କ ହାତରେ ଗୋଟିଏ ଗୋଟିଏ ନମ୍ବର ବିଶିଷ୍ଟ ଟୋକନ ଧରାଉଥିଲା। ଯାହାର ନମ୍ବର ଆସୁଥିଲା, ସେ ଭିତରକୁ ଯାଉଥିଲା। ମୋତେ କିନ୍ତୁ ଟୋକନ ନମ୍ବର ୧୫ ମିଳିଥିଲା।

> ଆପଣ ନିଜେ ଭାବନ୍ତୁ, ମଞ୍ଚ ଠାରୁ ଆରମ୍ଭ କରି ସାଜସଜ୍ଜା, ଫୁଲତୋଡ଼ା, ଶାଲ୍, ମାନପତ୍ର, ମାଇକ, ଚା'ଜଳଖିଆ - ଏମିତି ଅନେକ କିଛି ଖର୍ଚ୍ଚ କରିବାକୁ ପଡ଼ିବ। ଏତିକିରେ ବି ଶେଷ ହେବ ନାହିଁ। ଏହି ସମାରୋହରେ ସାହିତ୍ୟିକମାନଙ୍କୁ ଆମନ୍ତ୍ରଣ କରିବାକୁ ପଡ଼ିବ। ତାଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରିବାକୁ ପଡ଼ିବ। ସେମାନଙ୍କର ଯାତାୟତ ଖର୍ଚ୍ଚ କୌଣସି ସାଧାରଣ କଥା ନୁହେଁ, ଯେଉଁମାନେ କି ଆମର ଫୋନ ପାଇବା କ୍ଷଣି ଦୌଡ଼ି ଆସିବେ। ଆଜିକାଲି ନିମନ୍ତ୍ରଣ ପତ୍ର ଦେଲେ ସୁଦ୍ଧା କେହି ଆସୁନାହାନ୍ତି।

୧୪ ନମ୍ବର ସାହିତ୍ୟିକ ଜଣକ ଭିତରୁ ଆସିବା ପରେ ମୁଁ ପ୍ରବେଶ କଲି। ଚେମ୍ବର ଭିତରେ ସୁଟ୍, ବୁଟ୍, ଟାଏ ଏବଂ ଚଷମା ପିନ୍ଧିଥିବା ଭଦ୍ରବ୍ୟକ୍ତିଟିଏ ରାଜକୀୟ ଢଙ୍ଗରେ ବସିଥିଲେ। ମୁଁ ତାଙ୍କୁ ନମସ୍କାର କରିବାରୁ ସେ ପ୍ରତି ନମସ୍କାର କରି ମୋତେ ବସିବା ପାଇଁ କହିଲେ। ଧନ୍ୟବାଦ ଶବ୍ଦଟି ଉଚ୍ଚାରଣ କରି ମୁଁ ବସିଲି। ସେ ମୋତେ ଖୁବ୍ ଭଲଭାବେ ନିରୀକ୍ଷଣ କଲେ। କିଛି ସମୟ ପରେ ସେ କହିଲେ, "ଆପଣ ବି ସମ୍ମାନିତ ହେବାକୁ ଚାହାନ୍ତି ?"

- ହଁ ଆଜ୍ଞା, ହଁ ... ମୁଁ ସଂକ୍ଷେପରେ ଉତ୍ତର ଦେଲି।

ସେଇ ଭଦ୍ରବ୍ୟକ୍ତି ଜଣକ ଆଖିରୁ ନିଜ ଚଷମା ବାହାର କରି ପୁଣି ପ୍ରଶ୍ନ କଲେ, "ଆପଣ କେବେଠାରୁ ସାହିତ୍ୟ ସୃଜନ କରିଆସୁଛନ୍ତି ?"

ମୁଁ ମିଠାମିଠା ଶବ୍ଦରେ କହିଲି, "ତିରିଶ ପଇଁତିରିଶ ବର୍ଷ ହେବ।"

- ଆଶ୍ଚର୍ଯ୍ୟ! ଏହାପରେ ବି ଆପଣଙ୍କୁ ଆଜି ପର୍ଯ୍ୟନ୍ତ କେହି ସମ୍ମାନିତ କରିବାକୁ ଉଚିତ ଭାବିଲେ ନାହିଁ? - ଏକ ନିଃଶ୍ୱାସରେ କହିଗଲେ ସେ।

କିଛି ସମୟ ପରେ ପୁଣି ସେ କଥାର ମୋଡ଼ ବଦଳାଇ କହିଲେ, "ଆପଣ ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚି ଯାଇଛନ୍ତି। ଆମେ ଆପଣଙ୍କୁ ସମ୍ବର୍ଦ୍ଧିତ କରିବୁ ଏକ ରାଜକୀୟ ପରିବେଶରେ।"

ତାଙ୍କ ମୁଖରୁ ଏହା ଶୁଣି ମୁଁ ଏମିତି ଖୁସିରେ ଗଦଗଦ ହୋଇଗଲି ଯେ ନିଜକୁ ସମ୍ଭାଳି ପାରିଲି ନାହିଁ। ଗୋଡ଼ ଆଉ ତଳେ ଲାଗିଲା ନାହିଁ। ତାଙ୍କୁ ଧନ୍ୟବାଦ ବୋଲି କହିଲି। ଚିରାଚରି ଷ୍ଟାଇଲରେ ତାଙ୍କ ଗୁଣକୀର୍ତ୍ତନ କରିବାକୁ ଲାଗିଲି। ହଠାତ ଏହି ସମୟରେ ଜନୈକ ମହିଳା ଦୁଇ କପ୍ ଚା' ଧରି ଆବିର୍ଭାବ ହେଲେ। ଆମେ ଦୁଇଜଣ ଚା' ପିଇବାକୁ ଆରମ୍ଭ କଲୁ। ଚା'ର ଧୂଆଁରେ ମୁଁ ଭାବୁଥିଲି ସମ୍ବର୍ଦ୍ଧନାର କଥା। ଭାଗ୍ୟରେ ଥିଲେ ଏଭଳି ସମ୍ବର୍ଦ୍ଧନା ମିଳେ। ଏମିତି ଭାବୁଥିବା ସମୟରେ ଟେବୁଲ ଡ୍ରରୁ ଗୋଟିଏ ଫର୍ମ ବାହାର କରି ଭଦ୍ରବ୍ୟକ୍ତି ଜଣକ ମୋ ହାତକୁ ବଢ଼ାଇ କହିଲେ, ଏହି ଫର୍ମଟି ପୂରଣ କରିଦିଅନ୍ତୁ ଏବଂ ନିଜର ଏକ ପାସପୋର୍ଟ ସାଇଜ ଫଟୋ ପେଷ୍ଟ୍ କରିଦିଅନ୍ତୁ।

ସଙ୍ଗେ ସଙ୍ଗେ କାଳବିଳମ୍ବ ନ କରି ମୁଁ ଫର୍ମ ନେଲି ଏବଂ ପଚାରିଲି - "ଫର୍ମ ପୂରଣ ବ୍ୟତୀତ ମୋତେ କ'ଣ ଆଉ କିଛି କରିବାକୁ ପଡ଼ିବ ?"

ସେ ଭଦ୍ରବ୍ୟକ୍ତି କିଛି ସମୟ ନୀରବ ରହି ନିଜ ଚଷମାକୁ ରୁମାଲରେ ପୋଛିଲେ ଏବଂ କହିଲେ, "ହଁ, ଏହା ବ୍ୟତୀତ ଦଶହଜାର ଟଙ୍କା ନଗଦ, ଚେକ୍ କିମ୍ବା ବ୍ୟାଙ୍କ୍ ଡ୍ରାଫ୍ଟ ଯାହା ଚାହିଁବେ ଏହି ସଂସ୍ଥା ନାମରେ ଦେବେ।"

"ଦଶ ହଜାର ଟଙ୍କା!" ଏହା ଶୁଣି କିଛି ସମୟ ବିଚଳିତ ହେଲି। ମନ ଭିତରେ କ୍ରୋଧ ଆସୁଥିଲା। ଏହା ସମ୍ମାନ ନା ସଉଦା ? ଯେତିକି କ୍ରୋଧ ଆସୁଥିଲା, ସେତିକି ଅଭିମାନ। ତଥାପି ସମ୍ବର୍ଦ୍ଧିତ ହେବାର ସଯୋଗକୁ ହାତଛଡ଼ା ନ କରି କହିଲି, "ଦଶହଜାର ଟଙ୍କା କିଛି ବେଶି ହୋଇଯାଉଛି, ଟିକେ କମ୍ କରନ୍ତୁ।"

ସେ ପୁଣି ହସିଲେ ଏବଂ କହିଲେ, "ଦେଖନ୍ତୁ ସାହିତ୍ୟିକ ମହାଶୟ। ଏହା ସମ୍ମାନର କଥା। ସମ୍ମାନ ତ ବାରମ୍ବାର ମିଳେ ନାହିଁ। ଏଥି ପାଇଁ ଖର୍ଚ୍ଚ ଅଛି। ଆପଣ ନିଜେ ଭାବନ୍ତୁ, ମଞ୍ଚ ଠାରୁ ଆରମ୍ଭ କରି ସାଜସଜ୍ଜା, ଫୁଲତୋଡ଼ା, ଶାଲ୍, ମାନପତ୍ର, ମାଇକ, ଚା'ଜଳଖିଆ - ଏମିତି ଅନେକ କିଛି ଖର୍ଚ୍ଚ କରିବାକୁ ପଡ଼ିବ। ଏତିକିରେ ବି ଶେଷ ହେବ ନାହିଁ। ଏହି ସମାରୋହରେ ସାହିତ୍ୟିକମାନଙ୍କୁ ଆମନ୍ତ୍ରଣ କରିବାକୁ ପଡ଼ିବ। ତାଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରିବାକୁ ପଡ଼ିବ। ସେମାନଙ୍କର ଯାତାୟତ ଖର୍ଚ୍ଚ କୌଣସି ସାଧାରଣ କଥା ନୁହେଁ, ଯେଉଁମାନେ କି ଆମର ଫୋନ ପାଇବା କ୍ଷଣି ଦୌଡ଼ି ଆସିବେ। ଆଜିକାଲି ନିମନ୍ତ୍ରଣ ପତ୍ର ଦେଲେ ସୁଦ୍ଧା କେହି ଆସୁନାହାନ୍ତି। ଜଣକୁ ସମ୍ବର୍ଦ୍ଧିତ କରିବା ଖୁବ୍ ବ୍ୟୟବହୁଳ ହୋଇଗଲାଣି। ଆମେ ଖୁସି ଯେ ଆପଣଙ୍କ ଭଳି ଜଣେ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଆମ ସଂସ୍ଥାରେ ପାଦ ରଖିଛନ୍ତି। ଆପଣ ଫର୍ମ ପୂରଣ କରିଦିଅନ୍ତୁ, ସେଥିରେ ଉଲ୍ଲେଖ କରନ୍ତୁ କେବେ ସମ୍ମାନିତ ହେବାକୁ ଚାହୁଁଛନ୍ତି। ସମୟ, ତାରିଖ, ବାର ମଧ୍ୟ ଲେଖିଦେବେ। ତଦନୁଯାୟୀ ଆମ୍ଭେ ଏକ ଭବ୍ୟ ସମ୍ବର୍ଦ୍ଧନାର ଆୟୋଜନ କରିବୁ।"

ତାଙ୍କର ଏତାଦୃଶ ଧାରା ପ୍ରବଚନ ଶୁଣି ମୁଁ ସ୍ତବ୍ଧ ହୋଇଗଲି। ଅଚାନକ ମୋ ମୋବାଇଲ ରିଂ ହେଲା। ମୁଁ ନିଜକୁ ନିଜେ ସମ୍ଭାଳି ନେଇ ଭଦ୍ରବ୍ୟକ୍ତିଙ୍କୁ କହିଲି, "ଠିକ୍ ଅଛି ସାର! ମୁଁ ଶୀଘ୍ର ଦଶହଜାର ଟଙ୍କା ନେଇ ଆପଣଙ୍କ ସାମ୍ନାରେ ପ୍ରକଟ ହୋଇଯିବ।"

ଓ.କେ. ଆମେ ଆପଣଙ୍କୁ ପ୍ରତୀକ୍ଷା କରିବୁ।

ତାଙ୍କର ଏହି ଆଦର ତଥା ଭାବପୂର୍ଣ୍ଣ କଥା ସମୟରେ ମୁଁ ମୋ ମୋବାଇଲକୁ କାନ ପାଖରେ ରଖି ଛିଡ଼ା ହେଲି।

ଘରେ ପହଞ୍ଚି ଖୁବ୍ ଶାନ୍ତ ଭାବରେ ନିଜକୁ ମନକୁ ମନ୍ଥନ କଲି। ମୋ ପାଇଁ ଦଶହଜାର ଟଙ୍କା ବଡ଼ ନା ସମ୍ମାନ ପାଇଁ ସମ୍ବର୍ଦ୍ଧନା ପତ୍ର।


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


## ସ୍ମୃତି ଶତଦଳ (୧୭୩)

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ।। ସୁଚରିତାରେ ସ୍ୱାସ୍ଥ୍ୟଶାଳା ।।


ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


ଧାରାବାହିକ ଭାବରେ ମୋର କବିତା ସାଙ୍ଗରେ ସ୍ୱାସ୍ଥ୍ୟ ସମ୍ବଳିତ ପ୍ରବନ୍ଧ "ସୁଚରିତା" ରେ ପ୍ରକାଶ ପାଉଥିଲା । ଏଇ ପରିପେକ୍ଷୀରେ ଶ୍ରଦ୍ଧାର ସହ ସ୍ମରଣ କରିବି "ସୁଚରିତା" ର ସଂପାଦିକା ସମ୍ମାନନୀୟା ୰ଶକୁନ୍ତଳା ପଣ୍ଡାଙ୍କୁ, ସେ କେବଳ ମାସ ମାସ ନୁହେଁ ବର୍ଷ ବର୍ଷ ଧରି ମତେ ତାଙ୍କର ପତ୍ରିକାରେ ସ୍ଥାନ ଦେଇଥିଲେ । ଅନେକ କବିତା ମୋର ସେଥିରେ ପ୍ରକାଶ ପାଇଥିଲା ଯେଉଁଥିପାଇଁ, ମୁଁ "ସୁଚରିତ ଶ୍ରେଷ୍ଠକବି ପୁରସ୍କାର" ମଧ୍ୟ ପାଇଥିଲି । ଶକୁନ୍ତଳା ନାନୀ ମତେ ସାନଭଉଣୀ ଭଳି ଭଲ ପାଉଥିଲେ । ସେଥିପାଇଁ "ସୁଚରିତା"ରେ ପ୍ରକାଶ ପାଇଥିବା ସ୍ୱାସ୍ଥ୍ୟ ପ୍ରବନ୍ଧ ଗୁଡ଼ିକ ଓଡିଶାର କୋଣ, ଅନୁକୋଣ ତଥା ଗାଁ ଗହଳିରେ ମଧ ଖୁବ୍ ଆଦୃତି ଲାଭ କରିଥିଲା ତଥା ଅନେକ ମହିଳା ତାକୁ ପଢି ଉପକୃତ ହୋଇଥିଲେ । ବିଶେଷ ଭାବରେ ସାଧାରଣ କର୍କଟରୋଗ ଯଥା ସ୍ତନ କର୍କଟରୋଗ, ଜରାୟୁ ମୁଖ କର୍କଟ ରୋଗ ଏବଂ ଅନ୍ୟାନ୍ୟ ଅନେକ ପ୍ରକାର ରୋଗର ଲକ୍ଷଣ, ଚିହ୍ନଟ ଓ ଚିକିତ୍ସା ଉପରେ ମୁଁ ଅନବରତ ଲେଖୁଥିଲି । କ୍ଲିଷ୍ଟ ବିଜ୍ଞାନର ଭାଷାକୁ ସରଳତର ଭାବରେ ଗାଁ ଗହଳିରେ ପହଂଚାଇବା ଲକ୍ଷ୍ୟ ରଖି ମୁଁ ଲେଖି ଚାଲିଲି । ସେତେବେଳେ ଆମେ ଏସ.ସି.ବି. ମେଡିକାଲ କଲେଜର କ୍ୟାନସର ୱାର୍ଡ ପାଖ କ୍ୱାଟର୍ସ ରେ ରହୁଥିଲୁ । ଥରେ ସୁଚରିତା ବହିର ଗୋଟିଏ ପୃଷ୍ଠାରେ ଦାଗ ଦେଇ, ରୋଗୀଟିଏ ମୋ ପାଖରେ ଆସି ପହଂଚିଲା ଏବଂ କହିଲା, "ମ୍ୟାଡମ୍ ମୁଁ ସୁଦୂର କୋରାପୁଟରୁ ଆସିଛି "ସୁଚରିତା" ରୁ ଲେଖା ପଢି । ଆପଣ ଯାହା ଯାହା ଲେଖିଛନ୍ତି, ସେ ସବୁ ଲକ୍ଷଣ ମୋର ହେଉଛି । ସେ ସଙ୍ଗେ ସଙ୍ଗେ ମତେ, ମୋ ଲେଖା ଥିବା ସୁଚରିତା ବହି ଦେଖାଇଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସୁଚରିତା ବହି ଖୋଲି ଦେଖିଲା ବେଳକୁ ସେଥିରେ "ଅସ୍ଥାନିକ ଗର୍ଭ ବା ଟ୍ୟୁବାଲ ପ୍ରେଗନାନ୍ସି" କଥା ଲେଖା ଅଛି । ଗର୍ଭାଶୟ ବା ୟୁଟେରସ୍ ଭିତରେ ଗର୍ଭ ସଂଚାର ନହୋଇ ଫାଲୋପିଆନ୍ ଟ୍ୟୁବ୍‌ରେ ଗର୍ଭ ସଂଚାର ହେଲେ ସେହିଭଳି ଲକ୍ଷଣ ଥାଇ ପେଟରେ ଯନ୍ତ୍ରଣା ହୋଇଥାଏ । ସେଠି ପୁଣି ଆପେଣ୍ଡିସାଇଟିସର ଚିକିତ୍ସା ମତେ ଦିଆ ଯାଉଥିଲା । ସୁଚରିତାରୁ ଆପଣଙ୍କ ଲେଖା ପଢି ସଙ୍ଗେ ସଙ୍ଗେ ଆପଣଙ୍କ ପାଖକୁ ଚାଲିଆସିଲି ।" ମୁଁ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଖୁସି ହେଲି ଯେ, ଅନ୍ତତଃ ମୋର ଲେଖାରୁ ହିଁ ତ ଏତେ ଦୂରରୁ ଆସିଥିବା ରୋଗୀଟିର ଜୀବନ ରକ୍ଷା କରି ପାରିବ । ତାକୁ ଭଲ ଭାବରେ ଚିକିତ୍ସା କରି ଆରୋଗ୍ୟ କରିପାରିଲେ ହିଁ ମୁଁ ମୋ ପରିଶ୍ରମର ମୂଲ୍ୟ ପାଇପାରିବି ।

ରୋଗୀକୁ ପରୀକ୍ଷା କରିବା ପରେ ଯଦିଓ ଜାଣିପାରିଲି ଟ୍ୟୁବାଲ ପ୍ରେଗନାନ୍ସି ବୋଲି, ତଥାପି ନିଶ୍ଚିତ ହେବା ପାଇଁ ତାକୁ ନେଇ ଗୋଟିଏ ଅଲଟ୍ରାସାଉଣ୍ଡ ସେଂଟରକୁ ଯାଇଥିଲି । ଅଲଟ୍ରାସୋନୋଲୋଜିଷ୍ଟ କହିଲେ ରୋଗୀଣୀର କେବଳ ଟ୍ୟୁବାଲ ପ୍ରେଗନାନ୍ସି ନୁହେଁ, ତାର କୋମ୍ବାଇନଡ ପ୍ରେଗନାନ୍ସି ମଧ ଅଛି, ମାନେ ଟ୍ୟୁବାଲ ସହ ଜରାୟୁ ଭିତରେ ମଧ ଗର୍ଭ ଅଛି । ଏହା ଏକ ବିରଳ ଗର୍ଭ ସଂଚାର, ଯାହା ପ୍ରାୟ ୬୦୦୦୦ – ୮୦୦୦୦ ଗର୍ଭଧାରଣ ମଧ୍ୟରୁ ମାତ୍ର ଗୋଟିଏ କେଶ୍‌ରେ ଦେଖା ଦେଇଥାଏ ।

ସେଇ ରୋଗୀକୁ ଏମର୍ଜେନ୍ସି ଅପରେସନ୍ କରିବାକୁ ତାକୁ ଏସ.ସି.ବି ମେଡିକାଲ କଲେଜରେ ଆଡ଼ମିଶନ୍ କରିଥିଲି, କାରଣ ଏହି ବିରଳ ଅପରେସନ୍‌କୁ ଆମର ସବୁ ଅଣ୍ଡର ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ମାନେ ଥ୍ରୀ ଟାୟାର ସିଷ୍ଟମରେ ଦେଖିପାରିବେ । ଓ.ଟିରେ ମୁଁ ଓ ଡଃ ସିନ୍ଧୁନନ୍ଦିନୀ ତ୍ରିପାଠୀ ସେ ଅପରେସନ୍ କଲା ବେଳେ ପ୍ରାୟ ଦୂରଦର୍ଶନ ଠାରୁ ଆରମ୍ଭ କରି ସବୁ ଟି.ଭି ଚାନେଲ ଓ ନିଉଜପେପରରେ ସେ ଖବର ବାହାରିଥିଲା । ସେଇ ଅପରେସନ୍‌ରେ ଟ୍ୟୁବ୍ ପ୍ରେଗନାନ୍ସି କୁ ଆମେ କାଟି ବାହାର କରି ଦେଇଥିଲୁ କେବଳ ଜରାୟୁ ଭିତରେ ଥିବା ଗର୍ଭକୁ ରଖିଥିଲୁ ଏବଂ ଏହା ନରମାଲ ଶିଶୁ ଭଳି ବଢିଥିଲା । କ୍ରମେ ରୋଗିଣୀଟି ଆରୋଗ୍ୟ ହେଲା ପରେ ଏତେ ଖୁସି ହୋଇଥିଲା ଯେ, କଟକରେ ଆମ ଗାଇନିକ୍ ୱାର୍ଡରେ ୯ ମାସ ଧରି ଆଡମିଟ୍ ହୋଇ ରହିଥିଲା ଏବଂ ଖୁବ୍ ସୁରୁଖୁରୁରେ ନରମାଲ ଡେଲିଭରି ହୋଇ ଫେରିଥିଲା । କିନ୍ତୁ ମୋର ମନେଅଛି, ପୁଅ ନହୋଇ ଝିଅଟିଏ ହେବାରୁ ମନଦୁଃଖ କରି ତା ମା' ମତେ କହିଥିଲା, "ମ୍ୟାଡମ୍ ଏତେ କଷ୍ଟ କଲି, ଅଥଚ ପୁଅଟିଏ ନହୋଇ ଝିଅଟିଏ ହେଲା ? ଏକଥା ଶୁଣି ମୋ ମନ ଭୀଷଣ କଷ୍ଟ ହୋଇଥିଲା । ତାକୁ ବହୁତ ବୁଝାଇଥିଲେ ଯେ ପୁଅ ଝିଅ ସବୁ ସମାନ ।

ସୁଚରିତାରେ ସ୍ୱାସ୍ଥ୍ୟ ସଂପର୍କୀୟ ପ୍ରବନ୍ଧ ଲେଖିବା ସହ ଅନେକ କବିତା ମଧ୍ୟ ମୋର ସେଥିରେ ପ୍ରକାଶିତ ହୋଇଥିଲା । ମତେ ସୁଚରିତା କବିତା ସମ୍ମାନ ମଧ ମିଳିଥିଲା । ସେତେବେଳେ ସୁଚରିତା ଏକ ପ୍ରତିଷ୍ଠିତ ପତ୍ରିକା ଥିଲା ଏବଂ ତାହା ମୋ ପାଇଁ ଏକ ସମ୍ମାନର ବିଷୟ ଥିଲା । ଲେଖିବାର ବହୁ ବର୍ଷ ବିତି ଯାଇଥିଲେ ମଧ, ମାସ, ମାସ ଧରି ଅନେକ ପ୍ରତିଷ୍ଠିତ ପତ୍ରିକାରେ ମୋର କବିତା ପ୍ରକାଶ ପାଇଥିଲେ ମଧ, ପ୍ରଫେସନ୍ ପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟିଂ ହୋଇଥିବାରୁ ତଥା ସମୟ ଅଭାବରୁ, କବିତାଗୁଡିକ ପୁସ୍ତକ ଆକାରରେ ପ୍ରକାଶ ପାଇପାରିନଥିଲା । ତେବେ ସାରସ୍ୱତ ପରିଧିରେ ରହି ମଧ ମୋର ବ୍ୟସ୍ତ ଜୀବନ ଶୈଳୀରେ କବିତା ପୁସ୍ତକ ପ୍ରକାଶ ନପାଇବାର ଅପାରଗତା ମତେ ମ୍ରିୟମାଣ କରିଦେଇଥିଲା ।

ମୁଁ ମେଡିକାଲ କଲେଜରେ କବିତା ଲେଖୁଥିଲା ବେଳେ ମୋର ସମସାମୟିକ ଥିଲେ ଡଃ ପ୍ରସନ୍ନ ପାଟଶାଣୀ, କମଳାକାନ୍ତ ପଣ୍ଡା, ସଦାଶିବ ଓ ଅମରେଶ । ତେବେ ପି.ଜି. କରି ଏସ୍.ସି.ବିରେ ପୋଷ୍ଟିଂ ହେବାର ବହୁ ଦିନ ପରେ ଦେଖାହେଲା ପ୍ରସନ୍ନ ପାଟଶାଣୀଙ୍କ ସହ । ତାଙ୍କ ବାପାଙ୍କର ଆଡମିଶନ୍ ହୋଇଥିଲା ଡଃ ରମାରମଣଙ୍କ ୱାର୍ଡରେ । ତେଣୁ ପ୍ରସନ୍ନବାବୁ ରମାରମଣଙ୍କ ସାଙ୍ଗରେ ଆସି ଆମ ଘରେ ପହଂଚିଲେ । ତା ପରେ କବିତା ଉପରେ ଚର୍ଚ୍ଚା ଜୋର ଧରିଲା । ସେ ମତେ କହିଲେ ତୁମେ ଯଦି ଏତେ କବିତା ଲେଖି ମଧ ପୁସ୍ତକ ଆକାରରେ ପ୍ରକାଶ ନକରିବ, ତେବେ କବି ହିସାବରେ ତୁମର ଅସ୍ତିତ୍ୱ ରହିବ ନାହିଁ କି ସ୍ୱୀକୃତି ମଧ ମିଳିବ ନାହିଁ । ଖୁବ୍ ଶୀଘ୍ର କବିତା ବହିଟି ପ୍ରକାଶକର । ମୁଁ ସବୁ କବିତା ଗୁଡିକ ଏକତ୍ର କଲି । ତାପରେ ପ୍ରସନ୍ନବାବୁ ତାଙ୍କର ବହୁମୂଲ୍ୟ ସମୟ ନଷ୍ଟ କରି ଆମ ଘରକୁ ଆସି କବିତା ଗୁଡିକ ସଜାଇ ଦେଲେ ଏବଂ ଗ୍ରନ୍ଥମନ୍ଦିରରେ ବହିଟି ପ୍ରକାଶିତ ହେଲା । ସୂର୍ଯ୍ୟଙ୍କର ଅରୁଣ ରଙ୍ଗର କିରଣରେ ଶୁଦ୍ଧ ସ୍ନାନ କରି ସତେଜ ଓ ସୁନ୍ଦର ଭାବରେ ପ୍ରକାଶିତ ହୋଇଥିବା ବହିଟିର ନାଁ ଦେଇଥିଲି "ସୂର୍ଯ୍ୟସ୍ନାନ" କାରଣ ପ୍ରଥମ କବିତାର ନାଁ ହିଁ ଥିଲା ସୂର୍ଯ୍ୟସ୍ନାନ ।

ରାତ୍ରିର ତମସା ଫିଙ୍ଗି /ଫିଙ୍ଗି ଦୂରେ ଉଆଁସର ବନ୍ୟା / ମୁଁ କରିଛି ସୂର୍ଯ୍ୟସ୍ନାନ / ସକାଳର ଲୋହିତ କରିଣେ / ମୁଁ ହୋଇଛି ଶୁଦ୍ଧ, ପୂତ / ଶୁଭ୍ର ଏକ ଶତଦଳ / ତପସ୍ୟାର ସଫଳ ଅରଣ୍ୟେ ।

ସୂର୍ଯ୍ୟଙ୍କର ଉଜ୍ଜଳ କିରଣ ଯେପରି ସକଳ ପାପ ତାପକୁ କ୍ଷୟ କରି ଏକ ପୁଣ୍ୟମୟ ଐଶ୍ୱର୍ଯ୍ୟରେ ଓ ଔଜ୍ଜ୍ୱଲ୍ୟରେ ଭରିଦିଏ ଏ ପୃଥିବୀକୁ ଠିକ୍ ସେମିତି ମୋ ଜୀବନକୁ ଏକ ଅଶେଷ ଆନନ୍ଦରେ ଭରି ଦେଇଥିଲା ମୋର ପ୍ରଥମ ବହି । ତାର ଆଉ ଗୋଟିଏ ପଦ ମତେ ଆତ୍ମହରା କରିଦେଇଥିଲା – "ମୋର ଜମା ମନେନାହିଁ / ମୁଁ କେବେବା ଜଳୁଥିଲି / ତାରୁଣ୍ୟେ ମୋ କେବେ ଅବା ଅଗ୍ନି ଲାଗିଥିଲା / ମୁଁ ତ ଜମା ଜାଣିନାହିଁ / ଆତ୍ମାର ଜ୍ୱଳନ ଆଉ / ମୋ ଦେହର ଅରଣ୍ୟରେ କେବେ ଅବା ଅଗ୍ନି ଲାଗିଥିଲା ।" ହଁ କବିତାର ଶବ୍ଦ ଓ ଅକ୍ଷର ଗୁଡିକ ସୂର୍ଯ୍ୟସ୍ନାନ ଓ ଅଗ୍ନିସ୍ନାନ କରି ଆଉଟା ସୁନା ଭଳି କାଗଜର ପୃଷ୍ଠାରେ ଉଜ୍ଜ୍ୱଳି ଉଠିଲେ ଏବଂ ତାରି ଭିତରୁ ପ୍ରକାଶ ପାଇଲା ପୁସ୍ତକ "ସୂର୍ଯ୍ୟସ୍ନାନ" ଏକ ବିକଚ ଶତଦଳ ହୋଇ । (କ୍ରମଶଃ)

## ପତ୍ରିକା ସମୀକ୍ଷା

**ସାଗରିକା**
(ପୂଜାସଂଖ୍ୟା ୨୦୨୦)
ସଂପାଦିକା :
**ସୈରିନ୍ଧ୍ରୀ ସାହୁ**
ଜେଲରୋଡ, ବାଲେଶ୍ୱର-୧
ପୃଷ୍ଠା-୨୧୨, ମୂଲ୍ୟ : ୬୦/-

ସଂପ୍ରତି ବିଶ୍ୱ ମହାମାରୀ କରୋନାକୁ ନେଇ ଶିକ୍ଷା, ଶିଳ୍ପ, ଅର୍ଥନୀତି ଇତ୍ୟାଦିର ଅବ୍ୟବସ୍ଥା ସହ ସାଂସ୍କୃତିକ ମଞ୍ଚ ଗୁଡ଼ିକ ଏକ ପ୍ରକାର ମୃତବତ୍ ଅବସ୍ଥାକୁ ଆସିଯାଇଥିଲା ବେଳେ ସମୟର ଭୟାବହତା ଓ ଭାଇରସ୍‌ର ସଂକ୍ରମଣ ଯୋଗୁ ସଂଗରୋଧ, ଗୃହବନ୍ଦୀ, ଶାରିରୀକ-ସାମାଜିକ ଦୂରତା ଅବଲମ୍ବନ କରି ଏକାନ୍ତବାସରେ ସମୟ ବିତାଉଥିବା ମଣିଷ ପାଇଁ ସାହିତ୍ୟ ସର୍ଜନା ମାନସିକ ଅବସାଦ ଦୂରକରିବାର ବିକଳ୍ପ ଅପନୋଦନ। ପ୍ରତିବର୍ଷ ଓଡ଼ିଶା ସାରସ୍ୱତ ଜଗତ ଶାରଦୀୟ ପୂଜା ଓ ପାର୍ବଣର ଉଲ୍ଲାସ ଭିତରେ ଓଡ଼ିଶା ମାଟିରୁ ପ୍ରକାଶିତ ଶତାଧିକ ପୂଜା ବିଶେଷାଙ୍କର ବୃହତ୍ କଳେବରମାନ ପ୍ରାପ୍ତ ହେବା ପରି ସାରସ୍ୱତ ମହାସଂଗମରେ କରୋନା ପରିସ୍ଥିତି ଆଣିଛି ଭଟ୍ଟା। ତଥାପି ପରମ୍ପରାଗତ ଭାବେ ଓଡ଼ିଆ ଭାଷାର ସକ୍ରିୟ ଲେଖକ ଲେଖିକାମାନଙ୍କର ସର୍ଜନାତ୍ମକ ସ୍ପୃହା ଏବଂ ସୁଧୀ ପାଠକମାନଙ୍କର- ପତ୍ରପତ୍ରିକା ସଂଗ୍ରହ ଓ ପଠନରେ ଚାହିଦାକୁ ଆଖି ଆଗରେ ରଖି ଯେଉଁ କେତୋଟି ଅଗ୍ରଣଣ୍ୟ ପତ୍ରିକା କରୋନା ପରି ଭୟାବହ ପରିସ୍ଥିତିରେ ମଧ ବହୁ ଧୈର୍ଯ୍ୟ ଓ ଶ୍ରମ ସ୍ୱୀକାର କରି ସାହିତ୍ୟର ପରମ୍ପରାକୁ ବଂଚାଇ ରଖିବାକୁ ଯାଇ ପୂର୍ବବତ୍ ଯଥାରୀତି ନିଜ ନିଜର ବିବିଧ ବିଭାଗ ବିମଣ୍ଡିତ ସଦୃଶ୍ୟ ପୂଜା ସଂଖ୍ୟାମାନ ପାଠକଂକୁ ଭେଟି ଦେଇଛନ୍ତି ସେଥି ମଧ୍ୟରୁ ବାଲେଶ୍ୱର ଜେଲ ରୋଡ଼ରୁ ପ୍ରକାଶିତ ସାଗରିକା ଅନ୍ୟତମ ।

ସୈରିନ୍ଧ୍ରୀ ସାହୁଙ୍କ ବଳିଷ୍ଠ ସଂପାଦନାରେ ପ୍ରକାଶିତ ସାଂପ୍ରତିକ ସାହିତ୍ୟର ଭିନ୍ନ ନାମ, ସାଗରିକାର ଏହି ପୂଜାସଂଖ୍ୟା ପ୍ରଚ୍ଛଦରେ ମାତୃଉପାସନାର ନୈବେଦ୍ୟ ପ୍ରସ୍ଫୁଟିତ ଦୁଇ ଜବାକୁସୁମ। ଦୁଇଶହ ବାର ପୃଷ୍ଠା ପରିମିତ ଏହି ସଂଖ୍ୟାରେ ଏଥର ମଧ ରଙ୍ଗବେରଙ୍ଗ ଚିତ୍ର ବିଚିତ୍ରାଠାରୁ ମୁକ୍ତ ରହି ବୌଦ୍ଧିକ ଆଲୋଚନା, ସମକାଳୀନ ସମାଜର ଚିତ୍ର ଓ ଚରିତ୍ରକୁ ଉପସ୍ଥାପନ କରିପାରୁଥିବା ଗଳ୍ପ ଏବଂ ବିବିଧ ମନନଶୀଳତା ଆଧାରିତ କବିତା ମାନ ସ୍ଥାନଦେଇ ସାଗରିକା ଯେ ସ୍ୱପରମ୍ପରା ଓ ଆଭିମୁଖ୍ୟକୁ ବଜାୟ ରଖିପାରିଛ, ଏହା ଯେ କୌଣସି ରୁଚିଶୀଳ ପତ୍ରିକା ପ୍ରେମୀ ସ୍ୱୀକାର କରିବେ।

କାବ୍ୟମୟ କଥନରେ ସମୟର ସଂବେଦନଶୀଳ, ଦିଗକୁ ସୂଚାଇଲା ଭଳି ଏଥରର ସଂପାଦକୀୟ। ରଫ୍‌ଖାତାର ଚିତ୍ର ଶୀର୍ଷକରେ ସଂପାଦନାର ଶବ୍ଦ ଗୁଡ଼ିକ ଅତୀତକୁ ନେଇ ଯେଉଁଭଳି ସ୍ମୃତିମଞ୍ଜୁଳ, ପରିବର୍ତ୍ତିତ ପାଣିପାଗ, ବାତାବରଣ ଓ ମଣିଷ ଚରିତ୍ରଗୁଡ଼ିକ ସେହି ଭଳି ବଦଳି ଯାଉଥିବା ବହୁରୂପୀ ଏଣ୍ଡୁଅ ଭଳି ପ୍ରତୀୟମାନ। ଗାଆଁ ଗୋଟିଏ ରଫଖାତା, ଯେଉଁଠି ବିଲ ପୋଖରୀ ଆମ୍ବତୋଟା ଏବଂ ଅନାମିକା ସରୁନଈର ପାଣି ଠାରୁ ଗାଆଁ ମଥାନରେ ପୂଜିତା ଠାକୁରାଣୀ ପର୍ଯ୍ୟନ୍ତ ସମସ୍ତେ ସେଇ ରଫଖାତାର ଏକ ଏକ ଲିଭିନଥିବା ସ୍ପଷ୍ଟ ଏବଂ ଅସ୍ପଷ୍ଟ ଗାରସବୁ। କିନ୍ତୁ ସମୟ କିଭଳି ମଣିଷ ଭିତରର ବିଶ୍ୱାସନୀୟତା ଓ ପାରସ୍ପରିକତାକୁ ଧୀରେ ଧୀରେ ପୋଛି ଦେଉଛି ତାହା ରଫଖାତାର ଚିତ୍ର ଶୀର୍ଷକ ସଂପାଦକୀୟରୁ ସ୍ପଷ୍ଟ।

ଟେକ୍ନୋଲୋଜିର ଦୌଡ ଅଧୁନା ସମୟକୁ ଦ୍ରୁତରୁ ଦ୍ରୁତତର କରିବା ସହ ଯୋଗାଯୋଗର ମାଧ୍ୟମକୁ ସଂକ୍ଷିପ୍ତରୁ ସଂକ୍ଷିପ୍ତତର କରିଦେଇଛି। ସମୟ ଥିଲା ନିଜର ପ୍ରିୟ ଲେଖକଙ୍କର ଛବିଟିଏ ମଧ ଦେଖି ପାରିବା ସଂଭବପର ନଥିଲା। (ଜହ୍ନମାମୁରେ ପ୍ରକାଶିତ କନକ ଉପତ୍ୟାକାର କାହାଣୀକୁ ନିୟମିତ ଧାରାବାହିକ ଭାବରେ ପଢୁଥିବା ଆମପରି ଅନେକ ପାଠକଙ୍କ ଏହାର ଲେଖକ ମନୋଜ ଦାସଙ୍କ ଫଟୋ ଦେଖିପାରିବାର ସୁଯୋଗଟି ନଥିଲା)। କିନ୍ତୁ ଆଜିର ତଡ଼ିତ୍ ବେଗୀୟ ଯୋଗାଯୋଗ ବ୍ୟବସ୍ଥାରେ ପାଠକଟିଏ ଲେଖକର ଲେଖାଲେଖିର ଜୀବନକୁ ଅତିକ୍ରମ କରି ବ୍ୟକ୍ତିଗତ ଜୀବନ ପର୍ଯ୍ୟନ୍ତ ପହଞ୍ଚିଯାଇ ପାରୁଛି। ଏହା ଟେକ୍ନୋଲୋଜିର ବରଦାନ। ଲେଖାକମ୍, ଛବିବେଶୀ, ସାହିତ୍ୟ କମ୍ ରଙ୍ଗ ବେଶୀ ଏଭଳି ପରିବର୍ତ୍ତିତ ବ୍ୟବସ୍ଥା ଭିତରେ ସାହିତ୍ୟ ଏବେ ଉଣାଅଧିକେ ଦୃଶ୍ୟଶ୍ରାବ୍ୟ। କିନ୍ତୁ ଗୁଣବତ୍ତା, ମାନବତ୍ତା ଏବଂ କଳାତ୍ମକ ଆବେଦନକୁ ଆଧାର କରି ସାହିତ୍ୟର ଭିତ୍ତିଭୂମିକୁ ବଞ୍ଚାଇ ରଖି ସଭ୍ୟତାର ଉଡ୍ଡୀୟମାନ ପତାକାକୁ ଦେଖିବା ଏବଂ ଦେଖାଇ ପାରିବାର ସ୍ପୃହାରେ ବଞ୍ଚିଛି ପ୍ରିଣ୍ଟମିଡିଆ ଏବଂ ପତ୍ରପତ୍ରିକା। କହିବା ବାହୁଲ୍ୟ, ଭରଚୁଆଲ ମିଡିଆର ନାବାଳକତ୍ୱକୁ ସାବାଳକ ପରିଚୟ ପ୍ରମାଣପାତ୍ର ପ୍ରଦାନ କରୁଥିବା ପତ୍ରପତ୍ରିକା ପ୍ରକାଶନର ଗୁରୁତ୍ୱ କନିଷ୍ଠଠାରୁ ଆରମ୍ଭ କରି ବରିଷ୍ଠ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି। ଲେଖାଚୋରୀ ବିଭ୍ରାଟ, ପୁରସ୍କାର-ରାଜନୀତି, ମହାତ୍ମାମାନଙ୍କର ତ୍ୟାଗ ଓ ତିତିକ୍ଷାରେ ଗଢ଼ା ହୋଇଥିବା ସାହିତ୍ୟ ପ୍ଲାଟ୍‌ଫର୍ମରେ ରୁଚୀହୀନ ଏବଂ ଅପରିପକ୍ୱ ଲେଖକଙ୍କର ଅବାଞ୍ଛିତ ଲେଖାର ଭିଡ଼, ତଥା ଆରୋପ ପ୍ରତ୍ୟାରୋପ ଆକ୍ଷେପ ଏବଂ ଗୋଡଟଣାର କର୍ଦ୍ଦମାକ୍ତ ସ୍ଥିତିରେ ସାହିତ୍ୟକୁ ମନୋପଲୀ ଢଙ୍ଗରେ ଚଳାଉଥିବା ପତ୍ରପ୍ରିକା ଠାରୁ ସ୍ୱତନ୍ତ୍ରତା ବଜାୟ ରଖି, ରୁଚି ସଂପନ୍ନ ଲେଖା ଚୟନ, ତୃଟିହୀନ ମୁଦ୍ରଣ ଏବଂ ବିବିଧ ବିଷୟଚର୍ଯ୍ୟାକୁ ନେଇ ସାଗରିକା ନିଜର ସ୍ୱତନ୍ତ୍ରତା ରକ୍ଷା କରିପାରିଛି। ଏହା ଓଡ଼ିଶାର ବହୁ ପ୍ରଜ୍ଞାଶୀଳ ପାଠକଙ୍କ ପାଇଁ ପ୍ରାବୋଧନା ଓ ସନ୍ତୋଷର ବିଷୟବସ୍ତୁ।




ବୃହତ୍ କଳେବରର ଏହି ସଂଖ୍ୟାରେ ସ୍ଥାନ ପାଇଛି ଆଜିର ଗଳ୍ପ ବିଭାଗୀକୃତ ତିନୋଟି ପର୍ଯ୍ୟାୟରେ ମୋଟ୍ ତିରିଶଟି କ୍ଷୁଦ୍ରଗଳ୍ପ। ହିନ୍ଦୀ, ତାମିଲ ଏବଂ ବଙ୍ଗଳା ସାହିତ୍ୟର ତିନୋଟି ଚମତ୍କାର କଥାନୁବାଦ ଆଣିଛନ୍ତି ଯଥାକ୍ରମେ ବିନୟକୁମାର ଦାସ, ଶରତ କୁମାର ରାଉତ ଏବଂ ଜୟକୃଷ୍ଣ ସାମଲ। ଏଥିସହିତ ଗଳ୍ପ ବିଭାଗର ପ୍ରଥମ ଗଳ୍ପ ଭାବରେ ସ୍ଥାନ ପାଇଥିବା ଅମୃତା ପ୍ରୀତମଙ୍କର 'ଛମକ ଛଲ୍ଲୋ' ଶୀର୍ଷକର ଓଡ଼ିଆ ରୂପାନ୍ତରରେ ପାଠକ ଅନୁରୂପା ସିଂଙ୍କର ଉପସ୍ଥାପନକୁ ସାଦରେ ଗ୍ରହଣ କରିବେ ନିଶ୍ଚୟ ! ଗାଳ୍ପିକମାନଙ୍କ ମଧ୍ୟରେ ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ହେମନ୍ତ କୁମାର ଘୋଷାଲ, ଉଦୟ ନାରାୟଣ ଦାସ, ଲକ୍ଷ୍ମୀ ଚନ୍ଦ, କମଳା ଶତପଥୀ, ଦୀପକ ରଞ୍ଜନ ମିଶ୍ର, ଡଃ ରତିକାନ୍ତ ବେହେରା, କାର୍ତ୍ତିକ ସ୍ୱାଇଁ, କିଶୋର ଆକାଶ, ପ୍ରଫେସର ହୃଶୀକେଶ ମହାନ୍ତି, ଗଙ୍ଗାଧର ବିଶ୍ୱାଳ, ବିନୋଦ, ଶ୍ରୁତି ଶୈଳଜା, ସୁଷମା ପରିଜା, ରତନ କୁମାର ଶିଉଳି, ଲକ୍ଷ୍ମୀଧର ନାୟକ ଆଦିସ୍ୟ, ମମତା ଆଚାର୍ଯ୍ୟ, ଶୈବାଳିନୀ ସାହୁ, ଅନ୍ନପୂର୍ଣ୍ଣା ମହାନ୍ତି, ରାଧାଶ୍ୟାମ ରାଉଳ, ଦିଲ୍ଲୀପ କୁମାର ସାହାଣୀ, ସୁବ୍ରତ କୁମାର ସେନାପତି, ଡଃ ସୁରେନ୍ଦ୍ର ନାଥ ଦାଶ ଏବଂ ଶ୍ରୀନିବାସ ସେଠୀଙ୍କର ଗଳ୍ପଗୁଡ଼ିକର ସମୟନିଷ୍ଠତା ଏବଂ ସମାଜନିଷ୍ଠତା ତଥା ବର୍ଣ୍ଣନାର କାଳାତ୍ମକ ଦିଗ ପାଠକଙ୍କୁ ସ୍ପର୍ଶ କରିବ ବୋଲି ବିଶ୍ୱାସ କରାଯାଏ।

ଏହି ସଂଖ୍ୟାଟିର ଅଙ୍ଗେନିଭା ସ୍ମୃତିକଥା ବିଭାଗର ପ୍ରକାଶ ଚନ୍ଦ୍ର ଦାଶଙ୍କର ମାର୍ମିକ ଆଲେଖ୍ୟ ସ୍ଥାନ ପାଇଥିଲା ବେଳେ 'ଆତ୍ମଜୀବନୀ' ବିଭାଗରେ ଡଃ କବିତା ବାରିକଙ୍କର ମୋ ଜୀବନ କେବେ କେମିତି ଶୀର୍ଷକ ଧାରାବାହିକ ଆଲେଖ୍ୟ ପାଠକଙ୍କୁ ଫେରାଇନେବେ ଐତିହାସିକ ବାରିପଦା ସହରର ଅତୀତ ଓ ବର୍ତ୍ତମାନର ସାହିତ୍ୟିକ ପାଣିପାଗ ଆଡ଼କୁ। ଓଡ଼ିଆ ଭାଷା ସାହିତ୍ୟର ସମକାଳୀନ ସୃଷ୍ଟିକୁ ନେଇ ସମୀକ୍ଷା, ସମାଲୋଚନା ଓ ବିଚାର ବିମର୍ଷ ମୂଳକ ସାହିତ୍ୟ ଆଲୋଚନାରେ ସ୍ୱତନ୍ତ୍ର ଭାବେ ଋଦ୍ଧିମନ୍ତ ଏହାର କଳେବର। କଳେବରର ଅନ୍ୟୂନ ଚାଳିଶ ଭାଗ ସ୍ଥାନକୁ ଅଧିକାର କରି ଏଥରର ପ୍ରବନ୍ଧ ବିଭାଗ ପାଠକ, ଜିଜ୍ଞାସୁ, ଛାତ୍ର ଅଧ୍ୟାପକ ଓ ଗବେଷକଙ୍କୁ ଭେଟି ଦେଇଛି ଓଡ଼ିଶାର ବହୁ ସକ୍ରୀୟ ଆଲୋଚକଙ୍କର ବୌଦ୍ଧିକ ଆଲୋଚନାମାନ। ସେମାନଙ୍କ ମଧ୍ୟରୁ ବରେଣ୍ୟ କବି ଗିରିଜା ବଳୀୟାର ସିଂହଙ୍କର କାବ୍ୟପୁରୁଷ ଗ୍ରନ୍ଥର ମିଥ୍ ମିମାଂସାକୁ ଆଲୋଚକ ନକୁଳ ଚନ୍ଦ୍ର ସାହୁ ପ୍ରସ୍ତୁତ କରିଥିବା ବେଳେ ଫକୀରମୋହନଙ୍କର କାବ୍ୟସାହିତ୍ୟର ଆଧ୍ୟାତ୍ମିକ ଚେତନାକୁ ଅବଲୋକନ କରିଛନ୍ତି ଡଃ ମଣୀନ୍ଦ୍ର କୁମାର ମେହେର। ଏହାସହ ବିଦ୍‌ଗଧ ଆଦେଶ ଓ କମନୀୟ ସଂକ୍ଷିପ୍ତ ଶୀର୍ଷକରେ କାବ୍ୟପୁରୁଷ ରାଧାନାଥଙ୍କୁ ଶ୍ରୀ କୃଷ୍ଣ ବଳ ଆକଳନ କରିଥିଲା ବେଳେ ଡଃ ଭରତ ବେହେରା, ପ୍ରତିଭାଖିଲା. ଡଃ ଫଣୀନ୍ଦ୍ର ଭୂଷଣ ନନ୍ଦ, ସମ୍ବିତ ଶୁଭଙ୍କର ଖୁଣ୍ଟିଆ, ଡଃ ରାଧାରଞ୍ଜନ ପଟ୍ଟନାୟକ, ବିଭୂତି ଭୂଷଣ ସେନାପତି, ବିପିନ ବିହାରୀ ମହାନ୍ତି, ଗିରିଜା କୁମାର ଦାସ ଭାସ୍କରଚନ୍ଦ୍ର ଦାସ, ଡଃ ସର୍ବେଶ୍ୱର ସେଣ, ସୁଶ୍ରୀ ପ୍ରୀତିଲତା ପଣ୍ଡା ଓ ସୁଧାଂଶୁ ଶେଖର ମିଶ୍ରଙ୍କର ଆଲୋଚନା ପାଠକୀୟ ଚେତନାରେ ବୌଦ୍ଧିକ କାବ୍ୟ ଓ କଥା ସାହିତ୍ୟର ଚର୍ଯ୍ୟାର ନୂତନ ଦିଗକୁ ଉନ୍ମୋଚନ କରିବ ନିଶ୍ଚୟ।

ସଂଖ୍ୟାଟିର କବିତାସ୍ତବକ ବିଭାଗର ତିନୋଟି ପର୍ଯ୍ୟାୟରେ ସ୍ଥାନ ପାଇଛନ୍ତି ଓଡ଼ିଆ ସାହିତ୍ୟର ସମକାଳୀନ ବହୁ ଚିହ୍ନାମୁହଁ ବହୁ ପ୍ରତିଶ୍ରୁତିବଦ୍ଧ ଲେଖନୀର ଆକର୍ଷଣୀୟ ଇସ୍ତାହାର। ନବୀନ ଏବଂ ପ୍ରବୀଣଙ୍କ ମଧ୍ୟରେ ସାହିତ୍ୟ ପ୍ରକାଶନର ସୌହାର୍ଦ୍ଦମୟ ପରମ୍ପରାର ପ୍ରସ୍ତକୁ ପ୍ରତିସଂଖ୍ୟା ପରି ଏହି ସଂଖ୍ୟାରେ ମଧ ପ୍ରଶସ୍ତ କରିଛି ସାଗରିକା। ଏଥରର କବିତା ବିଭାଗର ତିନୋଟି ସ୍ତବକର ପାଠକ ଭେଟିବେ ଅମରେଶ ପଟ୍ଟନାୟକ, ଗିରିଜା କୁମାର ବଳୀୟାରସିଂହ, ପୀତାମ୍ବର ତରାଇ, କୁମାର ହସନ୍, ଭିକାରୀ ଧଳ, କାଳିପଦ ପଣ୍ଡା, ସବିତା ହୋତା ମହାପାତ୍ର, ରାଜେଶ ପୂଜାରୀ, ଶଶିକାନ୍ତ ନାୟକ, ପ୍ରଦୀପ୍ତ କୁମାର ମହାନ୍ତି, ଡଃ ରଜନୀ ରଞ୍ଜନ, ନୃହିଂହ ତରାଇ, ଶ୍ରୀହରୀ ଧଳ, ଚକ୍ରପାଣି ପରିଚ୍ଛା ପ୍ରମୁଖ ବହୁ କବିମାନଙ୍କର ମନୋଜ୍ଞ କବ୍ୟ ଉଚ୍ଚାରଣ ଗୁଡ଼ିକ।

କରୋନାର କ୍ରୁର ତାଡ଼ନା ଭିତରେ ବି ମାସ୍କ ଭିତରେ ଲୁଚିଥିବା ମୁହଁ ଖୋଜୁଛି ସଂପର୍କ ଏବଂ ସଂପର୍କ ଭିତରେ ସାହିତ୍ୟ। ବନ୍ଦ ବିପଣୀର ସଟର ଖୋଲିଛି ତ ହାତକୁ ଆସିଛି ଗୋଟେ ସାନିଟାଇଜର ଏବଂ ବିତିଯାଇଥିବା ଶରତ ଋତୁର ସଂଗରୋଧ ପାଇଁ କାର୍ତ୍ତିକର ଶୀତଳ ସାନ୍ତ୍ୱନା, ପୂଜାସଂଖ୍ୟା ସାଗରିକା।




ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## କାର୍ତ୍ତିକ ପୂର୍ଣ୍ଣିମା ଏବଂ...

(ପୃଷ୍ଠା ୫ର ଅବଶିଷ୍ଟ) ଭାରତରେ ୪ଥର 'ମହାବିଜୟ ଅଭିଯାନ' କରିଥିଲେ ଓ ଦୁଷ୍ଟ ଶକ୍ତିମାନଙ୍କୁ ଦମନ କରିଥିଲେ । ଆଜି ବାଲାଂଦେଶ, ପାକିସ୍ଥାନ, ଆଫଗାନିସ୍ଥାନ ବୋଲି କୁହାଯାଉଥିବା ଦେଶମାନ ପ୍ରାଚୀନ ଭାରତର ଅଂଶବିଶେଷ ହୋଇଥିବାରୁ ଏ ସମସ୍ତ ଦେଶରେ ସେ ଜୟଯାତ୍ରା କରିଥିଲେ । ମଗଧର ତଦନ୍ତାନୀନ ସମ୍ରାଟ- 'ବୃହସ୍ପତିମିତ୍ର' ଭୟାତୁର ହୋଇ ସମ୍ରାଟ ଖାରବେଳଙ୍କ ପଦବନ୍ଦନା କରିଥିଲେ ନତଜାନୁ ହୋଇ । ତେବେ ସମ୍ରାଟ ଖାରବେଳ ଭାରତର ସମସ୍ତ ବିଜିତ ରାଜ୍ୟମାନଙ୍କରେ ସ୍ଥାନୀୟ ଉତ୍ତମ ଶାସକମାନଙ୍କୁ ଅବସ୍ଥାପିତ କରିଥିଲେ । ଏହାଦ୍ୱାରା ପ୍ରାୟ ସମଗ୍ର ଭାରତବର୍ଷ କଳିଙ୍ଗର ନିୟନ୍ତ୍ରଣାଧିନ ହୋଇଥିଲା । ଏହା ଥିଲା କଳିଙ୍ଗ ସାମ୍ରାଜ୍ୟ !!! ଇତିହାସକୁ ତର୍ଜମାକରି ଆମେ କହିପାରୁ ଯେ ପ୍ରାଚୀନ ଭାରତବର୍ଷରେ ଅଶୋକଙ୍କ ପରେ (ଖ୍ରୀ ପୂ ୨୬୯-୨୩୨) ଗୁପ୍ତଯୁଗର ବିକ୍ରମାଦିତ୍ୟ (ଖ୍ରୀଷ୍ଟାବ୍ଦ ୩୭୫-୪୧୪) ପର୍ଯ୍ୟ' ସୁଦୀର୍ଘ ୫୦୦ବର୍ଷାଧିକ ଯୁଗର ଅନ୍ଧକାର ଦୂର କରି ସୂର୍ଯ୍ୟସମ ଉଦୟ ହୋଇଥିଲେ କଳିଙ୍ଗ ସୂର୍ଯ୍ୟ ସମ୍ରାଟ ଖାରବେଳ! ଭୁବନେଶ୍ୱର ଶିଶୁପାଳଗଡ ହିଁ ଥିଲା ସମ୍ରାଟ ଖାରବେଳଙ୍କ କଳିଙ୍ଗ ନଗର (ରାଜଧାନୀ) ଯେଉଁଠାରେ ନିର୍ମିତ ହୋଇଥିଲା ତାଙ୍କର_ ମହାବିଜୟ ପ୍ରାସାଦ ! ଯାହାର ସୁବିଶାଳ ଗମ୍ବୁଜମାନଙ୍କର ଭଗ୍ନାବଶେଷ ଆଜି ମଧ ବିଦ୍ୟମାନ । ଆଜିର ବିଦେଶୀ ଏବଂ ଦେଶର ଗବେଷକମାନେ କହନ୍ତି ଯେ ଶିଶୁପାଳଗଡ ଥିଲା ପ୍ରାଚୀନ ଗ୍ରୀସ୍‌ର ଏଥେନ୍ସ ବଙ୍ଗରଠାରୁ ବୃହତ୍ତର ଏବଂ ଉଜ୍ଜ୍ୱଳ ନଗର ! ଅତିକ୍ରମଣ ଦ୍ୱାରା ଆଜି ଏହାର ଅସ୍ତିତ୍ୱ ଲୋପ ହେବାକୁ ଯାଉଛି । ଏହା ଅତ୍ୟନ୍ତ ଦୁଃଖ ଏବଂ କ୍ଷୋଭର ବିଷୟ ଯେ ଓଡିଶା ମହାଗୌରବର ସ୍ମାରକୀମାନଙ୍କୁ ଆମେ ଉପଯୁକ୍ତ ମର୍ଯ୍ୟାଦା ଦେବାକୁ ମଧ ଦେଖିପାରିଲୁ ନାହିଁ । ୨୦୧୯ ଅଗଷ୍ଟ ୧୫ରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଖାରବେଳ ଭବନ ଏ କ୍ଷେତ୍ରରେ ଏକ ଆଶାର କିରଣ ।

ସମ୍ରାଟ ଖାରବେଳଙ୍କ ଦ୍ୱାରା ସଂସ୍ଥାପିତ କଳିଙ୍ଗର ଦୁର୍ଦ୍ଧର୍ଷ ସାମରୀକ ପରମ୍ପରାର ଭିତ୍ତିଭୂମି ଉପରେ ହିଁ ପରବର୍ତ୍ତୀ ଯୁଗମାନଙ୍କରେ ଯଯାତି କେଶରୀ, ଚୋଳଗଙ୍ଗଦେବ, ଲାଙ୍ଗୁଳା ନରସିଂହଦେବ ଏବଂ ସର୍ବୋପରି ୨ୟ ଖାରବେଳ ବୋଲି ବିଦିତ ସମ୍ରାଟ କପିଳେନ୍ଦ୍ରଦେବଙ୍କ ଭଳି ପ୍ରବଳ ପରାକ୍ରମୀ ବରପତିମାନଙ୍କ ନେତୃତ୍ୱରେ ଏବଂ ଶ୍ରୀ ଜଗନ୍ନାଥ କୈନ୍ଦ୍ରିକ ବୀର ଓଡିଆ ମହାଜାତିର ବାହୁବଳରେ ସୁଦୀର୍ଘ ୧୬୦୦ ବର୍ଷ ଧରି 'ଆଗଙ୍ଗା ଗୋଦାବହୀ ଆସମୁଦ୍ରବିନ୍ଧ୍ୟ' ପରିବ୍ୟାପ୍ତ ସୁବିଶାଳ ଓଡିଶାର ସାର୍ବଭୌମତ୍ୱ ଏବଂ ସ୍ୱାଧିନତା ପ୍ରାୟ ଅପ୍ରତିହତ ରହିପାରିଥିଲା ୧୫୨୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ ! ଆଜି ଆଉ ତାହା ନାହିଁ । ମଧୁବାବୁ ଏବଂ ଓଡିଶାର ବରପୁତ୍ରମାନେ ନଥିଲେ ଏତକ ବି ନଥାନ୍ତା । ତେବେ ଆଜିର କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରାଚୀନ ଓଡିଶାର ବୋଇତଯାତ୍ରା ସ୍ମୃତିରେ ସହିତ ଆମେ ସମ୍ରାଟ ଖାରବେଳଙ୍କୁ ମନେପକାଇବା ଉଚିତ୍ ଯାହାଙ୍କର ନୌସେନାର ସୁରକ୍ଷାରେ ଏବଂ ପୃଷ୍ଠପୋଷକତାରେ କଳିଙ୍ଗର ସାମୁଦ୍ରିକ ବିଶ୍ୱନୌବାଣିଜ୍ୟ ସୁପ୍ରତିଷ୍ଠିତ ଏବଂ ବିଶ୍ୱାପ୍ରସାରୀ ହୋଇପାରିଥିଲା । ଏଥି ସହିତ ଆମେ କଳିଙ୍ଗ ଯୁଦ୍ଧର ଲକ୍ଷ ସହୀଦମାନଙ୍କୁ ତଥା ଓଡିଶା ମାଟିର ସମସ୍ତ ସହିଦ ଏବଂ ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଳି ଦେବା ଉଚିତ । ଯେଉଁମାନଙ୍କ ପାଇଁ ଆଜି ଆମେ ଓଡିଶା ଏବଂ ଓଡିଆର ପରିଚୟ ନେଇ ବଞ୍ଚୁଛୁ ।

କଳିଙ୍ଗ ସମର ଲକ୍ଷ ସହିଦ୍ ଡାକ ଶୁଭୁଅଛି ଏଇ-
ସଂଗ୍ରାମ ଜାରୀ ! ସଂଗ୍ରାମ ଜାରୀ !! ସଂଗ୍ରାମ ସରିନାହିଁ !! (କଳିଙ୍ଗ ସଙ୍ଗୀତ)

ଓଡିଶାର ଶୁଭଚିନ୍ତକ କିଛି ଗବେଷକ ଏବଂ ଲେଖକ, ସମ୍ରାଟ ଖାରବେଳଙ୍କ ଜନ୍ମଦିବସ କାର୍ତ୍ତିକ ପୂର୍ଣ୍ଣିମା ବୋଲି ପ୍ରକାଶ କରିଛନ୍ତି । ଓଡିଶାର ଏହି ମହାନ ଐତିହାସିକ ଦିବସରେ ପବିତ୍ର 'କଳିଙ୍ଗ ଧ୍ୱଜା' ଉତ୍ତୋଳନ ପୂର୍ବକ ସମ୍ରାଟ ଖାରବେଳଙ୍କ ଜୟନ୍ତୀ ପାଳନ କରିବାର ଆବଶ୍ୟକତା ଏବଂ ଯଥାର୍ଥତା ରହିଛି । ତଦନୁଯାୟୀ ସୀମିତ କ୍ଷେତ୍ରରେ ଆମେ ଏଥିପାଇଁ ଉଦ୍ୟମ କରିଆସିଛୁ । ଏହା ରାଜ୍ୟ ସ୍ତରୀୟ ହେବାପାଇଁ ଆମର ବିନମ୍ର ନିବେଦନ ।

ଏଠାରେ ସୂଚନା ଯୋଗ୍ୟ ଯେ- କଳିଙ୍ଗ ଧ୍ୱଜା ଉପରୁ ଯଥାକ୍ରମେ ଲାଲ ହଳଦୀ ଓ ନୀଳ ରଙ୍ଗର ଆୟତକାର ପତାକା ମଧରେ ସ୍ୱସ୍ତିକ ଚିହ୍ନିତ । ସମ୍ରାଟ ଖାରବେଳଙ୍କ ହାତୀ ଗୁମ୍ଫା ଶିଳାଲେଖର ଆଦ୍ୟରେ ସ୍ୱସ୍ତିକ ଥିବାରୁ ନୀଳ, ହଳଦୀ ଏବଂ ଲାଲ ରଙ୍ଗମାନ ଯଥାକ୍ରମେ କଳିଙ୍ଗ ସାମ୍ରାଜ୍ୟର ଶାନ୍ତି, ମୈତ୍ରୀ ଏବଂ ଭାତୃତ୍ୱର ବା ମହାନତା, ବୌଦ୍ଧିକତା ଏବଂ ଶକ୍ତିର ରଙ୍ଗମାଳା । ଏହା ହେଉ ଓଡିଶାର ସାଂସ୍କୃତିକ ପତାକା !!

ଜୟ ଜଗନ୍ନାଥ ! ବନ୍ଦେ ଉତ୍କଳ ଜନନୀ !!

+ ସଭାପତି, କଳିଙ୍ଗ ବିକାଶ ପରିଷଦ
ମୋ-୯୪୩୯୭୩୩୬୫୬

## ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା - ୨୦୨୧

ଭଦ୍ରକ,୨୮।୧୧ (ନି.ପ୍ର): ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା - ୨୦୨୧ କାର୍ଯ୍ୟକ୍ରମ ଗତ ୧୬ ତାରିଖରୁ ଆରମ୍ଭ ହୋଇ ଆସନ୍ତା ଡିସେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରକ୍ରିୟା ମଧରେ ୨୮ ଓ ୨୯, ଡିସେମ୍ବର ୫ ଓ ୬ ତାରିଖ ୪ ଦିନ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବରେ ଗ୍ରହଣ କରାଯାଇଛି । ଉକ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ମୋଟ ୧୨୯୨ ଗୋଟି ବୁଥ୍‌ରେ ୧୨୯୨ ଜଣ ବୁଥ୍ ଲେବଲ ଅଫିସର ଏବଂ ୧୨୩ଜଣ ସୁପରଭାଇଜିଂ ଅଫିସରଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ନିଯୁକ୍ତ ଦିଆଯାଇଛି । ସ୍ୱତନ୍ତ୍ର ଅଭିଯାନ ଦିବସକୁ ଲୋକାଭିମୁଖୀ କରିବା ପାଇଁ ଜିଲ୍ଲାରେ ଥିବା ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ପଞ୍ଚାୟତ ସମିତି ଅଧିକାରୀ ତଥା ନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଦାୟିତ୍ୱ ଅର୍ପଣ କରାଯାଇଛି । ପୁନଶ୍ଚ ଜିଲ୍ଲା ନିର୍ବାଚନ ଅଧିକାରୀ, ଭଦ୍ରକଙ୍କ ତରଫରୁ ୭ଜଣ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଜିର ସ୍ୱତନ୍ତ୍ର ଅଭିଯାନ ଦିବସରେ ମୋଟ ୪୯୯୦ଟି ଫର୍ମ ଗ୍ରହଣ କରାଯାଇଛି । ସେଥି ମଧରୁ ଫର୍ମ ନଂ ୬ ହେଉଛି ୩୩୭୪ ଓ ଫର୍ମ ନଂ ୭ ଗ୍ରହଣ ହୋଇଛି ୯୬୫ଟି, ଫର୍ମ ନଂ ୮ ଗ୍ରହଣ ହୋଇଛି ୬୫୧ଟି ।

## ସିପିଏମ୍ ପକ୍ଷରୁ ଫେଡେରିଖ୍ ଏଙ୍ଗେଲସ୍‌ଙ୍କ ଜନ୍ମଦିନ ପାଳିତ

ଜଳେଶ୍ୱର,୨୮।୧୧ (ନି.ପ୍ର): ବାମପନ୍ଥି ଚିନତା ଚେତନାର ଅନ୍ୟତମ ନାୟକ ତଥା ବିପ୍ଲବୀ ଦାଶର୍ନିକ ଫେଡେରିଖ୍ ଏଙ୍ଗେଲସ୍‌ଙ୍କ ଦ୍ୱିଶତ ଜନ୍ମବାର୍ଷିକୀ ସିପିଆଇ(ଏମ୍) ଜଳେଶ୍ୱର ଆଂଚଳିକ କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି । ଏଙ୍ଗେଲସ୍ ତାଙ୍କ ବନ୍ଧୁ କାଲମାର୍କସଙ୍କ ସହିତ ମିଶି କମ୍ୟୁନିଷ୍ଟ ଇସ୍ତାହାର ରଚନା କରିବା ଫଳରେ ସମାଜର ଶୋଷିତ , ଲାଞ୍ଛିତ, ଅବହେଳିତ ମଣିଷର ମୁକ୍ତିପାଇଁ ପଥ ପ୍ରଦର୍ଶକ ହୋଇଛନ୍ତି । ମଣିଷ ସମାଜର ଇତିହାସ ମାର୍କ ଓ ଏଙ୍ଗେଲସ୍ ସମାଜକୁ ଦେଖାଇଛନ୍ତି । ଶ୍ରେଣୀ ସଂଗ୍ରାମର ଇତିହାସ ସୃଷ୍ଟି କରି ପୁଂଜିବାଦି ଶାସନ ବିରୁଦ୍ଧରେ ଶୋଷଣ ଅନ୍ତ ଘଟାଇବାର ପ୍ରଚେଷ୍ଟା କରିଛନ୍ତି ବୋଲି ଆଜିର ବୈଠକରେ ବକ୍ତାମାନେ କହିଛନ୍ତି । ଏଥିରେ ଦିଲ୍ଲିପ କୁମାର ଗିରୀ ସଭାପତିତ୍ୱ କରିଥିବା ବେଳେ ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଜୀବନ ପରିଡା ପ୍ରମୁଖ ବକ୍ତବ୍ୟରେ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ତିନୋଟି ସ୍ଥାନରେ ଟୀକା...

ସେହିପରି ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ ସୁବିଧା ପରିଦର୍ଶନ କରିବା ପରେ ପ୍ରଧାନମନ୍ତ୍ରୀ କହିଥିଲେ, "ହାଇଦ୍ରାବାଦରେ ଥିବା ଭାରତ ବାୟୋଟେକ ସୁବିଧା ସ୍ଥଳରେ ସେମାନଙ୍କର ସ୍ୱଦେଶୀ କୋଭିଡ-୧୯ ଟୀକା ବିଷୟରେ ଜାଣିବାକୁ ପାଇଲି । ବର୍ତ୍ତମାନ ସୁଦ୍ଧା ହୋଇଥିବା ପରୀକ୍ଷଣରେ ଅଗ୍ରଗତି ପାଇଁ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି । ସେମାନଙ୍କ ଟିମ୍ ଦ୍ରୁତ ପ୍ରଗତି ପାଇଁ ଆଇସିଏମଆର ସହିତ ମିଶି କାମ କରୁଛି ।" ସେରମ ଇନଷ୍ଟିଚ୍ୟୁଟ ଗସ୍ତ କରିବା ପରେ ପ୍ରଧାନମନ୍ତ୍ରୀ ଟୁଇଟ କରିଥିଲେ, "ସେରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ଟିମ ସହିତ ଭଲ ଆଲୋଚନା ହେଲା । ବର୍ତ୍ତମାନସୁଦ୍ଧା ହୋଇଥିବା ଅଗ୍ରଗତି ସମ୍ପର୍କରେ ସେମାନେ ବିସ୍ତୃତ ସୂଚନା ଦେବା ସହିତ ଟୀକା ଉତ୍ପାଦନକୁ କିଭଳି ଭାବେ ଆହୁରି ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ ସେମାନଙ୍କର ଯୋଜନାର ଅଗ୍ରଗତି ସମ୍ପର୍କରେ ସେମାନେ କହିଥିଲେ । ସେମାନଙ୍କର ଉତ୍ପାଦନ ସୁବିଧା ମଧ ବୁଲି ଦେଖିଲି" ।

### ପରୀ ମୃତ୍ୟୁର ତଦନ୍ତ...

ଏସମ୍ପର୍କରେ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ଚିଠି ଲେଖି ଜଣାଇଛନ୍ତି । ଏହାସହ ତଦନ୍ତର ତତ୍ୱାବଧାନ ଦାୟିତ୍ୱ ଜଣେ ସିଟିଂ ଜଜ୍ ଙ୍କୁ ଦେବା ଲାଗି ସ୍ୱତନ୍ତ୍ର ସଚିବ ଚିଠିରେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ ପରୀ ପ୍ରସଙ୍ଗକୁ ନେଇ ବିଧାନସଭାରେ ଅଚଳାବସ୍ଥା ଲାଗି ରହିଛି । ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଚାଲିଥିବା ସମୟରେ ପରୀ ମାମଲାର ତଦନ୍ତ ପାଇଁ କୋର୍ଟ ତତ୍ୱାବଧାନରେ ଏସଆଇଟି ଗଠନ ହେବ ଓ ଖୁବ ଶୀଘ୍ର ଏ ସଂକ୍ରାନ୍ତରେ ନୋଟିଫିକେସନ ପ୍ରକାଶ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ପ୍ରକାଶ କରିଥିଲେ । ଗତକାଲି ମୁଖ୍ୟମନ୍ତ୍ରୀ ଏସଆଇଟି ତଦନ୍ତ ସମ୍ପର୍କରେ ସୂଚନା ଦେଇଥିଲେ ।

### ଡିସେମ୍ବରରେ ୭୫...

ଅଫିସକୁ କେଉଁ କର୍ମଚାରୀ ଆସିବେ ତାହା ବିଭାଗୀୟ ମୁଖ୍ୟ ବା ସଚିବ ନିର୍ଦ୍ଧାରଣ କରିବେ । ତେବେ ଓସଡମା, ଏସଆରସି ଅଫିସ, ପୁଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା, ମ୍ୟୁନିସପାଲ ସେବା ଆଦି ଅଫିସର ଶତପ୍ରତିଶତ କର୍ମଚାରୀଙ୍କୁ ଆସିବାକୁ ପଡ଼ିବ । ଏସବୁ ବ୍ୟତୀତ ବିଧାନସଭା ଶୀତ ଅଧିବେଶନ ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀମାନେ ମଧ ନିୟମିତ ଅଫିସ୍ ଆସିବେ । ବିଜ୍ଞପ୍ତିରେ କୋଭିଡ-୧୯ ସଂକ୍ରମଣକୁ ରୋକିବା ପାଇଁ ୨୦୨୦ ଜୁନ୍ ୮ତାରିଖରେ ବିଭାଗ ପକ୍ଷରୁ ଜାରି ହୋଇଥିବା ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି । ସେହିପରି ଯଦି ଅଫିସରେ କୋଭିଡ୍ ସଂକ୍ରମଣ ମାମଲା ଚିହ୍ନଟ ହେଉଛି ତା'ହେଲେ ଜୁଲାଇ ୨୩ତାରିଖରେ ଜାରି ପ୍ରୋଟୋକଲକୁ ପାଳନ କରିବାକୁ କୁହାଯାଇଛି ।ଯେଉଁ କର୍ମଚାରୀ ଓ ଅଫିସରମାନଙ୍କୁ ଭିପିଏନ୍ ସୁବିଧା ଦିଆଯାଇଛି, ସେମାନେ ନିଜର ରୋଷ୍ଟର ଡ୍ୟୁଟି ନଥିବାବେଳେ ଘରେ ରହି କାମ କରିବେ । ଜରୁରୀ ପଡ଼ିଲେ ସେମାନେ ସ୍ୱଳ୍ପ ନୋଟିସ ଅବା ଟେଲିଫୋନ୍ ଖବର ପାଇ ଅଫିସ୍ ଆସିବାକୁ ବାଧ । ନିଜର ଅଧସ୍ତନ ଅଫିସ୍ ଓ କ୍ଷେତ୍ରୀୟ ଅଫିସଗୁଡ଼ିକ କିଭଳି ଚାଲିବ ତାହା ସେମାନଙ୍କର ପ୍ରଶାସନିକ ବିଭାଗ ସ୍ଥିର କରିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

### ଅନୁଧ୍ୟାନ କରିବେ...

ଏ ସଂପର୍କରେ ହୋହଲ୍ଲା ହେବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏ ସଂପର୍କରେ ଅନୁଧ୍ୟାନ କରିବେ ବୋଲି କହିଥିଲେ । ଏହି ଓଲାଗି ବେଶକୁ କାହିଁକି ନିଆଗଲା, କାହା ପ୍ରରୋଚନାରେ ନିଆଗଲା, ଏହାକୁ ନେବାର ଉଦ୍ଦେଶ୍ୟ କଣ, ଏହି ସେବାୟତଙ୍କ ଶ୍ରୀମନ୍ଦିର ପ୍ରଶାସନ ଉପରେ କି ପ୍ରଭାବ ରହିଛି ତାକୁ ନେଇ ସହରରେ ଆଲୋଚନା ହେଉଛି । ଏହି ଓଲାଗି ବେଶର କିଛି ଅଂଶକୁ ଆର୍ନ୍ତଜାତୀୟ ଧର୍ମ ସଂଗଠନକୁ ବିକ୍ରି କରାଗଲେ ଲକ୍ଷାଧିକ ଟଙ୍କା ମିଳିବ ବୋଲି ଶୁଣିବାକୁ ମିଳୁଛି । ଯଦି ଶ୍ରୀମନ୍ଦିରରୁ ନାଗା ବେଶର ଚନ୍ଦ୍ରସୂର୍ଯ୍ୟ ଉଭାନ ହେଇଯାଉଛନ୍ତି ତେବେ ରତ୍ନ ଭଣ୍ଡାରରେ ଥିବା ଅଳଙ୍କାର ସୁରକ୍ଷିତ ଅଛି ତ ବୋଲି ଭକ୍ତ ମହଲରେ ଚର୍ଚ୍ଚା ଜୋର୍ ଧରିଛି ।

## ହଟ୍ଟଗୋଳ ମଧ୍ୟରେ ପଂଚାୟତରାଜ ବିଭାଗର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ପାରିତ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ବିରୋଧି ଦଳର ପ୍ରବଳ ହଟ୍ଟଗୋଳ ମଧ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷର ପଂଚାୟତରାଜ ବିଭାଗ ପାଇଁ ଗୃହରେ ଆଗତ ହୋଇଥିବା ୨ ହଜାର ୪୬ କୋଟି ୧୧ ଲକ୍ଷ ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ବିଧିବଦ୍ଧ ଭାବେ ଆଲୋଚନା ହୋଇ ଗୃହୀତ ହେଲା ପରେ ଆଲୋଚନା ପରିସରଭୁକ୍ତ ହୋଇପାରିନଥିବା ଅନ୍ୟାନ୍ୟ ୩୮ଟି ସରକାରୀ ବିଭାଗ ଗୁଡ଼ିକର ଖର୍ଚ୍ଚଦାବୀ ଗିଲୋଟିନ ଦ୍ୱାରା ଅପରାହ୍ନ ୪ଟା ୩୦ରେ ଗୃହୀତ ହୋଇଥିଲା । ଅବକାରୀ, ଇସ୍ପାତ- ଖଣି, ସାଧାରଣ ଅଭିଯୋଗ, ଯୋଜନା ସଂଯୋଜନା ବିଭାଗ ପାଇଁ ପ୍ରଥମ ଅତିରିକ୍ତ ବଜେଟରେ ଅର୍ଥର ବ୍ୟବସ୍ଥା ନ ଥିଲା । ଏହି ଆଲୋଚନାରେ ମୁଖ୍ୟ ବିରୋଧି ବିଜେପି ଦଳ ଅଂଶ ଗ୍ରହଣ କରିନଥିଲା ବେଳେ କଂଗ୍ରେସ ଦଳର ସଦସ୍ୟ ମାନେ ଅଂଶ ଗ୍ରହଣ କରି ସେମାନଙ୍କର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ । ପରି ହତ୍ୟାକାଣ୍ଡ ଘଟଣାରେ କୃଷି ମନ୍ତ୍ରୀ ଅରୁଣ ସାହୁଙ୍କର ଇସ୍ତଫା ଏବଂ ସିବିଆଇ ତଦନ୍ତ ଦାବି ଉପରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିନଥିବା ହେତୁ ହଟ୍ଟଗୋଳ ଲାଗି ରହିଥିଲା । ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କର ଅନୁପସ୍ଥିତିରେ ତାଙ୍କ ପକ୍ଷରୁ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ଖର୍ଚ୍ଚ ଦାବି ଆଗତ କରିଥିଲେ । ଆଲୋଚନାର ଉତର ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ପରିପୂରଣ ନିମନ୍ତେ ୧ ହଜାର ୫୧୪ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ପ୍ରସ୍ତାବିତ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଓ ବିଜୁ ପକ୍କା ଘର ଯୋଜନା ପାଇଁ ଆର୍ଥିକ ବର୍ଷରେ ୬ ଲକ୍ଷ ୮୯ ହଜାର ୯୯୦ ପକ୍କା ଘର ନିର୍ମାଣ ନିମନ୍ତେ ୩ ହଜାର ୯୬୨ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଅଦ୍ୟାବଧି ୪ ହଜାର ୩୬୬.୩୫ କୋଟି ଟଙ୍କା (ସ୍ୱଚ୍ଛ ଭାରତ ମିଶନ ଓ ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ୫ ଶହ କୋଟି ଟଙ୍କା ପୁନର୍ବିନିଯୋଗ ସମେତ) ର ବ୍ୟୟ ବରାଦ କରାଯାଇଛି । ତନ୍ମଧ୍ୟରୁ ୨ ଲକ୍ଷ ୧୫ ହଜାର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ ପୂରଣ ପାଇଁ ଉପରୋକ୍ତ ୧୫୧୪ କୋଟି ଟଙ୍କା ପ୍ରସ୍ତାବିତ ହୋଇଛି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପାଇଁ ଦାଦନ ପ୍ରବଣ ଜିଲ୍ଲା ମାନଙ୍କରେ ଏହି ଆର୍ଥିକ ବର୍ଷରେ ଶ୍ରମ ଅଟକଳ ୧୪.୫୦ କୋଟି ଟଙ୍କାରୁ ୨୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାରୁ ୭୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ପ୍ରସ୍ତାବିତ ହୋଇଛି । ଜାତୀୟ ଗ୍ରାମୀଣ ଜିବୀକା ମିଶନ ଯୋଜନା ଅନ୍ତର୍ଗତ ଅତିରିକ୍ତ ଆବଶ୍ୟକତାକୁ ପରିପୂରଣ ନିମନ୍ତେ ୮.୯୧ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ବ୍ୟବସ୍ଥା କରାଯାଇଛି । ଆମ ଗାଁ ଆମ ବିକାଶ ଯୋଜନା ଅଧିନରେ ଟୋକନ ଭାବରେ ପ୍ରବର୍ତ୍ତିତ ହୋଇଛି । ଚଳିତ ଆର୍ଥିକ ବର୍ଷ ଅତିରିକ୍ତ ବଜେଟରେ ବଲାଙ୍ଗୀର ଓ ପୁରୀ ଜିଲ୍ଲାରୁ ପିଠା ଉପଯୋଜନା ଅନ୍ତର୍ଗତ ବ୍ୟୟ ହୋଇନଥିବା ଅର୍ଥରାଶୀ ପ୍ରତ୍ୟାର୍ପଣ ଦ୍ୱାରା ୧୮.୪୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

## ବାରିପଦାରେ ରାମ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ

### କେନ୍ଦ୍ରମନ୍ତ୍ରୀ ଓ ସାଂସଦଙ୍କ ଦ୍ୱାରା ହେଲା ଭୂମି ପୂଜନ ଓ ଶିଳାନ୍ୟାସ

ବାରିପଦା ଟାଉନ ,୨୮।୧୧ (ନି.ପ୍ର): ବାରିପଦା ଠାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ନିମନ୍ତେ ଆଜି ଭୁଗୁଡାକଟା ଠାରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି । ଦୀର୍ଘ ଦଶନ୍ଧି ପରେ ହିନ୍ଦୁଙ୍କ ଭାବାବେଗ ସହ ଜଡିତ ରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଚଳିତ ବର୍ଷ ଅଗଷ୍ଟ ୫ ତାରିଖରେ ଅଯୋଧାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଓଡ଼ିଶାରେ ପ୍ରଥମ କରି ବାରିପଦାରେ ଏହା ନିର୍ମାଣ ହେବାକୁ ଯାଉଛି । ଏଥିରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଅତିଥି ରୂପେ ଯୋଗ ଦେଇ ଶିଳାନ୍ୟାସ କରି ଦଳମତ ନିର୍ବିଶେଷରେ ମନ୍ଦିର ନିର୍ମାଣ ପାଇଁ ସମସ୍ତେ ଆଗେଇ ଆସିବା ଦରକାର, କାରଣ ଶ୍ରୀ ରାମ ହେଉଛନ୍ତି ଭାରତ ଭୂଖଣ୍ଡର ମର୍ଯ୍ୟାଦା ପରୁଷ ତାଙ୍କର ଅସ୍ତିତ୍ୱ ଭାରତୀୟ ସଂସ୍କୃତିରେ ଯୁଗେଯୁଗେ ପ୍ରତିଫଳିତ ହୋଇ ଆସିଛି ବୋଲି ନିଜନିଜର ବକ୍ତବ୍ୟରେ ଅତିଥି ମାନେ କହିଥିଲେ । ବାରିପଦା ସ୍ଥିତ ଭୁଗୁଡ଼ାକଟା ଟେମ୍ପୁଲ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନିମନ୍ତେ ନିଜସ୍ୱ ଭୂମି ଉପରେ ଶ୍ରୀ ରାମଚନ୍ଦ୍ରଙ୍କ ପତାକା ଉତ୍ତୋଳନ କରି ମନ୍ଦିର ନିର୍ମାଣ ପାଇଁ ସମସ୍ତେ ସଂକଳ୍ପବଧ ହୋଇଥିଲେ । ପ୍ରଥମେ ଦୁଇ ବିଜେପି ନେତା ବାରିପଦାରେ ପହଂଚିବା ପରେ ପାଲବଣି ନିକଟରେ ମୟୁରଭ ଜିଲ୍ଲା ବିଜେପି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦୁଇ ନେତାଙ୍କ ସହ ମୟୁରଭ ସାଂସଦ ଇଂ ବିଶ୍ୱେଶ୍ୱର ଟୁଡୁ ଓ ବାରିପଦା ବିଧାୟକ ପ୍ରକାଶ ସରେନ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ, ଜିଲ୍ଲା ବିଜେପିର ମୁଖପାତ୍ର କବିବିଷ୍ଣୁ



ଶତପଥୀ, ଟ୍ରଷ୍ଟର ସଭାପତି ସୁରେଶ ଚନ୍ଦ୍ର ଭୂଜବଳ,ସମ୍ପାଦକ ଲକ୍ଷ୍ମୀଧର ହାବଡା, ଟ୍ରଷ୍ଟର ପରାମର୍ଶଦାତା ବଟକୃଷ୍ଣ ସାମଲ ପ୍ରମୁଖ ବହୁ ବିଜେପି ନେତା ଯୋଗ ଦେଇଥିଲେ । ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପାଦନା କରାଯିବ ବୋଲି ଭୁଗୁଡାକଟା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ।

## ରାଜ୍ୟ ମୁଖ୍ୟଦପ୍ତର ଗ୍ରୁପ୍ ଡି କର୍ମଚାରୀ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ସଂଗଠନ ମଧରୁ କୋଭିଡ୍-୧୯ ମାଧମରେ କରାଯାଇଥିବା ୧୧ତମ ଦ୍ୱିବାର୍ଷିକୀ ସମ୍ମିଳନୀର ମଞ୍ଜୁରପ୍ରାପ୍ତ କର୍ମକର୍ତ୍ତାଙ୍କୁ ନେଇ ତା ୨୬.୧୧.୨୦୨୦ରିଖ ସଂଘ କାର୍ଯ୍ୟାଳୟରେ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ମୁଖ୍ୟ ଉପଦେଷ୍ଟା ତଥା ବିଧାୟକ ଭୁବନେଶ୍ୱର (ମଧ) ଯୋଗଦାନ କରିଥିଲେ । ସଂଘର ସଭାପତି ଶ୍ରୀ ଗଙ୍ଗାଧର ସ୍ୱାଇଁ ବୈଠକ ଆହ୍ୱାନ ସମ୍ପର୍କରେ ସୂଚନା ସହିତ ସରକାରଙ୍କ ନିକଟରେ ଦାବି ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବାକିଥିବା ଦରମା ଅସଂଗତି, ସର୍ବନିମ୍ନ ଦରମା ୧୮୦୦୦ ଟଙ୍କା ପ୍ରଦାନ, ଅବସର ବୟସ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି, ପୂର୍ତ ବିଭାଗରେ ୱାର୍କଚାର୍ଜ ଭାବେ କାର୍ଯ୍ୟ କରୁଥିବା ସମସ୍ତ ବର୍ଗର କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ସହିତ ପେନ୍‌ସନ୍ ଲାଗୁ କରାଯିବା, ଗ୍ରୁପ୍ 'ଡି' ବର୍ଗରେ ୬ ବର୍ଷ ଚାକିରୀ ପୂରଣ କରିଥିବା କର୍ମଚାରୀଙ୍କୁ ସ୍ଥାୟୀତ୍ୱ ପ୍ରଦାନ ନିମନ୍ତେ ମାନ୍ୟବର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସଂଘର ସ୍ମାରକପତ୍ର ଜରିଆରେ ସରକାରଙ୍କ ସହ ଯୋଗାଯୋଗ କରି ସମାଧାନ କରାଯିବ ବୋଲି ବିଧାୟକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ କହିଥିଲେ । ସଂଘର କର୍ମକର୍ତ୍ତାଙ୍କୁ ଆଉ ଦୁଇବର୍ଷ ନିମନ୍ତେ ସ୍ୱରାଷ୍ଟ୍ର ବିଭାଗ ତରଫରୁ ମଞ୍ଜୁର ପ୍ରଦାନ କରାଯାଇଥିବାରୁ ବିଧାୟକଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଥିଲା ବୋଲି ସଂଘର ସାଧାରଣ ସମ୍ପାଦକ ଶ୍ରୀ ଶ୍ୟାମସୁନ୍ଦର ଦାସ, ସଂଘର ସଭାପତି ଶ୍ରୀ ଗଙ୍ଗାଧର ସ୍ୱାଇଁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ପରୀ ହତ୍ୟାକାଣ୍ଡ ମାମଲାରେ ବିଧାନସଭାରେ ଲଗାତାର ଚତୁର୍ଥ ଦିନ ପାଇଁ ଅଚଳାବସ୍ଥା ଜାରି

### କୋର୍ଟ ତତ୍ୱାବଧାନରେ ଗଠନ ହେବ ଏସଆଇଟି :ସଂସଦୀୟ ବ୍ୟାପାର ମନ୍ତ୍ରୀ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ନାବାଳିକା ପରୀ ହତ୍ୟାକାଣ୍ଡ ଘଟଣାରେ ପରୋକ୍ଷ ସଂପୃକ୍ତି ଥିବା କୃଷି ମନ୍ତ୍ରୀ ଅରୁଣ ସାହୁଙ୍କର ଇସ୍ତଫା ଦାବି କରି ବିଧାନସଭାରେ ଲଗାତାର ଚତୁର୍ଥ ଦିନ ପାଇଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଏହାକୁ ଏଡାଇବା ପାଇଁ ବାଚସ୍ପତି ହଟ୍ଟଗୋଳକାରୀ ବିଧାୟକ ମାନଙ୍କୁ ବାରମ୍ବାର ନିବେଦନ କରି ବିଫଳ ହେବା ପରେ ଗୃହକୁ ୧୦.୫୨ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ରଖିଥିଲେ । ଅନ୍ୟ ପକ୍ଷରେ ହଟ୍ଟଗୋଳ ଚାଲିଥିବା ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ଘଟଣା ଉପରେ ଏସଆଇଟି ଦ୍ୱାରା ତଦନ୍ତ ନେଇ ଘୋଷଣା ଉପରେ ସ୍ପଷ୍ଟିକରଣ ଦେଇଥିଲେ । ସେ କହିଥିଲେ ଯେ କୋର୍ଟ ତତ୍ୱାବଧାନରେ ଏହି ଏସଆଇଟି ଗଠନ ହେବ ଓ ଖୁବ ଶୀଘ୍ର ଏ ସଂକ୍ରାନ୍ତରେ ନୋଟିଫିକେସନ ପ୍ରକାଶ ହେବ ବୋଲି ସେ ଗୃହକୁ ଜଣାଇଥିଲେ । ଏଥିରେ ମୁଖ୍ୟ ବିରୋଧୀ ବିଜେପି ଦଳ ସନ୍ତୁଷ୍ଟ ହୋଇ ନ ଥିଲା । ବିଜେପି ବିଧାୟକ ମାନେ ମନ୍ତ୍ରୀଙ୍କୁ ବହିଷ୍କାର ଓ ମାମଲାର ସିବିଆଇ ତଦନ୍ତ ଦାବିରେ ଅଟଳ ରହିଥିଲେ । ଅପର ପକ୍ଷରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଥିଲେ ଯେ ଗତ କାଲି ମୁଖ୍ୟମନ୍ତ୍ରୀ ବିରୋଧୀ ଦଳର ଦାବି ଉପରେ ଯେଉଁ ମନ୍ତବ୍ୟ ରଖିଛନ୍ତି ତାହା ସ୍ପଷ୍ଟ ହୋଇ ପାରି ନାହିଁ । କଂଗ୍ରେସ ଏହି ମାମଲାରେ କୋର୍ଟଙ୍କ ତତ୍ୱାବଧାନରେ ଏସଆଇଟି ଗଠନ କରିବା ସହ ମନ୍ତ୍ରୀ ଶ୍ରୀ ସାହୁଙ୍କର ଇସ୍ତଫା ଦାବି କରିଥିଲେ । ତା ଉପରେ ମୁଖ୍ୟମନ୍ତ୍ରୀ କିଛି କହି ନାହାନ୍ତି । ବାଚସ୍ପତି ଯେଉଁ ଚାରୋଟି ନିର୍ଦ୍ଦିଷ୍ଟ ପଏଂଟ ଉପରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଗୃହ ରାଷ୍ଟ୍ର ମନ୍ତ୍ରୀ ତାଙ୍କର ବିବୃତିରେ କିଛି କହିଲେ ନାହିଁ । ମୁଖ୍ୟମନ୍ତ୍ରୀ ଆମର ଦାବିକୁ ପ୍ରାୟତଃ ଗ୍ରହଣ କରିଛନ୍ତି । ଗୃହକାର୍ଯ୍ୟ ଚାଲୁ । ରାଜ୍ୟର ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ ଆଲୋଚନା ସମ୍ପର୍କରେ ଆଲୋଚନା କରା ଯାଉ । ମୁଖ୍ୟ ବିରୋଧୀ ବିଜେପି ଦଳ ମନ୍ତ୍ରୀ ଇସ୍ତଫା ନ ଦେବା ଯାଏ ଗୃହ ଚାଲି ପାରିବ ନାହିଁ ବୋଲି ତାଙ୍କ ଦାବିରେ ଅଟଳ ରହିଛନ୍ତି ଯଦି ଏପରି ହୁଏ ତେବେ ଗୃହ କାର୍ଯ୍ୟ ଚାଲି ପାରିବ ନାହିଁ ଓ କୌଣସି ଗୁରୁତ୍ୱପୂର୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇ ପାରିବ ନାହିଁ । ଏପରିକି ଆସନ୍ତା କାଲି ହେବାକୁ ଥିବା ବ୍ୟୟମଂଜୁରୀ ବିଲ ପାରିତ ହୋଇ ପାରିବ ନାହିଁ। ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିକୁ ରଖି ଗୋଟିଏ ବିଷୟରେ ଅଡି ରହିବା ଠିକ ହେବ ନାହିଁ । କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କର ବିବୃତି ଆଜି ସମସ୍ତ ଖବର କାଗଜରେ ପ୍ରକାଶ ପାଇଛି । ଆବଶ୍ୟକ ହେଲେ ଏସଆଇଟି ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଯାହାକି ଆମର ଦାବିକୁ ପୂରା ମାତ୍ରାରେ ଗ୍ରହଣ କରା ଯାଇ ନାହିଁ । ସ୍ଥାନୀୟ ସରପଂଚ କହିଛନ୍ତି ଯେ ତାଙ୍କର କିମ୍ବା ତାଙ୍କ ପରିବାରର କିଛି କ୍ଷତି ହୁଏ ତେବେ ମନ୍ତ୍ରୀ ଦାୟୀ ରହିବେ । ଏହା ଏକ ଗୁରୁତର ଘଟଣା । ଏହାର ଗୁରୁତ୍ୱ ସରକାର ବୁଝିବା ଦରକାର । ସେ କହିଛନ୍ତି ଯେ ବିଜେଡି ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ପରୀ ହତ୍ୟାକାଣ୍ଡକୁ ଏକ ଛୋଟ ଘଟଣା ବୋଲି କହିବା ଦୁର୍ଭାଗ୍ୟଜନକ । ଗତକାଲି ତିନି ଜଣ ଚାଷୀ ନ୍ୟାୟ ନ ପାଇବାରୁ ହତାଶ ହୋଇ ବିଧାନସଭା ସମ୍ମୁଖରେ ଆସି କିରାସିନି ଢାଳି ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ । ସରକାର ଆଉ କେତେ ଲୋକଙ୍କୁ ଏଭଳି ଭାବେ ମାରିବେ ବୋଲି ସେ ପ୍ରଶ୍ନ କରିଥିଲେ । ବିଜେଡି ବିଧାୟକ ପ୍ରତାପ ଦେବ କହିଥିଲେ ଯେ ବିରୋଧୀ ଦଳର ବିଶୃଙ୍ଖଳିତ କାର୍ଯ୍ୟକୁ ସମାଲୋଚନା କରିଥିଲେ । ୬-୭ ଦିନ ହେଲା ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ କରା ଯାଉଛି ଓ ଗୃହର ମୂଲ୍ୟବାନ ସମୟକୁ ନଷ୍ଟ କରା ଯାଉଛି । ଗୃହର କାର୍ଯ୍ୟକ୍ରମକୁ ବନ୍ଦକରି ଦିଆ ଯାଇଛି । ଗୃହକୁ ନ ଚଳାଇ ଦେବାକୁ ଏକ ପ୍ରକାର ଚକ୍ରାନ୍ତ କରାଯାଉଛି ବୋଲି ସେ କହିଥିଲେ । ବିରୋଧୀ ବିଜେପି ବିଧାୟକଙ୍କ ହଟ୍ଟଗୋଳ ଜାରୀ ରହିଥିବା କାରଣରୁ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଜଳେଶ୍ୱର ସହରର ବିକାଶଲାଗି ବିଜେପିର କାର୍ଯ୍ୟଖସଡା ପ୍ରସ୍ତୁତ

ଜଳେଶ୍ୱର, ୨୮/୧୧ (ନିପ୍ର) : ଦୀର୍ଘଦିନର ନୀରବତାପରେ ଜଳେଶ୍ୱର ପୌରନିର୍ବାଚନ ଘନେଇ ଆସୁଥିବାର ସୂଚନା ମିଳିଥିବାରୁ ବିଜେପି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ହୋଇଥିବା କର୍ମୀ ସମ୍ମିଳନୀରେ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ ଅଧ୍ୟକ୍ଷତା କରି ମ୍ୟୁନିସିପାଲଟିର ୧୭ଟି ୱାର୍ଡବାସୀ ବହୁ ଅସୁବିଧା ସମ୍ମୁଖୀନ ହେବା, ଯୋଗ୍ୟବ୍ୟକ୍ତି ସରକାରୀ ଯୋଜନାର ସୁବିଧା ନ ପାଇବା ଏବଂ ସାମଗ୍ରୀକଭାବେ ଲୋକଙ୍କ ସମସ୍ୟାର ସମାଧାନ କରିବା ଭଳି କାର୍ଯ୍ୟକ୍ରମ କର୍ମୀମାନଙ୍କୁ ସୂଚନା ଦେଇଥିଲେ ।

ଜଳେଶ୍ୱରରେ ଅଦ୍ୟାବଧି ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀଙ୍କ ଦୂରାବସ୍ଥ ଓ ବସ୍‌ଗୁଡିକ ଏଣେତେଣ ଛିଡା ହେଉଥିବାରୁ ଦୁର୍ଘଟଣା ବୃଦ୍ଧି ପାଇବାଭଳି ସମସ୍ୟା ଦୂର ପାଇଁ ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ ଲାଗି ସିଦ୍ଧାନ୍ତ ନିଆଯାଇଛି । ଏବେ ସଫେଇ ଚାଲିଥିବା କତିପୟ ୱାର୍ଡ ବ୍ୟତିତ ସମସ୍ତଦ ୱାର୍ଡରେ ସଫେଇ କାର୍ଯ୍ୟ ଲାଗୁ କରିବା, ଷ୍ଟ୍ରିଟଲାଇଟ୍ ଲାଗାଇବା, ସମସ୍ତଙ୍କ ସୁବିଧା ଲାଗି ଟାଉନ୍‌ହଲ ପ୍ରତିଷ୍ଠା କରିବା, ବଡବଜାର ବାରମୁହଁପୋଲ ଉପରେ ଲାଇଟ୍‌ର ବ୍ୟବସ୍ଥା ହେବା, ଜିକେଭଞ୍ଜର ହସ୍‌ପିଟାଲରେ ସମସ୍ତ ସ୍ପେଷାଲିଷ୍ଟ ଡାକ୍ତର ନିଯୁକ୍ତି କରିବା, ଜଳନିଷ୍କାସନ ଓ ଧାନର ଅଭାବିବିକ୍ରୀ ନ ହେବା ଲାଗି ସବିଶେଷ ଆଲୋଚନା ହୋଇଥିଲା । ଏହି ସଭାରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗ ଦେଇ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହେବା ସହିତ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ଅବଗତ କରାଯିବାର ସ୍ଥିର ହୋଇଛି । ଏହା ବ୍ୟତିତ ବିଜେପିର ଏକ ଟିମ୍ ସାଂସଦ ଶ୍ରୀ ଷଡଙ୍ଗୀଙ୍କ ସହିତ ରାଜ୍ୟ ପ୍ରଶାସନ ଉପରେ ଚାପ ସୃଷ୍ଟିକରିବା ପାଇଁ କର୍ମୀମାନଙ୍କ ଦାବୀକୁ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଲମ୍ବୋଦର ନାୟକ, ପର୍ଶୁରାମ ପରିଡା, ଚନ୍ଦ୍ରବିନ୍ଦୁ ଦାସ, ସୁବ୍ରତ ଘୋଷ, ଫାଲ୍‌ଗୁନୀ ପାଣିଗ୍ରାହୀ, ରବିନ୍ଦ୍ର ପାତ୍ର, ମନୋଜ ସାସମଲ, ତପନ ବିଶ୍ୱାଳ, ପ୍ରତାପ ସେନାପତି, ବନମାଳୀ ଧଳ , ସିଦ୍ଧେଶ୍ୱର ପଣ୍ଡା, ଅନନ୍ତ ଦାସ, କୁଂଜ ବିହାରି ଦେ, ଅଂଜନ ଦାସ ପ୍ରମୁଖ ଉପସ୍ଥିତ ରହି କର୍ମୀମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏପରି ଦାବି ସଂପର୍କରେ ସେମାନେ ଆବଶ୍ୟକହେଲେ ଆନ୍ଦୋଳନ୍‌କ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି ।

ରବିବାର,୨୯ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# କୋଭିଡ୍-୧୯ ନିଯୁକ୍ତ ଏଏନ୍ଏମ୍ମାନଙ୍କୁ ସ୍ଥାୟୀ କରାଯାଉ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ତରଫରୁ ଏକ ବିଶାଳ ରାଲି ରାମ ମନ୍ଦିର ଠାରୁ ବାହାରି ଲୋୟର ପିଏମ୍‌ଜି ଠାରେ ସମବେତ ହୋଇ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଗତ ମାର୍ଚ୍ଚ ମାସଠାରୁ ବିଭିନ୍ନ ସମୟରେ ଦୁଇଟି ପର୍ଯ୍ୟାୟରେ ଏ.ଏନ୍.ଏମ୍‌ମାନଙ୍କୁ ନୂତନ ଭାବେ କୋଭିଡ଼ କେୟାର ହୋମ୍ ଏବଂ କୋଭିଡ଼ କେୟାର ସେଂଟର କରି ଅସ୍ଥାୟୀ ନିଯୁକ୍ତି ପ୍ରଦାନ କରିଥିଲେ। ଯେତେବେଳେ ଭାରତବର୍ଷର ଲୋକେ କରୋନା ଭୟରେ ନିଜକୁ ଗୃହବନ୍ଦୀ କରି ରହୁଥିଲେ, ସେତେବେଳେ ଲୋକମାନଙ୍କୁ ଆଶୁ ଚିକିତ୍ସା ଯୋଗାଇ ଦେବା ପାଇଁ ଘର ଘର ବୁଲି ନମୁନା ସଂଗ୍ରହ, ଟ୍ରାକିଙ୍ଗ ସଚେତନତା ଠାରୁ ଆରମ୍ଭ କରି ବିଦେଶ ଫେରନ୍ତା ଲୋକମାନଙ୍କୁ ବିଭିନ୍ନ ପଂଚାୟତସ୍ତରୀୟ ସିସିଏଚ୍ ଗୁଡ଼ିକରେ ନିଜ ଜୀବନକୁ ବାଜି ଲଗାଇ ସେମାନଙ୍କୁ ସେବା ଯୋଗାଇ ଆସୁଥିଲେ। ତେଣୁ ସମସ୍ତ ସିସିଏଚ୍ ଗୁଡ଼ିକରୁ ଠିକା ଚାକିରୀରୁ ବାହାର କରିଥିବା ଏ.ଏନ୍.ଏମ୍ ମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ସିସିଏଚ୍ ଏବଂ ସିସିସି ବିଭକ୍ତ ନକରି ସମସ୍ତ କୋଭିଡ଼-୧୯ରେ ନିଯୁକ୍ତ ସମସ୍ତ ଏ.ଏନ୍.ଏମ୍‌ମାନଙ୍କୁ ତୁରନ୍ତ ସ୍ଥାୟୀ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦିଆଯାଉ। ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ଼ ଏବଂ ଏନ୍‌ଏଚ୍‌ଏମ୍ ଗାଇଡ଼ ଲାଇନ ଅନୁଯାୟୀ ସମସ୍ତ ଗ୍ରାମ ପଂଚାୟତ ଏବଂ ନଗର ପାଳିକା ଅଂଚଳରେ ପ୍ରତି ୩୦୦୦ରୁ ୫୦୦୦ ଜନସଂଖ୍ୟ ସାନ୍ଧ୍ରତାରେ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରନ୍ତୁ। ବିଭିନ୍ନ ସିଏଚ୍‌ସି, ପିଏଚ୍‌ସି. ସବ୍‌ସେ ର, ସବଡ଼ିଷ୍ଟ୍ରିକ୍ଟ ସେ ର ଏବଂ ଜିଲ୍ଲା ମୁଖ୍ୟାଳୟ ଗୁଡ଼ିକ ଖାଲି ପଡ଼ିଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ କରନ୍ତୁ। ଉନ୍ନତ ସ୍ୱାସ୍ଥ୍ୟସେବା ଗ୍ରାମାଂଚଳ ଏବଂ ଆଦିବାସୀ ଅଂଚଳ ଗୁଡ଼ିକରେ ପହଂଚାଇବା ପାଇଁ ଆବଶ୍ୟକସ୍ଥଳେ ନୂତନ ଡ଼ାକ୍ତରଖାନା ନିର୍ମାଣ କରି ସମସ୍ତ ଏ.ଏନ୍.ଏମ୍.ମାନଙ୍କୁ ନିଯୁକ୍ତ ପ୍ରଦାନ କରନ୍ତୁ।

## ଭୁବନେଶ୍ୱରରେ୨୪ ଘଂଟାରେ ୪୩ ପଜିଟିଭ୍ , ୪୬ ସୁସ୍ଥ

ଭୁବନେଶ୍ୱର,୨୮।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଶନିବାର ଦିନ ଆଉ ୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୯ ଜଣ ସଂଗରୋଧ ଓ ୩୪ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୪୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୩ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୬୯୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୯୭୫ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୪୭୭ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୧୮ ଜଣଙ୍କର ମୃତ୍ୟୁ ହୋଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ୪ ଜଣ, ଆଇଗିଣିଆ , ମଂଚେଶ୍ୱର ଓ ସୁନ୍ଦରପଦାରୁ ୩ ଜଣ ଲେଖାଏଁ, କଳିଙ୍ଗନଗର, ବଡଗଡ, ବରମୁଣ୍ଡା, ଜୟଦେବ ବିହାର, ଝାରପଡା, ଲକ୍ଷ୍ମୀସାଗର ଓ ନୟାପଲ୍ଲୀରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

## ଶ୍ରୀଜୀଉଙ୍କ ତ୍ରିବିକ୍ରମ ବେଶ

ପୁରୀ,୨୮।୧୧ (ନି.ପ୍ର): ଧର୍ମ ମାସ ପବିତ୍ର କାର୍ତ୍ତିକ ମାସ ପଚ୍ଚୁଂକର ଚତୁର୍ଥ ଦିବସରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେଉଛି । ଅବକାଶ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ କରାଯାଇଛି । ଏହି ବେଶରେ ମହାପ୍ରଭୁ ଚୂଳ ଧାରଣ କରଥାନ୍ତି । ତେବେ ପ୍ରଶାସନିକ କଟକଣା ପାଇଁ ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ଏହି ବେଶ ଦର୍ଶନରୁ ବଂଚିତ ରହିଛନ୍ତି । ସେବାୟତ ମାନେ ଅନ୍ୟାନ୍ୟ ନୀତିକାନ୍ତି ଜାରୀ ରଖିଛନ୍ତି । ସେହିପରି ଆସନ୍ତାକାଲି ଲକ୍ଷ୍ମୀନୃସିଂହ ବେଶ। ୩୦ ତାରିଖ ପୂର୍ଣ୍ଣମୀ ଦିନ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ । କେବଳ ସେବାୟତ ମାନେ କରୋନା କଟକଣାକୁ ଅନୁପାଳନ କରି ସେବା ପୂଜା ଓ ଅନ୍ୟାନ୍ୟ ନୀତିକାନ୍ତି ସମାପନ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ, ପଚ୍ଚୁଂକର ପ୍ରଥମ ଦିନ ଅର୍ଥାତ୍ ବଡ଼ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ, ଦ୍ୱିତୀୟ ଦିବସରେ ବାଙ୍କଚୂଡ଼ ବେଶ ଏବଂ ତୃତୀୟ ଦିବସରେ ନାଗାର୍ଜ୍ଜୁନ ବେଶ ଅନୁଷ୍ଠିତ ହୋଇଥିଲା ।

## ଦୁର୍ଘଟଣା ପରେ ଜଳିଗଲା କଂଟେନର

ଭଦ୍ରକ,୨୮।୧୧ (ନି.ପ୍ର): ଏକ ବୋଲେରୋକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହେବା ପରେ ରାସ୍ତା ଉପରେ ଜଳିଗଲା କଂଟେନର । ଗତକାଲି ବିଳମ୍ବିତ ରାତିରେ ଭଦ୍ରକ ଜିଲ୍ଲା ଏନଏଚ ୧୬ ନଂ ଡାହାଣିଗଡ଼ିଆ ଛକରେ ଘଟିଯାଇଛି ଏଭଳି ଏକ ଦୁର୍ଘଟଣା । ଏକ ବୋଲେରୋକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହେବା ପରେ ରାସ୍ତା ଉପରେ କଂଟେନରଟି ଜଳିଯାଇଛି । ଘଟଣାରେ ୩ ରୁ ୪ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲା । କଂଟେନରଟି ମୁମ୍ବାଇରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି।

# ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀଙ୍କ ପ୍ରେସମିଟ୍

## ବାରିପଦାର ବିକାଶ ପାଇଁ ସରକାର ଦେଇଥିବା ପ୍ରତିଶୃତି ପାଳନ କରିବା ଦରକାର




ବାରିପଦା ,୨୮।୧୧ (ନି.ପ୍ର): ଆଜି ଭୁବନେଶ୍ୱର ସାଂସଦ ତଥା ବିଜେପି ରଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ବାରିପଦା ହୋଟେଲ ଅମ୍ବିକା ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡିଶା ସରକାର ବାରିପଦାର ବିକାଶ ପାଇଁ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ପାଳନ ନକରି ଜିଲ୍ଲା ବାସୀଙ୍କ ସହିତ ଧକ୍କା କରୁଛନ୍ତି ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ଗତ ଜାନୁୟାରୀ ୮ ତାରିଖରେ ବାରିପଦା ଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ୫କୋଟି ଟଙ୍କାର ସହାୟତା ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି କୌଣଷି କାର୍ଯ୍ୟ ଆରମ୍ଭ ନହେବା, ଜମ୍ବୀରା ଡେମରୁ ଅଦ୍ୟାବଧି ବାରିପଦା ବାସୀଙ୍କୁ ପାନୀୟ ଜଳ ନମିଳିବା, ବାଘଡା ରୋଡ, ଷ୍ଟେସନ ବଜାର ଫ୍ଲାଇ ଅଭର କାର୍ଯ୍ୟ ନହେବା, ବାରିପଦାର ପି.ଆର.ଏମ. ମେଡିକାଲ କଲେଜରେ ବିଭିନ୍ନ ଅବ୍ୟବସ୍ଥା ସହିତ ଆବଶ୍ୟକୀୟ ଡାକ୍ତର ଓ ଯନ୍ତ୍ରପାତି ନଥିବା, ମୟୂରଭ ଆୟୁର୍ବେଦିକ ଓ ହୋମୋଓପାଥି କଲେଜକୁ ସରକାରୀ ମାନ୍ୟତା ନମିଳିବାରୁ ଦୀର୍ଘବର୍ଷ ଧରି ବନ୍ଦହୋଇ ରହିବା, ବସୁନ୍ଧରା ଯୋଜନାରେ ଭୂମିହୀନ ଲୋକେ ଅଦ୍ୟାବଧି ପଟ୍ଟା ପାଇନଥିବା, ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବୁଢାବଳଙ୍ଗ ନଦୀରେ ପ୍ରସ୍ତାବିତ ଆଡିବନ୍ଧ ନିର୍ମାଣ ନହେବା, ବାରିପଦା ଠାରେ ଛଉ ଗବେଷଣା କେନ୍ଦ୍ର ଖୋଲା ନହେବା, ଜିଲ୍ଲାର ରାଇରଙ୍ଗପୁର ସବଡିଭିଜନରେ ସ୍ୱତନ୍ତ୍ର ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତି ହୋଇ ନଥିବା, ଜିଲ୍ଲାରେ ପଥର ଶିଳ୍ପ, ସବାଇ ଶିଳ୍ପ, ପର୍ଯ୍ୟଟନ ଆଦି ଶିଳ୍ପର ବିକାଶ ପାଇଁ ଯଥେଷ୍ଟ ସାଧନ ଥାଇ ମଧ୍ୟ ଶିଳ୍ପ ପ୍ରତିଷ୍ଠା ନହେବାରୁ ଜିଲ୍ଲାରେ ବେକାରୀ ସମସ୍ୟା ବୃଦ୍ଧିପାଉଥିବା ଭଳି ଜିଲ୍ଲା ବାସୀଙ୍କ ସମସ୍ୟା ଗୁଡିକୁ ରାଜ୍ୟ ସରକାର ତୁରନ୍ତ ନିଜ ପ୍ରତିଶୃତି ରକ୍ଷାକରି ପୂରଣ କରିବା ଦରକାର ବୋଲି ଦାବୀ କରିଥିଲେ। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ସାଂସଦ ଅପରାଜିତା ଷଡଙ୍ଗୀ ଦଳୀୟ କର୍ମକର୍ତ୍ତା ଏବଂ ବୁଦ୍ଧିଜିବୀ ସମ୍ମିଳନୀରେ ଯୋଗଦେଇ ଜିଲ୍ଲାରେ ରହିଥିବା ସମସ୍ୟା ଗୁଡିକ ବିଷୟରେ ଆଲୋଚନା ମଧ୍ୟ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୟୂରଭ ସାଂସଦ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ମୁଖପାତ୍ର ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ, ଜିଲ୍ଲା ମୁଖପାତ୍ର କବି ବିଷ୍ଣୁ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

# ସିବିଆଇ ଚଢାଉ ବେଳେ ହୃଦଘାତରେ ଚାଲିଗଲେ ଖଣି ଦୁର୍ନୀତି ଅଭିଯୁକ୍ତ

କୋଲକାତା,୨୮।୧୧ (ନି.ପ୍ର): ଶନିବାର ଦିନ ପର୍ଶ୍ଚିମବଙ୍ଗର ଆସାନସୋଲ୍ ରେ ସିବିଆଇ ଚଢ଼ାଉ ସମୟରେ କୋଇଲା ଖଣି ଦୁର୍ନୀତିରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଧନଞ୍ଜୟ ରାୟଙ୍କର ହୃଦ୍ ଘାତ ରେ ମୃତ୍ୟୁ ଘଟିଛି। କୋଇଲା ଖଣି ଦୁର୍ନୀତିରେ ଅଭିଯୁକ୍ତ ଧନଂଜୟ 'ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡ଼ସ୍ ଲିମିଟେଡ୍ ର କୁନୁଷ୍ଟୋରିଆ କୋଇଲା କ୍ଷେତ୍ର ଅଂଚଳର ଏରିଆ ସିକ୍ୟୁରିଟି ଇନ୍‌ସ୍‌ପେକ୍ଟର୍ ଭାବେ ନିଯୁକ୍ତ ଥିଲେ। ଚଢ଼ାଉ ପାଇଁ ସିବିଆଇର ଅଧିକାରୀମାନେ ତାଙ୍କ ବାସଭବନରେ ପହଂଚିଲା ବେଳେ ହଠାତ୍ ସେ ଛାତିରେ ଯନ୍ତ୍ରଣା ହେଉଛି ବୋଲି କହିଲେ। ଅବିଳମ୍ବେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କ ମୃତ ଘୋଷଣା କରାଯାଇଥିଲା। ହୃଦ୍‌ଘାତ ଯୋଗୁଁ ସେ ମରିଥିବା କଥା ଡାକ୍ତର କହିଛନ୍ତି।

ବେଆଇନ ଖଣି ଖନନ ଏବଂ କୁନୁଷ୍ଟୋରିଆ ଏବଂ କାଜୋରିଆ କୋଇଲା କ୍ଷେତ୍ରରୁ କୋଇଲା ଚୋରି ଘଟଣାରେ ଶନିବାର ଦିନ ସିବିଆଇ ପର୍ଶ୍ଚିମବଙ୍ଗ, ଉତର ପ୍ରଦେଶ, ଝାଡ଼ଖଣ୍ଡ ଏବଂ ବିହାର ଆଦି ୪ଟି ରାଜ୍ୟର ୪୫ଟି ସ୍ଥାନରେ ଚଢ଼ାଉ କରିଛି। ପର୍ଶ୍ଚିମବଙ୍ଗର ଅନୁପ ମାଝୀ ଓରଫ୍ ଲାଲା ଏହି ଦୁର୍ନୀତିର କିଙ୍ଗପିନ୍ ବୋଲି କୁହାଯାଉଛି। ଆସାନସୋଲେ ରହୁଥିବା ଅନୁପ ଏବଂ ତାଙ୍କ ସହଯୋଗୀମାନଙ୍କ ଘର ଓ କାର୍ଯ୍ୟାଳୟ ଚଢ଼ାଉ ହୋଇଛି ।ତାର ଆସାନସୋଲ୍, ଦୁର୍ଗାପୁର ଏବଂ ବର୍ଦ୍ଧମାନ ଜିଲ୍ଲାର ରାଣୀଗଞ୍ଜ ସହ କୋଲକତା ପାଖ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବିଷ୍ଣୁପୁର ଘରେ ମଧ ସିବିଆଇ ଚଢ଼ାଉ କରିଛି।

# ସାମ୍ପ୍ରତିକ ସ୍ଥିତିରେ ଚାଷୀ ବିରୋଧି ବିଲ ପ୍ରତ୍ୟାହାର ହେଉ : ସିପିଏମ୍

ଜଳେଶ୍ୱର,୨୮।୧୧ (ନି.ପ୍ର): ଚଳିତବର୍ଷ ଖରିଫ ଋତୁ ଧାନ ଅମଳ ହେଲାଣି । ଠିକ୍ ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ କେତେକ ଚାଷୀ ବିରୋଧି ବିଲ ସଂଗଠିତ ଚାଷୀମାନଙ୍କୁ ଅସୁବିଧାରେ ପକାଇଛି । ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ କୃଷକ ସଂଘର୍ଷ ସମିତି ଆହ୍ୱାନରେ ଓଡିଶାର କୃଷକ ସଭା ଓ କ୍ଷେତ ମୂଲିଆ ସଂଗଠନ ପକ୍ଷରୁ ଏକ ପ୍ରତିବାଦ ଦିବସ ବାଲେଶ୍ୱର ଜିଲାର ଜଳେଶ୍ୱର ବସ୍‌ଷ୍ଟାଣ୍ଡ ଠାରେ ଆଜି ଶନିବାର ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । କୃଷି କ୍ଷେତ୍ରରୁ କର୍ପୋରେଟ ହଟାଇବା, ୨୦୨୦ କୃଷି ଆଇନ୍‌କୁ ରଦ୍ଦ କରିବା, କୃଷକକୁ ଜମିର ଅଧିକାର ଦେବା, କଣ୍ଟ୍ରାକ୍ଟ ଫାର୍ମି ବନ୍ଦ କରିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଦେବା, ପ୍ରାଇଭେଟ ମଣ୍ଡି ହଟାଇବା, ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ୨୦୨୦କୁ ବାତିଲ କରିବା ଓ କୃଷକ ମାନଙ୍କୁ ଏକକାଳୀନ ଋଣମୁକ୍ତ କରିବା ଦାବିରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ପଂଜାବ, ହରିଆନା, ହିମାଚଳ ପ୍ରଦେଶ, ରାଜସ୍ଥାନ, କେରଳ ଓ ଉତ୍ତରା ପ୍ରଦେଶ ରାଜ୍ୟର ଚାଷୀମାନଙ୍କ ଦିଲ୍ଲୀ ମାର୍ଚ୍ଚକୁ ସମର୍ଥନ ସହ କୃଷକମାନଙ୍କ ଉପରେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରାଯାଇଥିଲା । ଏହି ସଭାରେ ଦିଲ୍ଲିପ କୁମାର ଗିରି, ଶିଶିର ହୁଇ, ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ଦିଲ୍ଲିପ ପରିଡା, ରବିନ୍ଦ୍ର ବାରିକ, ଜୀବନ ପରିଡା, ପ୍ରକାଶ ଦେ, ସବିତା ଭୂୟାଁ, ଶଂକର ଗୋଛାୟତ ପ୍ରମୁଖ ଚାଷୀ ବିରୋଧି ବିଲ ପ୍ରତ୍ୟାହାର ଦାବିରେ ବକ୍ତବ୍ୟ ରଖିଥିଲେ ।

# ପୌରାଞ୍ଚଳରେ ଭୋଟର ତାଲିକା ସଂଶୋଧନ ଆରମ୍ଭ



ବାଲେଶ୍ୱର,୨୮।୧୧ (ନି.ପ୍ର): ପୂର୍ବ ଘୋଷଣା ଅନୁସାରେ ବାଲେଶ୍ୱର ପୌରାଞ୍ଚଳରେ ଶନିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ। ପୌରପାଳିକାର ପ୍ରତ୍ୟେକ ବୁଥ ତଥା ୱାର୍ଡ଼ରେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଜାରି ରହିଥିବା ଦେଖିବାକୁ ମିଳିଛି। ବିଶେଷ କରି ନୂତନ ଭୋଟର ଯୋଗ, ମୃତ ହୋଇ ଯାଇଥିବା କିମ୍ବା ପୌରାଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଭୋଟରଙ୍କ ନାମ ତାଲିକାରୁ ବିୟୋଗ କରିବା ଓ ତାଲିକାରେ ଥିବା ଭୁଲ ନାମକୁ ସଂଶୋଧନ କରାଯାଉଅଛି। ଏହି କାର୍ଯ୍ୟ ଆଜି ଓ ଆସନ୍ତାକାଲି ଦୁଇଦିନ ଧରି ଚାଲିବା ସହିତ ଆସନ୍ତା ଡିସେମ୍ବର ମାସ ପ୍ରଥମ ସପ୍ତାହ ଶନିବାର ଓ ରବିବାର ଅର୍ଥାତ ମଧ୍ୟ ୫ ଓ ୬ ତାରିଖ ଦୁଇଦିନ ଜାରି ରହିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଭୋଟର ତାଲିକା ସଂଶୋଧନ କାର୍ଯ୍ୟକମ୍ରକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣ ଓ ରାଜ୍ୟନୈତିକ ଦଳ ପ୍ରତିନିଧିଙ୍କ ସହଯୋଗ କାମନା କରାଯାଇଛି। ଆସନ୍ତା ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଭୋଟରତାଲିକା ସଂଶୋଧନ କାର୍ଯ୍ୟ ହେଉଥିବା ଜଣାଯାଇଛି।

# ମୁନିଗୁଡା ପୋଲିସର ଜୁଆ ଆଡ୍ଡା ଉପରେ ଚଢାଉ

## ମହିଳାଙ୍କ ସମେତ ୧୪ ଜଣଙ୍କୁ ଅଟକ ରଖିବା ସହ ୩୭୩୫୦ ଟଙ୍କା, ୮ଟି ମୋବାଇଲ ଓ ଗୋଟିଏ ବାଇକ ଜବତ୍




ଗୁଣୁପୁର ,୨୮।୧୧ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ସଦର ମହକୁମା ଟିକରପଡା ଠାରେ ଶୁକ୍ରବାର ସନ୍ଧ୍ୟାରେ ଜୁଆଖେଳ ଚାଲୁଥିବା ଖବର ପାଇ ଏସ୍‌ଡିପି ଓ ଶ୍ରୀ ଆକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ, ଟିମ୍ ସହ ଯାଇ ହଠାତ ଜୁଆଖେଳ ଉପରେ ଚଢାଉ କରି ୩୩୩୫୦ ଟଙ୍କା, ୮ ଟି ମୋବାଇଲ ଫୋନ ଓ ଗୋଟିଏ ବାଇକ ସିଜ୍ କରିବା ସହ ୫ଜଣ ମହିଳା ସମେତ ୯ ଜଣ ପୁରୁଷ ଖେଳାଳୀଙ୍କୁ ଅଟକ ରଖି ଥାନାରୁ ବେଲରେ ଛଡାଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହି ଚଢାଉରେ ପୋଲିସ୍ ଟିମ୍‌ରେ ଆଇଆଇସି ଶ୍ରୀମତୀ ସୁଜ୍ଞାନୀ ସାହୁ, ଏସ୍ ଆଇ ଚନ୍ଦ୍ରମା ଶ୍ୱର, ପୋଲିସ ନିରନ ଦାଶ, ଶ୍ରୀ ନରସିଂହ ବ୍ୱେହେରା, ହୋମଗାର୍ଡ ସଦାଶିବ ମିଶ୍ର, କୁମାରୀ ସଙ୍ଗିତା ନୁଣ୍ଡୁକା ଏବଂ ଅନ୍ୟ ପୋଲିସ କର୍ମଚାରୀ ମାନେ ଚଢାଉରେ ସହଯୋଗ କରିଥିଲେ। ମୁନିଗୁଡା ଥାନାରେ ଜୁଆଖେଳରେ ମହିଳା ଧରାପଡିଥିବା ଏହା ପ୍ରଥମ ବୋଲି ସାଧାରଣରେ ଆଲୋଚନା ହେଉଛି। ଏସ୍‌ଡିପିଓ ଏଠାରେ ଯୋଗଦାନ ଦେବା ପରଠାରୁ ନିସ୍ୱାର୍ଥପର ଭାବେ ଯେପରି ଲୋକମାନଙ୍କ ସୁରକ୍ଷା ନିମନ୍ତେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛନ୍ତି ପୂର୍ବରୁ ଥିବା ଅଧିକାରୀଙ୍କ ନିତି ନିୟମ ଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ଥିବାରୁ ସାଧାରଣ ଜନତା ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରକାଶ ଥାଉକି ଏସ ଡିପିଓ ଶ୍ରୀ ସାହୁ ମୁନିଗୁଡାରେ ଲଜିଙ୍ଗ୍ ଓ ସାହି ମାନଙ୍କରେ ଚାଲୁଥିବା ଜୁଆଖେଳ ଉପରେ ତୀକ୍ଷ୍ଣ ଦୃଷ୍ଟରଖିଥିବା ଜଣାପଡିଛି।

# ଅବକାରୀ ବିଭାଗର ଚଢାଉ : ୧୩୮ ଲିଟର ଦେଶୀମଦ ଜବତ୍, ୫ ଗିରଫ

ଜଳେଶ୍ୱର, ୨୮/୧୧ (ନିପ୍ର) : ଜଳେଶ୍ୱରର ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଓମ୍ପା ମାରାଣ୍ଡିଙ୍କ ନେତୃତ୍ୱରେ ଏକ ଟିମ୍ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ୍ କରିବାରେ ସକ୍ଷମ ହୋଇଛନ୍ତି । ଆଜି ଏକ ଟିମ୍ ଜଳେଶ୍ୱର ସେକ୍‌ସରାଇ, ହମ୍ବଦନଗରପାଟଣା,ସୁଗୋ, ବାଣିଦା, ଝାଡେଶ୍ୱରପୁର ଗ୍ରାମଠାରେ ମଦଆଡ୍‌ଶ ଉପରେ ଚଢାଉ କରିଥିଲେ । ଏହିସ୍ଥାନ ମାନଙ୍କରୁ ୧୩୮ଲିଟର ଦେଶମଦ ଜବତ୍ ହେବା ସହିତ ଏକ ଗ୍ଲେମର ମଟରସାଇକେଲ ଓଡି୦୧-୯୧୫୪ ଜବତ୍ କରାଯାଇଛି । ଘଟଣାରେ ସଂପୃକ୍ତ ବିରେନ୍ଦ୍ର ସେଠୀ, ପ୍ରଫୁଲ୍ଲ ସେଠୀ, ବାହା ସିଂ, ରାଧୁ ଟୁଡୁ ଓ ଦଶ ଟୁଡୁକୁ ଗିରଫ କରାଯାଇଥିବା ଜଣାଯାଇଛି ।

## ଇପିଏଫଓ ପେନସନଭୋଗୀଙ୍କ ପାଇଁ ଜୀବନ ପ୍ରମାଣ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ୨୮ ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ଘୁଂଚିଲା

ନୂଆଦିଲ୍ଲୀ,୨୮।୧୧ (ନି.ପ୍ର): ବର୍ତ୍ତମାନର କୋଭିଡ- ୧୯ ମହାମାରୀ ଏବଂ ବୟସ୍କ ଜନସଂଖ୍ୟାଙ୍କ ପ୍ରତି କରୋନା ଭୂତାଣୁର ଅଧିକ ସଂକ୍ରମଣ ଆଶଙ୍କାକୁ ଆଖି ଆଗରେ ରଖି କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ) ପକ୍ଷରୁ ଜୀବନ ପ୍ରମାଣପତ୍ର ଦାଖଲ କରିବାର ଅନ୍ତିମ ତାରିଖକୁ ୨୮ ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଇପିଏସ ୧୯୯୫ ଅନ୍ତର୍ଗତ ପେନସନ ଉଠାଉଥିବା ତଥା ଯେଉଁମାନଙ୍କର ଫେବୃଆରୀ ୨୮, ୨୦୨୧ ସୁଦ୍ଧା ଜୀବନ ପ୍ରମାଣପତ୍ରର ଅବଧି ଶେଷ ହେଉଛି ସେମାନଙ୍କୁ ଏହି ସୁବିଧା ମିଳିପାରିବ। ବର୍ତ୍ତମାନ ପେନସନଭୋଗୀମାନେ ବର୍ଷର ୩୦ ନଭେମ୍ବର ସୁଦ୍ଧା ଯେକୌଣସି ସମୟରେ ଜୀବନ ପ୍ରମାଣପତ୍ର ଦାଖଲ କରିବାର ସୁବିଧା ପାଇପାରୁଛନ୍ତି, ଯାହାକି ଜାରି କରାଯିବାର ଏକ ବର୍ଷ ଅବଧି ପର୍ଯ୍ୟନ୍ତ ବୈଧ ରହିବ । ଏପରି ସମସ୍ତ ପେନସନଭୋଗୀମାନେ ଫେବୃଆରୀ ୨୮, ୨୦୨୧ ସୁଦ୍ଧା ସେମାନଙ୍କ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଜୀବନ ପ୍ରମାଣ ପତ୍ର ଦାଖଲ ପାଇଁ ବିଭିନ୍ନ ପ୍ରକାର ମାଧ୍ୟମ ରହିଛି । ୩.୬୫ ଲକ୍ଷ ଜନ ସେବା କେନ୍ଦ୍ର (ସିଏସସିଏସ), ପେନସନ ବିତରଣ କରୁଥିବା ବ୍ୟାଙ୍କ ଶାଖା, ଡାକ ବିଭାଗ ଅଧୀନରେ ଆସୁଥିବା ୧.୩୬ ଲକ୍ଷ ଡାକ ଘର, ୧.୯୦ ଲକ୍ଷ ପୋଷ୍ଟ ମ୍ୟାନ ଏବଂ ଗ୍ରାମୀଣ ଡାକ ସେବକଙ୍କ ମାଧ୍ୟମରେ ଏହା ଦାଖଲ କରାଯାଇପାରିବ ।

# ରାଜ୍ୟରେ ଆଉ ୧୨ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୭୩୦ ହେଲା

ଭୁବନେଶ୍ୱର,୨୮।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୩୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୪ ଜଣ, ଖୋର୍ଦ୍ଧା ଜିଲ୍ଲାର ୩ ଜଣ ଅଛନ୍ତି। ସେହିପରି ଅନୁଗୁଳ ଜିଲ୍ଲାରୁ ୨ ଜଣ ତଥା ବାଲେଶ୍ୱର, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାରୁ ଜଣେ ଜଣେ ଅଛନ୍ତି। ଅନୁଗୁଳ ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ବାଲେଶ୍ୱର ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଜଣେ ୬୮ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଜଣେ ୬୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱର ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲ୍ଲାର ଜଣେ ୫୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେହିପରି ଯାଜପୁର ଜିଲ୍ଲାର ୭୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସୁନ୍ଦରଗଡ ଜିଲ୍ଲାର ଜଣେ ୭୬ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି। ସୁନ୍ଦରଗଡ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୭୮ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo